


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୧ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 11 JUNE 2021
Vol.No. 32 ■ No. 148 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ଓଡ଼ିଶା ଛୁଇଁଲା ମୌସୁମୀ : ବିଭିନ୍ନ ସ୍ଥାନରେ ଆରମ୍ଭ ହେଲା ବର୍ଷା



ଭୁବନେଶ୍ୱର,୧୦/୦୬(ନି.ପ୍ର): ଓଡ଼ିଶା ଛୁଇଁଲା ମୌସୁମୀ । ଏହାର ପ୍ରଭାବରେ ଓଡିଶାର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଯାଇଛି । ରାଜ୍ୟର ୮ଟି ଜିଲ୍ଲାରେ ମୌସୁମୀ ଶହେ ପ୍ରତିଶତ ପ୍ରବେଶ କରିଛି । ସେପଟେ ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଲଘୁଚାପ । ଏହାର ପ୍ରଭାବରେ ୧୪ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ଆକଳନ କରିଛି ପାଣିପାଗ ବିଭାଗ । ୧୩ଟି ଜିଲ୍ଲାରେ ଅତି ପ୍ରବଳ ବର୍ଷା ନେଇ ସମ୍ଭାବନା ରହିଛି । ଆଉ ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛନ୍ତି ରାଜ୍ୟ ସକରାର । ବନ୍ୟା ପରିସ୍ଥିତି, ଭୂସ୍ଖଳନ ଭଳି ଆଶଙ୍କା ଥିବାରୁ ଏହାର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଭାରତୀୟ ଉପଗ୍ରହ ଦ୍ୱାରା ନିଆଯାଇଥିବା ଚିତ୍ର ବୟାନ କରୁଛି ବଙ୍ଗୋପସାଗର ଆକାଶରେ ବିରାଟ ଆକାରରେ ମେଘ ଛାଇଯାଇଛି । ବହୁ ସଂଖ୍ୟାରେ ବାଦଲର ଚିତ୍ର କହୁଛି ଆଗକୁ ପ୍ରବଳ ବର୍ଷା ଆସୁଛି । ଏହାର ପ୍ରଭାବରେ ଓଡିଶାର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଯାଇଛି । ବଡକଥା ହେଉଛି, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡିଶାରେ ପ୍ରବେଶ କରିଯାଇଛି । ଓଡିଶାର ୮ଟି ଜିଲ୍ଲାରେ ମୌସୁମୀ ଶହେ ପ୍ରତିଶତ ପ୍ରବେଶ କରିଛି । ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ନୂଆପଡା, ଗଜପତି ଓ ଗଞ୍ଜାମରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି । ସେପଟେ ୮ଟି ଜିଲ୍ଲାରେ ଆଂଶିକ ଭାବେ ମୌସୁମୀ ବାୟୁ ପ୍ରବେଶ କରିଛି । ବରଗଡ, ବଲାଙ୍ଗିର, ସୋନପୁର, ବୌଦ୍ଧ, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା ଓ ପୁରୀରେ ୪୮ ଘଂଟା ମଧ୍ୟରେ ସଂପୂର୍ଣ୍ଣ ମୌସୁମୀ ସକ୍ରିୟ ହୋଇଯିବ । ମୌସୁମୀ ବାୟୁ ସକ୍ରିୟ ହେବା ଓ ଅତ୍ୟଧିକ ବାଦଲ ଖଣ୍ଡ ଜମା ହେବା କାରଣରୁ ଓଡିଶାରେ ପ୍ରବଳ ବର୍ଷା ଆଶଙ୍କା କରାଯାଉଛି । ୧୦ଟି ଜିଲ୍ଲାରେ ପ୍ରଥମେ ଅତି ପ୍ରବଳ ବର୍ଷା ହେବ । ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ସୋନପୁର ,ବଲାଙ୍ଗିର, ନୟାଗଡ ଓ ଅନୁଗୁଳରେ ଅତି ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି । ୧୩ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ଆକଳନ କରାଯାଇଛି । ଭଦ୍ରକ, କେନ୍ଦ୍ରାପଡା, ଯାଜପୁର ଓ କଟକ ସମେତ ଏହି ୧୩ଟି ଜିଲ୍ଲାରେ ମଧ୍ୟ ମୁଷଳଧାରାରେ ବର୍ଷା ହେବ । ଆଗାମୀ ୨୪ଘଂଟା ମଧ୍ୟରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେଉଥିବାରୁ ବର୍ଷା ପରିମାଣ ବୃଦ୍ଧି ନେଇ ପୂର୍ବାନୁମାନ କରାଯାଇଛି । ତେବେ ଜଳସମ୍ପଦ ବିଭାଗ କହିଛି, ରାଜ୍ୟର ପ୍ରମୁଖ ଜଳଭଣ୍ଡାରଗୁଡିକରେ ବେଶୀ ପରିମାଣରେ ପାଣି ନାହିଁ, ତେଣୁ ବନ୍ୟା ହେବାର ଆଶଙ୍କା ନାହିଁ । ତେବେ ଫ୍ଲାସଫ୍ଲଡ ବା ହଠାତ୍ ନଈରେ ପାଣି ଆସି ମାଡିଯାଇପାରେ ।

## ବାତ୍ୟା ୟାସ୍ ପ୍ରଭାବିତ ଚାଷୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ୍ ଘୋଷଣା



ଭୁବନେଶ୍ୱର,୧୦/୦୬(ନି.ପ୍ର): ବାତ୍ୟା ୟାସ୍ ପ୍ରଭାବିତ ଚାଷୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ ଘୋଷଣା । ୩୩ ପ୍ରତିଶତ ବା ତାଠାରୁ ଅଧିକ ଫସଲ କ୍ଷତି ସହିଥିବା ଛୋଟ ଓ ନାମମାତ୍ର ଚାଷୀ ଙ୍କ ପାଇଁ ଇନପୁଟ ସହାୟତା ଘୋଷଣା କରିଛନ୍ତି ରାଜ୍ୟ ସରକାର । ଅଣଜଳସଚିତ ଅଞ୍ଚଳରେ ହେକ୍ଟର ପିଛା ୬୮୦୦, ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୩୫୦୦, ସବୁଦିନିଆ ଫସଲ ପାଇଁ ହେକ୍ଟର ପିଛା ୧୮୦୦୦ ଟଙ୍କା ଇନପୁଟ୍ ସହାୟତା ଦିଆଯିବ । ସବୁଦିନିଆ ଫସଲ ପାଇଁ ଚାଷୀ ମାନଙ୍କୁ ସର୍ବନିମ୍ନ ୨୦୦୦ ଟଙ୍କା ଓ ଅନ୍ୟ ଫସଲ ପାଇଁ ସର୍ବନିମ୍ନ ୧୦୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ମିଳିବ। ଏହାବାଦ୍ ଧାଡି ବୁଣା ଓ ଧାଡି ରୁଆ ଆଦି ଉନ୍ନତ ଚାଷ ପ୍ରଣାଳୀ ଅବଲମ୍ବନ କରୁଥିବା ଚାଷୀ ମାନଙ୍କୁ ୩୬ ହଜାର ଏକର ଜମି ପାଇଁ ହେକ୍ଟର ପିଛା ୧୫୦୦ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ। ୬୦,୦୦୦ ହେକ୍ଟର ଜମିରେ ରୋଗପୋକ ମାରିବା ପାଇଁ ଆବଶ୍ୟକତା ଭିତ୍ତିରେ ଇନପୁଟ ସବସିଡି ଚାଷୀ ମାନଙ୍କ ଆକାଉଣ୍ଟକୁ ଦିଆଯିବ। ଉନ୍ନତମାନର କୃଷି ଯନ୍ତ୍ରପାତି କିଣିବାପାଇଁ ପ୍ରଭାବିତ ଜିଲ୍ଲାରେ ଚାଷୀ ମାନଙ୍କୁ ୨୦ କୋଟି ଟଙ୍କାର ରିହାତି ଦିଆଯିବ। ବାତ୍ୟା ପ୍ରଭାବିତ ଅଞ୍ଚଳରେ ଚାଷୀ ମାନଙ୍କୁ ରିହାତି ଦରରେ ୨୦୦୦ ପମ୍ପସେଟ୍ ଓ ୩୦୦୦ ସ୍ପ୍ରେୟର ଯୋଗାଇ ଦିଆଯିବ। ପମ୍ପସେଟ୍ ପାଇଁ ୫୦ ପ୍ରତିଶତ ରିହାତିରେ ସର୍ବାଧିକ ୧୫,୦୦୦ ଟଙ୍କା, ପାୱାର ସ୍ପ୍ରେୟର ପାଇଁ ୫୦ ପ୍ରତିଶତ ▶▶ପୃଷ୍ଠା ୭

## କେବଳ ପୁରୀରେ ହେବ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା

### ଟିକାର ଦୁଇଟି ଡୋଜ୍ ନେଇଥିବା ସେବାୟତ ହେବେ ସାମିଲ



ପୁରୀ, ୧୦/୦୬(ନି.ପ୍ର): କରୋନା କାଳରେ ଚଳିତ ବର୍ଷ ବି ବିନା ଭକ୍ତରେ ହେବ ରଥଯାତ୍ରା । ଭକ୍ତଶୂନ୍ୟ ବଡଦାଣ୍ଡରେ କେବଳ ସେବାୟତ ଓ ପୁଲିସଙ୍କ ସହଯୋଗରେ ଚତୁର୍ଦ୍ଧାବିଗ୍ରହଙ୍କ ରଥ ଗଡିବ । ତେବେ କରୋନା କଟକଣା ଭିତରେ ସେବାୟତଙ୍କ ଦ୍ୱାରା ଶ୍ରୀଜିଉଙ୍କ ନୀତିକାନ୍ତି କରାଯିବ । ୨ଟି ଡୋଜ କରୋନା ଟିକା ନେଇଥିବା ସେବାୟତମାନେ ଏହି ଯାତ୍ରାରେ ସାମିଲ ହେବେ । ଯଦି ୨ଟି ଡୋଜ ଟିକା ନେଇ ନଥିବେ ତେବେ ଯାତ୍ରାର ୪୮ ଘଂଟା ପୂର୍ବରୁ ସେବାୟତଙ୍କ କରୋନା ଆରଟିପିସିଆର ନେଗେଟିଭ୍ ରିପୋର୍ଟ ଥିବା ଜରୁରୀ । ବିନା ଭକ୍ତରେ ହେବ ରଥଯାତ୍ରା । ୨ଟି ଡୋଜ୍ ଟିକା ନେଇଥିବା ସେବାୟତ ହେବେ ସାମିଲ । ମହାପ୍ରଭୁଙ୍କ ରଥଯାତ୍ରା ଯେତିକି ଯେତିକି ପାଖେଇ ଆସୁଛି, ସେତିକି ଜୋରରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ । ହେଲେ, କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଗତବର୍ଷ ଭଳି ଚଳିତ ବର୍ଷ ବି ବିନା ଭକ୍ତରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା କରିବାକୁ ନିଷ୍ପତି ନେଇଛନ୍ତି ସରକାର । ତେବେ ରଥଯାତ୍ରା କେମିତି ହେବ ▶▶ପୃଷ୍ଠା ୭

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୪୪ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୦/୦୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୪୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୩୧୬୭ ହୋଇ ଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୫ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ଅନୁଗୁଳ, ବରଗଡ୍, କଟକ, ଝାରସୁଗୁଡ଼ାରୁ ୪ ଜଣ ଲେଖାଏ, କଳାହାଣ୍ଡି, ▶▶ପୃଷ୍ଠା ୭

## ଛତିଶଗଡ଼ ଭିଲାଇରେ ଜୁମ୍ବୋ କୋଭିଡ୍ କେୟାର ସେଂଟରର ଲୋକାର୍ପିତ

### ସେଲ୍‌ର ସମସ୍ତ ହସ୍ପିଟାଲ ଗୁଡିକରେ ଏକ୍‌ମୋ ମେସିନ୍‌ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ଭୁବନେଶ୍ୱର,୧୦/୦୬ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଭିଡ଼ିଓ କନଫରେନ୍ସିଂ ଜରିଆରେ ଛତିଶଗଡ଼ରେ ସେଲର ଭିଲାଇ ଇସ୍ପାତ୍ କାରଖାନା ପରିସରରେ ଅକ୍ସିଜେନ୍ ସଂଯୁକ୍ତ ୧୧୪ ବେଡ୍ ବିଶିଷ୍ଟ ଜୁମ୍ବୋ କୋଭିଡ୍ କେୟାର ସେଂଟରର ଲୋକାର୍ପଣ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସେଲ୍ ଦ୍ୱାରା ପରିଚାଳିତ ରାଉରକେଲା ସମେତ ସମସ୍ତ ହସ୍ପିଟାଲ ଗୁଡିକରେ ଏକ୍‌ମୋ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଲୋକାର୍ପିତ ଏହି କୋଭିଡ୍ ହସ୍ପିଟାଲରେ ଆଗାମୀ ଦିନରେ ଦୁଇଟି ପର୍ଯ୍ୟାୟରେ ଅକ୍ସିଜେନ୍ ସଂଯୁକ୍ତ ବେଡ୍ ସଂଖ୍ୟା ୫୦୦କୁ ବଢ଼ାଯିବାର ଯୋଜନା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ତ୍ତମାନର ▶▶ପୃଷ୍ଠା ୭

## ମୁମ୍ବାଇରେ ପ୍ରବଳ ବର୍ଷାରେ ଭାଙ୍ଗିଲା କୋଠା : ୧୧ ଜଣଙ୍କ ମୃତ୍ୟୁ, ୧୮ ରୁ ଅଧିକ ଗୁରୁତର

ମୁମ୍ବାଇ,୧୦/୦୬: ମୁମ୍ବାଇ ପଶ୍ଚିମ ମଲାଡ ଅଞ୍ଚଳରେ ଗତକାଲି ରାତିରେ ବର୍ଷା କାରଣରୁ ବଡ ଦୁର୍ଘଟଣା ଦେଖିବାକୁ ମିଳିଛି । ଏଥିରେ ୧୧ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧୮ ଜଣ ଲୋକ ଗୁରୁତର ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ମୃତ ୧୧ ଜଣଙ୍କ ମଧ୍ୟରୁ ୮ ଜଣ ଛୋଟ ପିଲା ରହିଛନ୍ତି । କହିରଖୁ କି ଗତକାଲି ରାତିରେ ପ୍ରବଳ ବର୍ଷା କାରଣରୁ ମୁମ୍ବାଇ ପଶ୍ଚିମ ମଲାଡ ଅଞ୍ଚଳରେ ଥିବା କଲେକ୍ଟର କମ୍ପାଉଣ୍ଡରେ ଏକ ୪ ମହଲା ବିଶିଷ୍ଟ କୋଠା ଭୂଷୁଡି ପଡିଥିଲା । ଖବର ପାଇ ଉଦ୍ଧାରକାରୀ ଦଳ ସେଠାରେ ପହଂଚି ୧୮ ଜଣ ଲୋକଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିବା ବେଳେ ୧୧ ଜଣ ଲୋକଙ୍କ ମୃତ ଦେହ ଉଦ୍ଧାର କରାଯାଇଛି । ସବୁଠାରୁ ଦୁଃଖର କଥା ମୃତ୍ୟୁ ହୋଇଥିବା ୧୧ ଜଣଙ୍କ ମଧ୍ୟରୁ ୮ ଜଣ ଛୋଟ ପିଲା ରହିଛନ୍ତି । ▶▶ପୃଷ୍ଠା ୭

## ପଶ୍ଚିମବଙ୍ଗରେ ଜାରି ରହିବ 'ଖେଳା ହବେ'

ପଶ୍ଚିମବଙ୍ଗ,୧୦/୦୬: 'ଖେଳା ହବେ', ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ରାଜ୍ୟର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଏହି ଡାଇଲଗ ବେସ ଲୋକପ୍ରିୟ ହୋଇଥିଲା । ନିର୍ବାଚନ ବେଳେ ଓ ନିର୍ବାଚନ ପରେ ଶାସକ ଓ ବିରୋଧୀ ନେତାଙ୍କ ଭାଷଣରେ ନିଶ୍ଚିନ୍ତ ଭାବେ ସ୍ଥାନ ପାଉଥିଲା ଏହି ଡାଇଲଗ । ଦିଦିଙ୍କ ଖେଲା ହବେ ଓ ମୋଦିଙ୍କ ଖେଲ ଖତମ୍ ଡାଇଲଗ ପଶ୍ଚିମବଙ୍ଗ ଭୋଟର ମାନଙ୍କ ପାଖରେ ବେସ ମାନିଆ ପାଲଟି ଯାଇଥିଲା । ନିର୍ବାଚନ ସରିଗଲା, ଭୋଟ ଫଳାଫଳ ବି ପ୍ରକାଶ ପାଇଲା । ହେଲେ ଖେଲାହବେ ଭଳି ଲୋକପ୍ରିୟ ଡାଇଲଗକୁ ଜୀବିତ ରଖିବାକୁ ମମତା ବାନାର୍ଜୀ ଏବେ ଖେଲା ହବେ ନାମରେ ଏକ ଯୋଜନା ପ୍ରସ୍ତୁତ କରିଦେଲେ । ରାଜ୍ୟରେ କ୍ରୀଡାର ବିକାଶ ଓ ଖେଳାଳୀଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷରେ ମୁଖ୍ୟମନ୍ତ୍ରୀ 'ଖେଲା ହବେ ' ନାମରେ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି । ଏହି ଯୋଜନା ଅଧିନରେ ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗ ପ୍ରତି କ୍ଲବକୁ ଫୁଟବଲ୍ ବଣ୍ଟନ କରିବ , ଯାହାଦ୍ୱାରା ଖେଳାଳୀ ମାନେ ଖେଳରେ ଉନ୍ନତି କରିବେ ବୋଲି କୁହାଯାଇଛି ।

## ଆନ୍ଦୋଳନରେ ଯୋଗଦେବାକୁ ହରିଆଣାରୁ ବାହାରିଲେ ୫ ହଜାର କୃଷକ



ନୂଆଦିଲ୍ଲୀ,୧୦/୦୬: ପୁଣିଥରେ କୃଷକ ଆନ୍ଦୋଳନ ଜୋରଦାର ହେବ । ଦିଲ୍ଲୀ ସୀମାରେ ଦେଖିବାକୁ ମିଳିବ ହଜାର ହଜାର କୃଷକଙ୍କ ଭିଡ । ଏଭଳି ଅନୁମାନ ଲଗାଯାଉଛି ଏଥିପାଇଁ କି ଆଜି ହରିଆଣାର ପାନିପତରୁ ୫ ହଜାରରୁ ଅଧିକ କୃଷକ ଆନ୍ଦୋଳନରେ ଯୋଗ ଦେବାକୁ ବାହାରିଛନ୍ତି । ସେମାନଙ୍କୁ ବିଦାୟ ଦେବା ଅବସରରେ ଶହ ଶହ ମହିଳା ଓ ପୁରୁଷ ସେମାନଙ୍କ ଉପରେ ଫୁଲ ବର୍ଷା କରି ଆନ୍ଦୋଳନ ସ୍ଥଳକୁ ବିଦାୟ ଦେଇଛନ୍ତି । ଲଗାତର ୬ ମାସରୁ ଉର୍ଦ୍ଧ ହେବ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ୩ ଟି କୃଷି ଆଇନକୁ ବିରୋଧ କରି ଦିଲ୍ଲୀର ବିଭିନ୍ନ ସୀମାରେ କୃଷକମାନେ ଆନ୍ଦୋଳନ ଜାରି ରଖିଛନ୍ତି । କୃଷକ ମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ କରନାଲ, ▶▶ପୃଷ୍ଠା ୭

## ପଦାରେ ପଡ଼ିଲା କୋଭିଡ୍ ମୃତ୍ୟୁର ସତ

### କୋର୍ଟଙ୍କ ହସ୍ତକ୍ଷେପ ପରେ ସତ ମାନିଲା ବିହାର, ତାଲିକାରେ ଯୋଡ଼ା ହେଲା ଆଉ ୩୯୫୧

ନୂଆଦିଲ୍ଲୀ,୧୦/୦୬: ସାମ୍ନାକୁ ଆସୁଛି କୋଭିଡ୍ ମୃତ୍ୟୁର ସତ । କରୋନା ମୃତ୍ୟୁକୁ ନେଇ ସମସ୍ତଙ୍କ ସନ୍ଦେହ ଭିତରେ ଆଜି ବିହାର ଦୀର୍ଘ ଦିନ ହେଲା ଲୁଚେଇ ଆସୁଥିବା ମୃତ୍ୟୁର ତଥ୍ୟ ସାମ୍ନାକୁ ଆସିଛି । ଫଳରେ ଗୋଟିଏ ଦିନରେ ଭାରତରେ କରୋନ ମୃତ୍ୟୁ ସଂଖ୍ୟା ୬ ହଜାର ଟପିଯାଇଛି । ଯାହା ସର୍ବକାଳୀନ ରେକର୍ଡ । କୋର୍ଟ ତାଗିଦ୍ ପରେ ବିହାର ସରକାର କରୋନା ମୃତ୍ୟୁରେ ସଂଶୋଧନ କରିଛନ୍ତି । ଯାହା ଫଳରେ ଗଣନା କରାଯାଇନଥିବା ୩ ହଜାର ୯୫୧ଟି ମୃତ୍ୟୁକୁ ତାଲିକାରେ ଯୋଡ଼ା ଯାଇଛି । ଯାହା ଫଳରେ ବିହାରରେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୯ ହଜାର ୪୦୨୯ ଛୁଇଁ ଯାଇଛି । କେବଳ ବିହାର ନୁହେଁ ଭାରତର ଅନେକ ଦେଶରେ କରୋନା ମୃତ୍ୟୁକୁ ନେଇ ତଥ୍ୟ ଲୁଚାଯାଉଥିବା ଦେଖିବାକୁ ମିଳିଛି । ମହାରାଷ୍ଟ ସରକାର ମଧ୍ୟ କୋଭିଡ ମୃତ୍ୟୁର ସଂଶୋଧିତ ତାଲିକା ପ୍ରକାଶ କରିଛନ୍ତି । ଆଉ ବିଗତ ୧୨ ଦିନରେ ଗଣନା କରାଯାଇନଥିବା ୫ ହଜାର ମୃତ୍ୟୁକୁ ତାଲିକା ଭୁକ୍ତ କରାଯାଇଛି ।

## ଭୁବନେଶ୍ୱର ଏମସ୍‌କୁ ଆସିବ ୨ଟି ଇକମୋ



ଭୁବନେଶ୍ୱର,୧୦/୦୬ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଏମ୍‌ସକୁ ୨ଟି ଇକ୍‌ମୋ ମେସିନ ଆସିବ। ପ୍ରଥମ ଇକ୍‌ମୋ ମେସିନ ଚଳିତମାସ ଶେଷ ସୁଦ୍ଧା ଲାଗିବ। ପରବର୍ତ୍ତୀ ସମୟରେ ଅନ୍ୟ ଇକ୍‌ମୋ ମେସିନଟି କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦେଇଛନ୍ତି ଭୁବନେଶ୍ୱର ଏମ୍‌ସ ଅଧୀକ୍ଷକ ସଚ୍ଚିଦାନନ୍ଦ ମହାନ୍ତି। ସେ କହିଛନ୍ତି ଯେ ଇକ୍‌ମୋ ପରିଚାଳନା ପାଇଁ ଏମ୍ସ ଅଧିକ ଟେକ୍ନିସିଆନ ନିଯୁକ୍ତ କରୁଛି। ଏବେ କେତେକ ଅଧ୍ୟାପକଙ୍କୁ ମେସିନ ପରିଚାଳନା ତାଲିମ ଦିଆଯାଇଛି। ଉଲ୍ଲେଖ୍ୟଯୋଗ୍ୟ ମହାମାରୀ କରୋନାରେ ଗୁରୁତର ହେଉଥିବା ରୋଗୀଙ୍କ ପାଇଁ ଇକ୍‌ମୋ କାର୍ଯ୍ୟକାରୀ ସାବ୍ୟସ୍ତ ହୋଇଛି। ତେବେ ଓଡ଼ିଶାରେ ଇକ୍‌ମୋ ମେସିନ୍ ବ୍ୟବସ୍ଥା ନଥିବାରୁ ଗୁରୁତର ରୋଗୀଙ୍କୁ ରାଜ୍ୟ ବାହାରକୁ ଏୟାରଲିଫ୍ଟିଂ କରାଯାଉଛି।

## ବନ୍ୟା ଆଶଙ୍କା : ଆଗୁଆ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୦/୦୬(ନି.ପ୍ର): ରାଜ୍ୟରେ ବଡ ଧରଣର ବର୍ଷା ଆଶଙ୍କା ଥିବାରୁ ଏ ନେଇ ସହରାଂଚଳରେ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି.ମାଥିଭାଥନନ ଜିଲ୍ଲାପାଳମାନଙ୍କୁ କହିଛନ୍ତି। ପ୍ରତ୍ୟେକ ପୌରାଂଚଳକୁ ପୂର୍ବରୁ ପଠାଯାଇଥିବା ୧୯ଟି ନିର୍ଦ୍ଦେଶନାମାକୁ ପାଳନ ପାଇଁ ଏଥିରେ କୁହାଯାଇଛି । ଏଥିରେ ସହରାଂଚଳରେ ବନ୍ୟାଭଳି ସ୍ଥିତି ଉପୁଜିଲେ ତାହାର ମୁକାବିଲା ପାଇଁ କଂଟ୍ରୋଲରୁମ୍ ପ୍ରତିଷ୍ଠା ସହିତ ସେଠାରେ ଜଣେ ନୋଡାଲ ଅଫିସରଙ୍କୁ ମୁତୟନ କରିବାଲାଗି କୁହାଯାଇଛି । ଏହି କଂଟ୍ରୋଲରୁମ ୨୪ଘଂଟା କାର୍ଯ୍ୟ କରିବା ସହିତ ସାଧାରଣ ଲୋକଙ୍କ ଅଭିଯୋଜ୍ଞ ଗ୍ରହଣ କରିବ । ସେହିଭଳି ବନ୍ୟା ସ୍ଥାନ ଚିହ୍ନଟ ସହିତ ଏହାର ପରିଚାଳନା ପାଇଁ ଟିମ୍ ଗଠନ କରିବା, ଡ୍ରେନ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି । ▶▶ପୃଷ୍ଠା ୭

## ଗଛରେ ପିଟିଲା କାର୍ : ଦମ୍ପତି ମୃତ, ୩ ଗୁରୁତର

ବୌଦ୍ଧ,୧୦/୬ (ନି.ପ୍ର): ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ଅନ୍ତର୍ଗତ ଝାଡ଼ରାଜିଙ୍ଗ ନିକଟରେ ଆଜି ସକାଳେ ଏକ କାର୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଗଛରେ ଧକ୍କା ଦେଇଛି । ଫଳରେ ସ୍ୱାମୀ, ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁର୍ଘଟଣାରେ ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ବ୍ରହ୍ମପୁର ରାଇପଡା ଅଂଚଳର ୫ ଜଣ କାର୍ ନଂ ଓଡ଼ି୧୬-୦୯୧୦ ଯୋଗେ ରାଉରକେଲା ଅଭିମୁଖେ ଯାଉଥିବା ବେଳେ ଚାରିଛକ ନିକଟସ୍ଥ ଝାଡ଼ରାଜିଙ୍ଗ ଠାରେ କାର୍ ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଏକ ଗଛରେ ଧକ୍କା ଦେଇଥିଲା । ଏଥିରେ ଘଟଣାସ୍ଥଳରେ ପତି ପତ୍ନୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଥିଲେ । ଗୁରୁତର ମାନଙ୍କୁ ପ୍ରଥମେ ପୁରୁଣା କଟକ ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ ବୌଦ୍ଧ ମେଡ଼ିକାଲରେ ଭର୍ତି କରାଯାଇଛି । ମୃତ ଦମ୍ପତି ହେଲେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅଧିନ ମନ୍ଦାର ଗାଁର ସୁରେନ୍ଦ୍ର ନାଏକ ଓ ତାଙ୍କ ପତ୍ନୀ ନମିତା ନାଏକ। ପୁରୁଣା କଟକ ପୋଲିସ ଘଟଣାର ତଦନ୍ତ ଚଳାଇଛି ।

## ହାତଗୋଡ଼ ବନ୍ଧା ଅବସ୍ଥାରେ କୂଅରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର : ହତ୍ୟା ସନ୍ଦେହ

ଗଞ୍ଜାମ,୧୦/୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଜିରାବାଡ଼ି ଗ୍ରାମରେ ଗତକାଲି ବିଳମ୍ବିତ ବୁଲୁ ସାହୁ ନାମକ ଜଣେ ବୃଦ୍ଧଙ୍କୁ ଘର ଭିତରେ ଥିବା କୂଅରେ ପକାଇ ହତ୍ୟା କରାଯାଇଥିବା ଖବର ମିଳିଛି । ଏହାପରେ ପରିବାର ଲୋକେ ସାଇପଡ଼ିଶା ଲୋକଙ୍କୁ ବୃଦ୍ଧ ଜଣକ କୂଅରେ ପଡିଯାଇଛନ୍ତି ବୋଲି କହିଥିଲେ । ସ୍ଥାନୀୟ ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି କୂଅରୁ ହାତଗୋଡ଼ ବନ୍ଧା ଅବସ୍ଥାରେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଥିଲା । ପାରିପାର୍ଶ୍ୱିକ ସ୍ଥିତି ଓ ପ୍ରାଥମିକ ତଦନ୍ତରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ପୋଲିସ ମୃତକଙ୍କ ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ରିପୋର୍ଟ ଅପେକ୍ଷାରେ ରହିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାକାଣ୍ଡ ବାବଦରେ ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ ସୂଚନା ଦେଇଛି । ତେବେ ତାଙ୍କ ଦୁଇ ପୁଅଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଚଳାଇଛି ପୋଲିସ । ଅନ୍ୟପକ୍ଷରେ ସାଇପଡ଼ିଶାଙ୍କ ନିକଟରୁ ଖବର ନେବାରୁ ଜଣାପଡିଛି, ବୃଦ୍ଧ ଜଣକ ଶ୍ରମିକ ଶ୍ରେଣୀର । ସେ ପ୍ରତ୍ୟେହ ରାତିରେ ମଦ୍ୟପାନ କରି ଘରକୁ ଫେରୁଥିଲେ ଓ ନିଶାସକ୍ତ ଅବସ୍ଥା ପରିବାର ଲୋକଙ୍କ ସହିତ ବଚସା କରୁଥିଲେ । ଗତକାଲି ରାତିରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ପରିବାର ଲୋକଙ୍କ ସହିତ ବଚସା କରିଥିବା ଜଣାପଡିଛି । ପୋଲିସ ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

## ପୂର୍ବ ଶତ୍ରୁତାକୁ ନେଇ ପରିବାରକୁ ମରଣାନ୍ତକ ଆକ୍ରମଣ : ୨ ଗିରଫ

ଧର୍ମଶାଳା,୧୦/୬ (ନି.ପ୍ର): ପୂର୍ବ ଶତୃତାକୁ ନେଇ ଗୋଟିଏ ପରିବାରକୁ ମାରଣନ୍ତକ ଆକ୍ରମଣ । ଏହି ଘଟଣାରେ ଉଭୟ ପକ୍ଷରୁ ମୋଟ ୮ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ମଙ୍ଗଳପୁର ପଂଚାୟତସ୍ଥ ମଦିନାବାଗ ଗ୍ରାମରେ । ଏହି ଗ୍ରାମର ମୋଇଉଦ୍ଦିନଙ୍କ ପରିବାର ଉପରେ ୨୫ରୁ ଉର୍ଦ୍ଧ ଲୋକେ ଘରେ ପଶି ମାରଣନ୍ତକ ଆକ୍ରମଣ କରିଛନ୍ତି । ଏହି ଘଟଣାରେ ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରିଛି । ଆସନ୍ତା କାଲି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଦାଶରଥୀ ପାତ୍ର ସୂଚନା ଦେଇଛନ୍ତି । ସୂଚନା ମୁତାବକ ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ମଦିନାବାଗ ଗ୍ରାମର ମୋଇଉଦ୍ଦିନଙ୍କ ପୁଅ କିଛି ଦିନ ପୂର୍ବେ ବ୍ରହ୍ମବରଦା ଗ୍ରାମର ତଜମୁଲଙ୍କ ଝିଅକୁ ପ୍ରେମ ଜାଲରେ ଫସାଇ ବିବାହ କରିଥିଲେ । ତାହାକୁ ନେଇ ସେହି ଦିନଠାରୁ ଉଭୟ ପରିବାର ମଧ୍ୟରେ ତିକ୍ତତା ଲାଗି ରହିଥିଲା । ତିନି ଦିନ ପୂର୍ବେ ଉଭୟଙ୍କ ମଧ୍ୟରେ ଏହି ତିକ୍ତତା ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ସ୍ଥାନୀୟ ଭଦ୍ର ଲୋକଙ୍କ ଉପସ୍ଥିତିରେ ସମାଧାନ ହୋଇଥିଲା । ତେବେ ଆଜି ସକାଳେ କୌଣସି କାରଣରୁ ଉଭୟ ପରିବାରଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇ ଉଗ୍ରରୂପ ନେଇଥିଲା । ତଜମୁଲଙ୍କ ପରିବାର ଓ ବନ୍ଧୁ ଏବଂ ସାହି ପଡିଶା ଲୋକେ ମୋଇଉଦ୍ଦିନଙ୍କ ପରିବାର ଉପରେ ଆତର୍କୀତ ଆକ୍ରମଣ କରିଥିଲେ । ମୋଇଉଦ୍ଦିନଙ୍କ ପରିବାର ପକ୍ଷରୁ ଜୀବନ ବଂଚାଇବା ଲାଗି ପାଲଟା ଆକ୍ରମଣ କରିଥିଲେ । ଏହି ଘଟଣା ଉଗ୍ର ରୂପ ନେଇଥିବାରୁ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିପାରି ନଥିଲେ । ଆକ୍ରମଣ କରିବା ପରେ ସମସ୍ତେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏହି ଆକ୍ରମଣରେ ମୋଇଦ୍ଦିନଙ୍କ ପରିବାରର ତାଙ୍କ ବୁଢୀ ମାଆ,ଭାଇ ଓ ପୁଅଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ବୁଢୀ ମାଆ,କଲୋ, ଜଲୋ ଓ ନାୟା ପ୍ରମୁଖ ଗୁରୁତର ଆହତ ହୋଇଥିଲେ । ରକ୍ତଜୁଡୁବୁଡୁ ଅବସ୍ଥାରେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଅଯାଇଥିଲା । ସେଠାରେ ବୁଢୀ ମାଆଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି । ସେପଟେ ଏହି ପାଲଟା ଆକ୍ରମଣରେ ତଜମୁଲଙ୍କ ପରିବାର ଅଜମଲ,ଆତିକ ଓ ଟିକନ ପ୍ରମୁଖ ଆହତ ହୋଇଥିଲେ । ଏନେଇ ବ୍ରହ୍ମବରଦା ଫାଣ୍ଡିରେ ମୋଇଉଦ୍ଦିନଙ୍କ ପରିବାର ନରଗିସ ପରୱିନ ୩୦ରୁ ଉର୍ଦ୍ଧ ଲୋକଙ୍କ ନାମରେ ଅଭିଯୋଗ କରିଛନ୍ତି । ଏବଂ ପୋଲିସ ୨୯୬/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ଏହି ଘଟଣାରେ ୨ଜଣ ଯୁବକକୁ ଗିରଫ କରିଛି । ସେମାନେ ହେଲେ ରାଜା ଖାଁନ ଓ ସେକ୍ ଅଫତାଉଲ୍ଲା ବୋଲି ଜଣାପଡିଛି । ଅନ୍ୟପକ୍ଷେ ଏହି ଘଟଣାରେ ପାଲଟା ଅଭିଯୋଗ ହୋଇନ ଥିବା ଜଣାପଡିଛି । ଆସନ୍ତା କାଲି ଏହି ଦୁହିଁଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଡି ଦାଶରଥୀ ପାତ୍ର ସୂଚନା ଦେଇଛନ୍ତି ।

## ଦେଖାଶୁଣା ଅଭାବରୁ ଭୁଶୁଡି ପଡିବ ୧୨୬ ବର୍ଷର ପ୍ରାଥମିକ ବିଦ୍ୟାଳୟ

କେନ୍ଦ୍ରାପଡା,୧୦/୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଆନ୍ତର୍ଗତ ଆୟବା ଫଂଚାୟତ ଅଧିନ ଆୟବା ପ୍ରାଥମିକ ବିଦ୍ୟାଳୟ ୧୨୬ ବର୍ଷ ତଳେ ୧୮୯୫ ମସିହାରେ ସ୍ଥାପନ କରାଯାଇଥିଲା । ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶହ ଶହ ସ୍ଥାନୀୟ ଅଂଚଳର ଛାତ୍ରଛାତ୍ରୀ ଏଠାରୁ ଶିକ୍ଷାଲାଭ କରି ସମାଜର ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଥିବା ବେଳେ ବର୍ତମାନର ବିଦ୍ୟାଳୟର ଅବସ୍ଥା ଭୂତକୋଠିରେ ପରିଣତ ହେଲାଣି । ଆଂଶିକ ଭାଙ୍ଗିରୁଜି ଯାଇଥିବା ବିଦ୍ୟାଳୟର ଗୃହ ଗୁଡିକ ଅକାମୀ ହୋଇଥିବା ବେଳେ ମାତ୍ର ୨ଟି କୋଠରୀରେ ୧୩୫ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ୪ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏହି ଅଂଚଳର ପ୍ରାଚୀନ ବିଦ୍ୟାଳୟରେ ୭ଟି ଶ୍ରେଣୀରେ ଶୀକ୍ଷାଦାନ କରି କୌଣସି ପ୍ରକାର ସ୍କୁଲକୁ ବଂଚାଇ ରଖିଛନ୍ତି । ବର୍ଷର ଅନ୍ୟ ସମୟ ମାନଙ୍କରେ ପିଲାମାନେ ବାରଣ୍ଡାରେ ଓ ଗଛମୂଳେ ପାଠ ପଢୁଥିବା ବେଳେ ବର୍ଷା ଋତୁରେ ବିଦ୍ୟାଳୟ ଅବସ୍ଥା ଶୋଚନୀୟ ହୋଇପଡେ । ସ୍ଥାନୀୟ ସରପଂଚଙ୍କ ଠାରୁ ଗ୍ରାମାବସୀ ମାନେ ଶିକ୍ଷା ବିଭାଗ ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ବାରମ୍ବାର ନିବେଦନ କଲେ ମଧ ଅବସ୍ଥାର କୌଣସି ପରିବର୍ତନ ହୋଇନାହିଁ । ତୁରନ୍ତ ଏହି ପ୍ରଚୀନ ବିଦ୍ୟାଳୟର ସମସ୍ୟା ସମାଧାନ କରିବାକୁ ସରୋଜକାନ୍ତ ପାଣି, ବିରେନ୍ଦ୍ର ଦାସ, ଶିବ ପ୍ରସାଦ ସ୍ୱାଇଁ, ବାସୁଦେବ ଦାସ ପ୍ରମୁଖ ଦାବି କରିଛନ୍ତି

## ଝାରସୁଗୁଡା ଜିଲ୍ଲା କୋଭିଡ ହସ୍ପିଟାଲରେ ଆଉ ୨୦ଟି ଆଇସିୟୁ ଶଯ୍ୟାର ଲୋକାର୍ପଣ

ଝାରସୁଗୁଡା,୧୦/୬ (ନି.ପ୍ର): ଆଜି ଝାରସୁଗୁଡା ଜିଲ୍ଲା କୋଭିଡ ହସ୍ପିଟାଲରେ ଅତିରିକ୍ତ ଆଉ ୨୦ ଟି ଆଇସିୟୁ ବିଶିଷ୍ଟ ଶଯ୍ୟା,୪୦ ଟି ଓକ୍ସିଜେନ ପାଇପ୍ ଲାଇନ ସପୋର୍ଟ ଶଯ୍ୟା ସହ ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ପାଇଁ ଗୋଟିଏ ଆଇସିୟୁ ଯୁକ୍ତ ଆମ୍ବୁଲାନ୍ସ ଲୋକାର୍ପଣ କରାଯାଇଛି ।ଆଜି ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠିରୁ ଏହି ସମସ୍ତ ସୁିଧାକୁ ଭର୍ଚୁଆଲ୍ ମୋଡରେ ସ୍ୱାସ୍ଥ୍ୟମନ୍ତ୍ରୀ ନବଦସ ଉଦଘାଟନ କରିଛନ୍ତି । ଝାରସୁଗୁଡା ଜିଲ୍ଲା କୋଭିଡ ହସ୍ପିଟାଲରେ ଶଯ୍ୟାସଂଖ୍ୟା ବୃଦ୍ଧି ସହ ଆସିୟୁ ବେଡ ସଂଖ୍ୟା ମଧ ବୃଦ୍ଧି ପାଇଥିବା ବେଳେ ଖୁବଶୀଘ୍ର ବନ୍ଧବାହାଲଠାରେ ୧୫୦ ଶଯ୍ୟା ବିଶିଷ୍ଟ ଅନ୍ୟ ଏକ କୋଭିଡ ହସ୍ପିଟାଲ ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବଦାସ ସୂଚନା ଦେବା ସହିତ ଏହା ଆଗାମୀ ସମ୍ଭାବ୍ୟ ତୃତୀୟ ଲହର ପୂର୍ବରୁ ସରକାର ସଜାଗ ରହି ସମସ୍ତ ପ୍ରସ୍ତୁତି ଅରମ୍ଭ କରି ଦେଇଛନ୍ତି ବୋଲି କହିଛନ୍ତି ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳସଚିବ ବଦଳିଲେ

ଗଞ୍ଜାମ,୧୦/୬ (ନି.ପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଭାବେ ପ୍ରଦୀପ କୁମାର ମିଶ୍ର (ଓଏଏସ) ଙ୍କୁ ଅବସ୍ଥାପିତ କରାଯାଇଛି । ଶ୍ରୀ ମିଶ୍ର ଦକ୍ଷିଣାଂଚଳ ରାଜସ୍ୱ କମିଶନରଙ୍କ ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଥିଲେ । ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ଶୁଣାଣି ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପରବର୍ତି ସମୟରେ ଏହି ନୂତନ ନିଯୁକ୍ତି ସଂକ୍ରାନ୍ତରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କୁହାଯାଇଛି । ବର୍ତମାନ ରଞ୍ଜନ କୁମାର ବିଶ୍ୱାଳ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଭାବେ ଦାୟୀତ୍ୱ ତୁଲାଉଛନ୍ତି ।

## ୪୨ରୁ ୩୮ ରଥଚକ ନିର୍ମାଣ ଶେଷ

ପୁରୀ,୧୦/୬ (ନି.ପ୍ର): ରଥଖଳାରେ ୩ ରଥ ନିର୍ମାଣ ଆଗେଇଚାଲିଛି । ୩ ରଥ ର ସମୁଦାୟ ୪୨ଟି ଚକ ରୁ ୩୮ଟି ଚକ ନିର୍ମାଣ ଶେଷହୋଇଛି । ଆଜି ରଥଖଳା ରେ୧୯୬ ଜଣ ସେବାୟତ କାମ କରୁଥିଲେ । ସେମାନଙ୍କ ମଧ୍ୟରୁ ୩ ରଥ ପାଇଁ ୭୭ ଜଣ ମହାରଣା, ଭୋଇସେବକ ୭୫ଜଣ,କରତି ସେବକ ୪ଜଣ,ପାହି ମହାରଣା ୧ଜଣ, କମାର ସେବକ୧୭ଜଣ, ଚୂନ୍ଧ ବିନ୍ଧ କାରିଗର ,ରୂପକାର ସେବକ ୧୯ଜଣ ଓ ରଥ ଖଳା ସହାୟକ୧ଜଣ କାମ କରୁଥିଲେ କ୍ଷ ଆଜି ସୁଧା ତିନିରଥର ୩୮ ଗୋଟି ଚକ ନିର୍ମାଣ ଶେଷ ହୋଇଅଛି ।ଯନ୍ତାଗାଡ଼ ରେ ତିନିରଥର ଶେଷତିନି ଚକ ତୁମ୍ବରେ ସିଙ୍ଗଡ଼ା କଂଟାବାଡ଼ିଆ କାର୍ଯ୍ୟ ଶେଷ ହୋଇଛି କ୍ଷ ତିନିରଥର ପାଂଚ ଦଣ୍ଡା ଚଉପଟ ହୋଇ ସାଲ କାମ ଶେଷ ହୋଇଅଛି । ତିନିରଥର ପାର୍ଶ୍ୱ ଦଣ୍ଡା ଚଉପଟକାର୍ଯ୍ୟ ଚାଲୁଅଛି । ତିନିରଥ ଚାରିନାହାକା ଶେଷ ହୋଇଛି । ତିନିରଥର ଦଣ୍ଡାରେ ଖଞ୍ଜା ହେବା ପାଇଁ ଆଗ ମୁହାଁଟ, ପଛ ମୁହାଁଟ ରେ ବିନ୍ଧ ଖୋଦେଇ ଶେଷହୋଇଛି । ତାଳଧ୍ୱଜ ରଥ, ନନ୍ଦିଘୋଷ ରଥର ଗରଗରା ଚଉପଟ କାମ ଚାଲୁ ରହିଛି । ଦେବଦଳନ ରଥର ଗରଗରାଚଉପଟ ସରି ବିନ୍ଧ ଖୋଦେଇ ଚାଲୁଅଛି । ଦେବଦଳନ ରଥର ତିନୋଟିଡମକ' ରୁଏକଟିରଚଉପଟ କାର୍ଯ୍ୟଶେଷ ପର୍ଯ୍ୟାୟରେ । ତାଳଧ୍ୱଜ ରଥର ୧୬ ଟି କୋଣଗୁଜମଧ୍ୟରୁ ୧୩ ଟିରେ ସିଂହ ବିରାଳରୂପଖୋଦେଇ କାର୍ଯ୍ୟ ଶେଷ ହୋଇଛି କ୍ଷ ଶେଷେ ୩ ଟିକୋଣଗୁଜରେରୂପ ଖୋଦେଇ କାର୍ଯ୍ୟ ଜାରୀରହିଛି । ଦେବଦଳନ ରଥର ୧୨ ଗୋଟିକୋଣଗୁଜ ମଧ୍ୟରୁ ୮ ଟି କୋଣଗୁଜରେ ରୂପ ଖୋଦେଇ ଶେଷ ହୋଇଛି। ଆଉ ୨ଟି କୋଣଗୁଜରେ ରୂପ ଖୋଦେଇ ସରି ରୂପରେ ଅଳଙ୍କାରପଡୁଅଛି । ବାକି ଦୁଇଟି ଗୁଜର ରୂପ ଖୋଦେଇ ଜାରୀ ରହିଛି । ନନ୍ଦିଘୋଷ ରଥର ୧୬ଟି କୋଣ ଗୁଜ ରୁ ୧୦ ଟି ଗୁଜରେ ସିଂହବିରାଳ ରୂପ ଖୋଦେଇ ସମ୍ପୂର୍ଣ୍ଣହୋଇଛି । ଆଉଦୁଇଟିଗୁଜରେ ଖୋଦିତ ରୂପରେଅଳଙ୍କାର ପଡୁଅଛି । ବାକି ୪ ଟି ଗୁଜରେ ରୂପ ଖୋଦେଇ ଜାରୀରହିଛି । ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ ଶେଷ ହୋଇଛିକ୍ଷ ନନ୍ଦିଘୋଷରଥର ପୋଲଗୟଳ କାଠର ଉଭୟପାର୍ଶ୍ୱ ବାରିସୀରେ ସମତୁଲ କରାଯାଇଛି । ଚିରଟ କାର୍ଯ୍ୟ ଆସନ୍ତାକାଲି ଆରମ୍ଭ ହେବ । ନନ୍ଦିଘୋଷ ରଥର ୧୫ନମ୍ବର ଚକପାଇଁ ପଇବିନ୍ଧକାର୍ଯ୍ୟ ଚାଲୁଅଛି । ପଇବିନ୍ଧପରେ ଅରରେ ପଇସଂଯୋଗ ହୋଇ ପଇ କଳସା କାର୍ଯ୍ୟ ହେବ । କମାର ଶାଳରେ ଓଝା ସେବକ ମାନେ ତିନିରଥ ର ଅଖ,ଦଣ୍ଡା,ଗରଗରା ଏବଂ ଗୟଳ ପାଇଁ ଯଥାକ୍ରମେ ୨୦ ଏମ ଏମ ର ଅଗପାତେଳି କଂଟା,୨୦ ଏମ.ଏମ ର ଚଉରସ କଂଟା, ୨୫ ଏମ.ଏମ ର ଗରଗରା କଂଟା ଏବଂ ଯୋଖା କଂଟାନିର୍ମାଣ ଜାରୀ ରଖିଛନ୍ତି ।

## ଜଗତସିଂହପୁର ଜିଲ୍ଲାର ବିଭିନ୍ନ ମନ୍ଦିର ମାନଙ୍କରେ ୧୪୪ ଧାରା ଜାରି

ଜଗତସିଂହପୁର ,୧୦/୬ (ନି.ପ୍ର): ଆଜି ଜଗତସିଂହପୁର ଜିଲ୍ଲାର ସବ୍ ଡିଭିଜିନାଲ ମାଜିଷ୍ଟ୍ରେଟ ଧର୍ମେନ୍ଦ୍ର ମଲ୍ଲିକ ( ଏସ ଡି ଏମ) ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ମନ୍ଦିର ମାନଙ୍କରେ ସାବିତ୍ରୀ ବ୍ରତ ପାଳନ କରିବାକୁ ଆସିବାକୁ ଥିବା ଭକ୍ତ ମାନଙ୍କର ଭିଡ ଦୃଷ୍ଟି କୋଣରୁ ଓ କୋଭିଡ ସଂକ୍ରମିତ ର ଆଶଙ୍କା ପ୍ରକଟ କରି ୧୪୪ ଧାରା ଆଇନ ଲାଗୁ କରିଛନ୍ତି । ଏହି ମନ୍ଦିର ମାନଙ୍କ ମଧରେ ତୀର୍ତୋଲ ତହସିଲ ର ମାଶାରଳା ମନ୍ଦିର କନକପୁର , ଏରସମା ତହସିଲ ର ଗ୍ରାମେଶ୍ୱର ମନ୍ଦିର ,ପଂଚପଲି , ନାଉଗାଁ ତହସିଲ ର ନିଳକଣ୍ଠେଶ୍ୱର ମହାଦେବ ମନ୍ଦିର , ମାଭାଗବତୀ ମନ୍ଦିର , ମା ଜଗୁଳେଇ ମନ୍ଦିର , ନିଳକଣ୍ଠେଶ୍ୱର ମନ୍ଦିର ଖାଲେରେଇ ,କନକେଶ୍ୱର ମହାଦେବ ମନ୍ଦିର ଡାବୁଗାଁ , ବାଲିକୁଦା ତହସିଲ , ଘଟେଶ୍ୱର ମହାଦେବ ମନ୍ଦିର ବାଇନଳା ,ଜଗତସିଂହପୁର ତହସିଲର ମୁଚୁକୁନ୍ଦ ମହାଦେବ ମନ୍ଦିର ସୋମନାଥ ହାଟ , ରଘୁନାଥପୁର ତହସିଲ ର ଗୋରଖନାଥ ମହାପ୍ରଭୁ ବିଜେ ,କେରେକେରା । ବିରିଡି ତହସିଲ ର ଧାନକୁଦ ଜଗନ୍ନାଥ ମନ୍ଦିର ,ରଘୁନାଥପୁର ତହସିଲ ର ରୁଦ୍ରେଶ୍ୱର ମନ୍ଦିର , ବିରିଡି ତହସିଲ ର ହନୁମାନ ମନ୍ଦିର କାଇଜଙ୍ଗ , ଏରସମା ତହସିଲ ର ଗଡ଼କୁଜଙ୍ଗ ରେ କୁଞ୍ଜବିହାରି ଜଗନ୍ନାଥ ମନ୍ଦିର ଓ ନୂଆଗାଁ ଗ୍ରାମରେ ଥିବା ମହାବୀର ମନ୍ଦିର ମାନଙ୍କରେ ଏହି ୧୪୪ ଧାରା ୧୦ ତାରିଖ ଦିନ ଗୁରୁବାର ଦିନ ବଳବତର ରହିବ । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେଠାକାର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଅପ୍ରାରାଧୀ ମାନଙ୍କ ଉପରେ ଦୃଷ୍ଟି ଦେବାକୁ ଘୋଷଣା କରାଯାଇଛି ବୋଲି ଏସ ଡି ଏମ ଶ୍ରୀ ପ୍ରଧାନ ଏକ ଅପରାଧିକ ମିସ କେସ ଅନୁଯାୟୀ ନିର୍ଦ୍ଦେଶକ ଦେଇଛନ୍ତି । ଏହି ସବୁ ମନ୍ଦିର ମାନଙ୍କରେ ୪ ଜଣ ଲୋକଙ୍କ ରୁ ଅଧିକ ଲୋକ ରୁଣ୍ଡ ହୋଇପାରିବେ ନାହିଁ ।

## ବାତ୍ୟା ୟାସ ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଜିଲ୍ଲାପାଳଙ୍କ ଆଲୋଚନା

କେନ୍ଦ୍ରାପଡା,୧୦/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ବାତ୍ୟା ୟାସ ଜନିତ କ୍ଷୟକ୍ଷତି ଆକଳନ ପାଇଁ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କ ସହ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସହ ଆଲୋଚନା ହୋଇଥିବା ଜଣାପଡିଛି । ବୃଧବାର ଭିଡିଓ କନଫରେନ୍ସ ମାଧମରେ ଜିଲ୍ଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି କ୍ଷତିଗସ୍ତ ମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ, ବାତ୍ୟା ପାଇଁ ବ୍ୟାହତ ହୋଇଥିବା ସେବା ତୁରନ୍ତ ଯୋଗାଇବା ସମେତ ଅସପୂର୍ଣ୍ଣ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ପାଇଁ ଆଲୋଚନା କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

ପୁରୀ,୧୦/୬ (ନି.ପ୍ର): ପ୍ରାଧାପକ ସ୍ୱର୍ଗତ ଅଶୋକ କୁମାର ତ୍ରିପାଠୀଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ତାଙ୍କ ପରିବାର ପକ୍ଷରୁ କୋଭିଡ-୧୯ ପରିଚାଳନା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦଶ ହଜାର ଟଙ୍କାର ଏକ ଚେକ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ପ୍ରଦାନ କରିଛନ୍ତି । ପୁରୀ ଗୁଡିଆ ସାହି ନିବାସୀ ସ୍ୱର୍ଗତ ତ୍ରିପାଠୀଙ୍କ ଶ୍ରାଦ୍ଧ ଆସନ୍ତାକାଲି ଅନୁଷ୍ଠିତ ହେବ । ଏହି ଅବସରରେ ତାଙ୍କ ଧର୍ମପତ୍ନୀ ପ୍ରିୟମ୍ବଦା ଦାଶ, କନ୍ୟା ଡାକ୍ତର ଶ୍ରୀପଦା ଯୋଗଜାତା ତ୍ରିପାଠୀ ଏବଂ ପୁତ୍ର ଓଁକାରନାଥ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## କେନ୍ଦୁଝର ଜିଲ୍ଲାର ଅନେକ ସ୍ଥାନରେ ଲକଡାଉନ ପ୍ରଭାବହୀନ : ଝୁମ୍ପୁରା ବଜାରରେ ବଢି ଚାଲିଛି ଆକ୍ରାନ୍ତ ଓ ମୃତ୍ୟୁହାର

କେନ୍ଦୁଝର,୧୦/୬ (ନି.ପ୍ର): କରୋନା ମହାମାରୀର ପ୍ରକୋପ ଲାଗି ରହିଥିବା ବେଳେ ତାକୁ ପ୍ରତିହତ କରିବା ଲାଗି ଲୋକଙ୍କର ହିତ ଦୃଷ୍ଟିରୁ ସରକାର ଲକଡାଉନ ଓ ସଟ ଡାଉନ ପ୍ରକ୍ରିୟା ଆରମ୍ଭ କଲେ । ଏହା ଯୋଗୁଁ ଧିରେ ଧିରେ ଆକ୍ରାନ୍ତ ଓ ମୃତ୍ୟୁ ହାର ଓଡିଶାରେ କମିବା ଆରମ୍ଭ କରିଛି । କିନ୍ତୁ ଜିଲ୍ଲାର କେତେକ ଅଂଚଳରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । କେନ୍ଦୁଝର ମଧ୍ୟଦେଇ ଯାଇଥିବା ଜାତୀୟ ପଥପଥ ୨୦ ପାର୍ଶ୍ୱରେ ରହିଥିବା ଜିଲାର ପ୍ରମୁଖ ଗୁରୁତ୍ୱପୁର୍ଣ୍ଣ ଝୁମ୍ପୁରା ବଜାର ଏବଂ ଝୁମ୍ପୁରା ଅଂଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । କେବଳ ସେଲୁନକୁ ଛାଡି ଦେଲେ ଝୁମ୍ପୁରା ବଜାରର ସମସ୍ତ ଦୋକାନ ଦିନ ୧୧ଟା ଯାଏଁ ଖୋଲା ରହୁଛି । ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟତିତ ଅନ୍ୟ ସବୁ ଦୋକାନ ବନ୍ଦ ରଖିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଥିଲେ ହେଁ, ସବୁ ନିୟମକୁ ଫୁ କରି ଦୋକାନ ଭିତରେ ଗ୍ରାହକ ଭର୍ତି କରି ସଟର ବନ୍ଦ ପୂର୍ବକ ଦୋକାନୀ ମାନେ ଅସମ୍ଭବ ଭିଡ ଭିତରେ ଗ୍ରାହକଙ୍କୁ ସେବା ଦେଇ ଚାଲିଛନ୍ତି । ବଜାର ଅଂଚଳକୁ ବାଇକ ନିଷିଦ୍ଧ ରହିଥିଲେ ହେଁ, ପ୍ରତ୍ୟହ ହଜାର ସଂଖ୍ୟକ ବାଇକ ଝୁମ୍ପୁରା ବଜାର ରାସ୍ତାର ୨ପାର୍ଶ୍ୱରେ ପାର୍କିଂ ହେଉଛି । ଏହା ବ୍ୟତିତ ଝୁମ୍ପୁରା ସରକାରୀ ନୋଡାଲ ସ୍କୁଲର ଗେଟ ବନ୍ଦ ରହିଥିଲେ ହେଁ, ଅମାନିଆଁ ପଲ ପାଚେରୀ ଡେଇଁ ପ୍ରତ୍ୟହ ସ୍କୁଲ ପରିସରରେ କ୍ରିକେଟ ଖେଳ ଜାରି ରଖିଛନ୍ତି । ଏସବୁ ନେଇ ଭିନ୍ନ ଭିନ୍ନ ସମୟରେ ବୁଦ୍ଧିଜୀବି ଙ୍କ ପକ୍ଷରୁ ଝୁମ୍ପୁରା ଥାନା ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ହେଁ, କୌଣସି ସୁଫଳ ମିଳି ପାରୁନାହିଁ । ଝୁମ୍ପୁରା ସିଏଚସି ର ରିପୋର୍ଟ ଅନୁଯାୟୀ କରୋନା ର ଦିତ୍ୱୀୟ ଲହରରେ ଝୁମ୍ପୁରା ବ୍ଲକ ଅଂଚଳରୁ ଇତି ମଧ୍ୟରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ, ବର୍ତମାନ ୮୦ଜଣ ଆକ୍ରାନ୍ତ ଚିକିତ୍ସାଧିନ ରହିଛନ୍ତି । ଏବଂ ସେ ମଧ୍ୟରୁ ୮ ଜଣ କୋଭିଡ ହସପିଟାଲରେ ଆଡମିଟ୍ ହୋଇଛନ୍ତି । ଅନ୍ୟମାନେ ହୋମ ଆଇସୋଲେସନ ରେ ରହିଥିବା କୁହାଯାଇଛି । କିନ୍ତୁ ବେସରକାରୀ ଭାବେ ପ୍ରକୃତ ପକ୍ଷେ ଝୁମ୍ପୁରା ବ୍ଲକରେ କରୋନାର ଦିତ୍ୱୀୟ ଲହରରେ ୧୦୦ ରୁ ଉର୍ଦ୍ଧ ମୃତ୍ୟୁ ଘଟିଥିବା ବେଳେ, ୫୦୦ ରୁ ଉର୍ଦ୍ଧ ବର୍ତମାନ ପଜିଟିଭ୍ ରୋଗୀ ରହିଛନ୍ତି । ଅନେକ ଆକ୍ରାନ୍ତ ରୋଗୀ ଟେଷ୍ଟ ପାଇଁ ଡାକ୍ତରଖାନା ଯାଉ ନ ଥିବାରୁ ପ୍ରକୃତ ପଜିଟିଭ ସଂଖ୍ୟା ଚିହ୍ନଟ ହୋଇ ପାରୁନାହିଁ । ବଜାରରେ ଅମାନିଆଁଙ୍କ ଅସମ୍ଭବ ଭିଡର ଅଭିଯୋଗ ପରେ ତହସିଲଦାର ପ୍ରତିଭା ପୃଷ୍ଟି ଏବଂ ଝୁମ୍ପୁରା ଥାନାଧିକାରୀ ବିରେନ୍ଦ୍ର ଶିଆଳ କେତେବେଳେ କେମିତି ପଦକ୍ଷେପ ନେଇ ଚୁପ ରହିଯାଉଛନ୍ତି । କେତେକ ପ୍ରସଙ୍ଗରେ ଆମେ ଦେଖୁଛୁ କହି ମଧ୍ୟ, ପଦକ୍ଷେପ ନେଉ ନାହାଁନ୍ତି ।

## ମାମଲା ରୁଜୁକରି ପୁଲିସ ଚୁପ : ଅଭିଯୁକ୍ତଙ୍କ ଧମକ, ଏସପିଙ୍କୁ ଭେଟିଲେ ପରିବାର

କୋରାଇ,୧୦/୬ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଂଚାୟତ ଅନ୍ତର୍ଗତ ଓଉପଦା ଗ୍ରାମର ଅରୁଣ ରାଉତଙ୍କ ପୁଅ ବିଚିତ୍ରଙ୍କ ଘରେ ଗତ ୪ ତାରିଖ ରାତି ୨ଟା ସମୟରେ କୁଆଖିଆ ଥାନା ଅନ୍ତର୍ଗତ ଆଦମପୁର ଗ୍ରାମର ଅନାମ ନାୟକଙ୍କ ପୁଅ କିର୍ତନ ଓ ଦିବାକର ନାୟକ ଏବଂ ତାଙ୍କ ଆଉ ଦୁଇଜଣ ସହଯୋଗୀ ସହ ଏକ ପିକଅପ ଗାଡିରେ ଆସି ପହଂଚିଥିଲେ । ପ୍ରଥମେ ସେମାନେ ବିଦ୍ୟୁତ ସଂଯୋଗ କାଟିବା ପରେ ଗ୍ରିଲ ଭାଙ୍ଗି ଘରେ ପଶି ବିଚିତ୍ରଙ୍କ ବାପା, ମା ଓ ଭଉଣୀଙ୍କୁ ଅଶ୍ଳୀଳ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ । ଘରର ଆସବାସ ପତ୍ର ଫୋପଡା ଭଙ୍ଗା କରିବା ସହ କାଠ ଆଲମିରା ଭାଙ୍ଗି ସେଥିରେ ଥିବା ନଗଦ ଦେଢଲକ୍ଷ ଟଙ୍କା ନେଇଯାଇଥିଲେ । ଏଥିସହିତ ଘରର ଏସି ଭାଙ୍ଗିବା ସହିତ ୨ଟି ଗାଡି(ଅଲଟୋ ଓ ଜିପ)କୁ ମଧ୍ୟ ଭଙ୍ଗା ରୁଜା କରିଛନ୍ତି । ବିଚିତ୍ର ଶୋଇଥିବା ରୁମକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେହେଁ ପରିବାର ଲୋକେ ମାଡଖାଇ ମଧ୍ୟ ଏହାକୁ ବିରୋଧ କରିବାରୁ ଘର ଭାଙ୍ଗି ପାରିନଥିଲେ । ଏନେଇ ବିଚିତ୍ର ୫ ତାରିଖ ସକାଳେ ଥାନାରେ ଯାଇ ଲିଖିତ ଅଭିଯୋଗ କରିଥିଲେ । ମାତ୍ର ପାଣିକୋଇଲି ପୁଲିସ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେଇ ମାମଲା ନକରି ଶେଷରେ ୭ ତାରିଖ ଏକ ମାମଲା ୧୭୪/୨୧ ରୁଜୁ କରିଥିଲା । ଥାନାକୁ ଆସିବା ବେଳେ ଓଉପଦା ଗ୍ରାମର କାଳନ୍ଦୀ ବୋଇତାଇଙ୍କ ପୁଅ ଗୋପାଳ ଏତିକିରେ ହୋଇନି ତୁ ହଣାଖାଇବୁ ବୋଲି ଧମକ ଦେବା ସହ ତାର ପିଛା କରିଥିଲା । ଏବେ ବାରମ୍ବାର ଧମକ ଯୋଗୁ ପରିବାର ସୁରକ୍ଷା ପ୍ରତି ବିପଦ ଦେଖାଦେଇଛି । କୋଭିଡ ଆଳରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ଜୀବନପ୍ରତି ବିପଦ ଥିବାରୁ ନିଜ ଜୀବନ ଓ ପରିବାର ସୁରକ୍ଷା ନେଇ ଏସପିଙ୍କୁ ଭେଟିଛନ୍ତି ବିଚିତ୍ର ।

## ବ୍ରହ୍ମପୁରରେ ଗତ ୨୪ ଘଂଟାରେ ୨୪୮ ବାହନରୁ ୧ଲକ୍ଷ ୨୪ହଜାର ଟଙ୍କା ଚାଲାଣ ଆଦାୟ

ବ୍ରହ୍ମପୁର,୧୦/୬ (ନି.ପ୍ର): ଗତ ୨୪ଘଂଟା ମଧରେ ବ୍ରହ୍ମପୁର ପୋଲିସ୍ ୨୪୮ଟି ବିଭିନ୍ନ ଯାନବାହନ ଚାଳକଙ୍କ ଠାରୁ ୧ଲକ୍ଷ ୨୪ ହଜାର ଟଙ୍କା ଚାଲାଣ ଆଦାୟ କରିଛି । ବ୍ରହ୍ମପୁର ଏସ୍‌ପିଙ୍କ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଏହି ସମୟ ମଧରେ ନାଇଟ୍ କର୍ଫ୍ୟୁ ଉଲ୍ଲଂଘନ ୧୩ଟି କେଶ୍‌ରୁ ୫ହଜାର ୬୦୦, ସାମାଜିକ ଦୂରତା ନରଖିବା ୨୪ଜଣ ବ୍ୟକ୍ତିଙ୍କ ଠାରୁ ୧୨ହଜାର, ୧୭ଟି ଦୋକାନ ସିଲ୍ କରାଯାଇ ୮ହଜାର ୨୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି ।

## ମାସ୍କ ନପିନ୍ଧିବା କାରଣରୁ ୨୬ ହଜାର ୬୫୦ ଟଙ୍କା ଜରିମାନା ଆଦାୟ

ନୂଆପଡ଼ା,୧୦/୬ (ନି.ପ୍ର): ଗତ ୨୪ଘଂଟା ମଧରେ ନୂଆପଡ଼ା ଜିଲ୍ଲାରେ ମାସ୍କ ନପିନ୍ଧିଥିବା କାରଣରୁ ୨୬ ହଜାର ୬୫୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସେହିପରି ସାମାଜିକ ଦୂରତ୍ୱ ରକ୍ଷା କରୁନଥିବା କାରଣରୁ ୬ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ନୂଆପଡ଼ା ଏସ୍‌ପିଙ୍କ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଏହି ଅବଧି ମଧରେ ବିଭିନ୍ନ ଯାନବାହନରୁ ଜରିମାନା ବାବଦରେ ୧୯ହଜାର ଟଙ୍କା ଆଦାୟ କରାଯାଇଛି । ଅପରପକ୍ଷେ ୧୮ଲିଟର ମଦ ଜବତ କରାଯାଇଛି ଏବଂ ୪ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି ।

## ଆଧୁନିକତାରେ ପାଦ ଥାପିଲେଣି ବଣ୍ଡା : ମୋବାଇଲ ଧରି କଥା ହେବାର ଶିଖିଲେଣି

ମାଲକାନଗିରି,୧୦/୬ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଯେତେ ଆଦିମ ଆଦିବାସୀ ବସବାସ କରୁଛନ୍ତି, ସେଥିମଧ୍ୟରୁ ବଣ୍ଡା ଜନଜାତି ଅତି ପ୍ରାଚୀନ । ଏହି ଜନଜାତି ଜିଲ୍ଲାର ଖଇରପୁଟ ବ୍ଲକ (ସମୁଦ୍ର ପତନ ଠାରୁ ପ୍ରାୟ ୫ ହଜାର ଫୁଟ ଉଚ୍ଚ) ଅନ୍ତର୍ଗତ ବଣ୍ଡାଘାଟିରେ ବସବାସ କରନ୍ତି । ଏହି ଘାଟି ଉପରେ ଦୁଇଟି ପଞ୍ଚାୟତରେ ପ୍ରାୟ ୩୨ଟି ଗ୍ରାମ ରହିଛି । ୭ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ନେଇ ବଣ୍ଡା ଜନବସିତି ରହିଛି । ଦିନ ଥିଲା ଏବି ଜନଜାତି ଉଲଗ୍ନ ହୋଇ ରହିବାକୁ ପସନ୍ଦ କରୁଥିଲେ । କିନ୍ତୁ ଧିରେ ଧିରେ ଆଧୁନିକ ସଭ୍ୟତା ସହ ତାଳ ମିଳାଇ ଦେହରେ ବସ୍ତ୍ର ପିନ୍ଧିବା ଶିଖିଲେ । ନିଜେ ଘର ତିଆରି କରିବା ଶିଖିବା ପରେ ଘରେ ପରିବାର ହୋଇ ରହିଲେ । ଏମାନେ ଏକ ପ୍ରକାର ଉଗ୍ର ଜନଜାତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏମାନଙ୍କ ପାଖକୁ ଯିବାକୁ ଲୋକେ ଭୟ କରୁଥିଲେ । ଏବେ କିନ୍ତୁ ସବୁ ଅଲଗା ହୋଇଯାଇଛି । ଏହି ସଂପ୍ରଦାୟର ବହୁ ଛାତ୍ରଛାତ୍ରୀ ଏବେ ଉଚ୍ଚ ଶିକ୍ଷିତ ଏବଂ ରାଜନୀତିରେ ମଧ ପାଦ ଥାପିଲେଣି । ପୂର୍ବତନ ବିଧାୟକ ଡମ୍ବରୁ ଶିଶା ଏମାନଙ୍କ ମଧ୍ୟରୁ ଅନ୍ୟତମ । ସେହିଭଳି ବହୁ ଶିଶୁ ଭୁବନେଶ୍ୱରରେ ପାଠ ପଢିବା ସହ ବାହାର ଦେଶକୁ ମଧ ନିଜର ପରିକାଷ୍ଠା ଦେଖାଇପାରିଛନ୍ତି । ବଣ୍ଡା ଜନଜାତି ଏବେ ଧିରେ ଧିରେ ଆଧୁନିକ ସଭ୍ୟତା ସହ ପାଦ ଥାପିଲେଣି । ମୋବାଇଲ ଯୁଗରେ ଏମାନେ ମୋବାଇଲ ଧରିବା ମଧ ଶିଖିଗଲେଣି । ନିଜର ପାରଂପିରାକ ଢଙ୍ଗରେ ବଂଚୁଥିବା ଏହି ଜନଜାତି ଏବଂ ଆଧୁନିକତା ସହ ଖାପଖୁଆଇ ଚଳିବାକୁ ଚେଷ୍ଟା କଲେଣି । ଏମାନେ ଜଂଗଲରୁ ଯାହା ସଂଗ୍ରହ କରିଥାନ୍ତି ତାକୁ ନିକଟସ୍ଥ ହାଟ ବଜାରରେ ବିକ୍ରି କରିବାକୁ ଆସନ୍ତି । ବିକ୍ରି କରିବା ପରେ ଯାହା ଟଂକା ପାଇଥାନ୍ତି ନିଜର ଅତ୍ୟାବଶକୀୟ ଜିନିଷ କିଣି ନେଇଥାନ୍ତି । ଜଣେ ବଣ୍ଡା ମହିଳା ମୋବାଇଲରେ କଥା ହେଉଥିବା ଦୃଶ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲେ ମଧ ଆଜିକା ଦିନରେ ସବୁ ସମ୍ଭବ ବୋଲି କୁହାଯାଇପାରେ । ଏମାନେ ଅଶିକ୍ଷିତ ହେଲେ ମଧ ଅନ୍ୟକୁ ଦେଖି ଏମାନେ ଶୀଘ୍ର ଶିକ୍ଷା କରିପାରନ୍ତି ।ପ୍ରଶାସନ ଏବଂ ସରକାର ଏମାନଙ୍କ ପାଇଁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରୁଛନ୍ତି । ଯଦ୍ୱାରା ଏମାନେ ବିଭିନ୍ନ ସରାକରୀ ଯୋଜନା ବିଷୟରେ ଜାଣିବା ସହ ଲୋକେ କିପରି ଚଳୁଛନ୍ତି ଏବଂ ସେମାନେ କିପରି କଥାବାର୍ତ୍ତା ହେଉଛନ୍ତି ତାକୁ ଅନୁକରଣ କରୁଛନ୍ତି । ଏବେ ବହୁ ବଣ୍ଡା ଝିଅ ବାହାରକୁ ବାହାରି କାମ କରୁଛନ୍ତି । ହାତରେ ମୋବାଇଲ ଧରି ଗୀତ, ନାଚ ଦେଖିବା ସହ କଥା ହେବା ମଧ ଶିଖିଗଲେଣି । ହାଟ ବଜାରରେ ଜଣେ ବଣ୍ଡା ମହିଳା ନିଜ ସଂପର୍କୀୟଙ୍କ ଫୋନ ଯୋଗେ କଥା ହେବା ଦେଖିବା ପରେ ଏମାନେ ଆଉ ଆଧୁନିକ ସଭ୍ୟତା ଠାରୁ ପଛରେ ନାହାନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏବେ ପ୍ରାୟ ପ୍ରତ୍ୟେକ ଗ୍ରାମରେ ମୋବାଇଲ ପହଞ୍ଚି ସାରିଲାଣି ।


# ହରିୟାଣାର ପଞ୍ଚକୁଳା



ହରିୟାଣାର ପଞ୍ଚକୁଳା ଏକ ସୁନ୍ଦର ଦର୍ଶନୀୟ ସ୍ଥାନ । ସବୁଜିମା, ପାହାଡ଼ଶ୍ରେଣୀ ସହିତ ଜଳଭଣ୍ଡାର, ହ୍ରଦ, କ୍ୟାକ୍ଟସ୍ ଗାର୍ଡେନ, ଚିଡିଆଖାନା ଓ ମନସାଦେବୀଙ୍କ ମନ୍ଦିର ପଞ୍ଚକୁଳାର ଆକର୍ଷଣୀୟ ସ୍ଥାନଗୁଡ଼ିକ ମଧ୍ୟରୁ ଅନ୍ୟତମ । ପଞ୍ଚକୁଳା, ହରିୟାଣା ରାଜ୍ୟର ଏକ ମହତ୍ତ୍ୱପୂର୍ଣ୍ଣ ଜିଲ୍ଲା । ରାଜଧାନୀ ଚଣ୍ଡୀଗଡ଼ଠାରୁ ମାତ୍ର ୧୧ କି.ମି ଦୂରରେ ପଞ୍ଚକୁଳା ଅବସ୍ଥିତ । ସେଠାରେ ସବୁଜ ବାତାବରଣ ସହିତ ରାଜ୍ୟର ଏକ ବଡ଼ ବନ କ୍ଷେତ୍ର ରହିଛି । ଏହି ସହର ପାହାଡ଼ୀ ଆକର୍ଷଣ ଯୋଗୁଁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ପର୍ଯ୍ୟଟକମାନେ ରାଜ୍ୟର ସୀମାରେ ଥିବା ପାହାଡ଼ୀ ଶୃଙ୍ଖଳାର ରୋମାଞ୍ଚକ ଅନୁଭବ ନେବା ପାଇଁ ଆସିଥାନ୍ତି । ଏହା ବ୍ୟତୀତ ପାଞ୍ଚଟି ଧାରା ଯୋଗୁଁ ମଧ୍ୟ ପ୍ରସିଦ୍ଧ ଯାହା ରାଜ୍ୟ ପାଇଁ ଜଳପୂର୍ତ୍ତିର କାମ କରିଥାଏ । ଶିବାଲିକ ପାହାଡ଼ରୁ ଆରମ୍ଭ କରି ପ୍ରାଚୀନ ମନ୍ଦିର ସହିତ ଏହି ସହର ପର୍ଯ୍ୟଟନ ଦୃଷ୍ଟିରୁ ବେଶ୍ ମହତ୍ତ୍ୱପୂର୍ଣ୍ଣ ବୋଲି କହିବାକୁ ହେବ । ଆସନ୍ତୁ ଜାଣିବା ପଞ୍ଚକୁଳାର କେତେକ ଦର୍ଶନୀୟ ସ୍ଥାନ ସମ୍ପର୍କରେ ।


### ମନସା ଦେବୀ ମନ୍ଦିର:

ମା' ମନସା ଦେବୀଙ୍କ ଦର୍ଶନରୁ ପର୍ଯ୍ୟଟକମାନେ ପଞ୍ଚକୁଳା ଭ୍ରମଣ ଆରମ୍ଭ କରିପାରିବେ । ଏହି ମନ୍ଦିର ରାଜ୍ୟର ସବୁଠାରୁ ଲୋକପ୍ରିୟ ସ୍ଥାନ ମଧ୍ୟରୁ ଅନ୍ୟତମ । ପ୍ରତ୍ୟେକ ଦିନ ଶହ ଶହ ଶ୍ରଦ୍ଧାଳୁ ସେଠାକୁ ଯାଇଥାନ୍ତି । ତଥ୍ୟ ଅନୁସାରେ ଏହି ମନ୍ଦିର ୨୦୨୦ ବର୍ଷର ପୁରୁଣା । ଭାରତର କୋଟୋଟି ପୁରାତନ ମନ୍ଦିର ମଧ୍ୟରୁ ଏହା ଅନ୍ୟତମ । ଏହି ବିଶାଳ ମନ୍ଦିରରେ ହୁନ୍ଦୁ ଓ ମୋଗଲ ବାସ୍ତୁକଳାର ଅଦ୍ଭୁତ ମିଳନ ଦେଖିବାକୁ ମିଳେ । କୁହାଯାଏ ଯେ ଏହି ମନ୍ଦିର କେବେ ପଞ୍ଚକୁଳାର ମହାରାଜାଙ୍କ ପୂଜା ସ୍ଥଳ ଥିଲା । ନବରାତ୍ରୀ ସମୟରେ ସେଠାରେ ଭକ୍ତମାନଙ୍କର ଭିଡ଼ ଜମେ ।




### କ୍ୟାକ୍ଟସ୍ ଗାର୍ଡେନ:

ଧାର୍ମିକ ସ୍ଥଳ ବ୍ୟତୀତ ପର୍ଯ୍ୟଟକମାନେ ସେଠାରେ ଲୋକପ୍ରିୟ ପ୍ରାକୃତିକ ସ୍ଥଳର ଭ୍ରମଣ କରିବାର ପ୍ଲାନ କରିବା ଉଚିତ୍ । ଏହି ଦର୍ଶନୀୟ ସ୍ଥଳରେ କ୍ୟାକ୍ଟସ୍ ପ୍ଲାଣ୍ଟ୍ର ଦୁର୍ଲଭ ପ୍ରଜାତି ଦେଖିବାକୁ ମିଳେ । ଏହା ଏସିଆର ସବୁଠାରୁ ବଡ଼ କ୍ୟାକ୍ଟସ୍ ଗାର୍ଡେନ । ଏହି ଗାର୍ଡେନର ସ୍ଥାପନା ଡ.ଜେ ସରକାରିଆଙ୍କ ଦ୍ୱାରା କ୍ୟାକ୍ଟସ୍‌ର ଦୁର୍ଲଭ ପ୍ରଜାତିଗୁଡ଼ିକୁ ରକ୍ଷା କରିବା ପାଇଁ କରାଯାଇଥିଲା । ସେଠାରେ କ୍ୟାକ୍ଟସ୍‌ର ୨୬୦୦ ପ୍ରଜାତି ଦେଖିପାରିବେ । ବାର୍ଷିକ କ୍ୟାକ୍ଟସ୍ ମେଳା ସେଠାରେ ଅନୁଷ୍ଠିତ ହୁଏ ।



### ଛତବୀର ଜୁ:

ପଞ୍ଚକୁଳାର ରୋମାଞ୍ଚକ ଅନୁଭବ ନେବା ପାଇଁ ପର୍ଯ୍ୟଟକମାନେ ସେଠାରେ ଥିବା ଛତବୀର ଜୁ ଦେଖିବାକୁ ପ୍ଲାନ କରିଥାନ୍ତି । କିନ୍ତୁ ସହରର ଆଖପାଖରେ ଥିବା ଲୋକମାନେ ସେଠାକୁ ଅଧିକ ମାତ୍ରାରେ ଆସିଥାନ୍ତି । ଉତ୍ତର ଭାରତର ଏହା ଏକ ବଡ଼ ବନ୍ୟଜୀବ ଆରକ୍ଷଣ କ୍ଷେତ୍ର । ସେଠାରେ ୧୧୦ ପ୍ରଜାତିର ବନ୍ୟପ୍ରାଣୀ ଅଛନ୍ତି । ୫୦୦ ଏକର ଜମିରେ ହୋଇଥିବା ଏହି ପ୍ରକୃତିପ୍ରେମୀ ଓ ବନ୍ୟଜୀବ ଉତ୍ସାହୀ ପର୍ଯ୍ୟଟକମାନଙ୍କ ପାଇଁ ସ୍ୱର୍ଗଠାରୁ କମ୍ ନୁହେଁ । ସେଠାରେ ସିଂହ ସଫାରୀର ରୋମାଞ୍ଚକ ଆନନ୍ଦ ନେଇପାରିବେ ।





### ସୁଖନା ହ୍ରଦ:

ପଞ୍ଚକୁଳାର ଶିବାଲିକ ପର୍ବତ ଶୃଙ୍ଖଳାରେ ଅବସ୍ଥିତ ସୁଖନା ହ୍ରଦ ଏକ ସୁରମ୍ୟ ସ୍ଥାନ । ଏହି ମାନବ ନିର୍ମିତ ହ୍ରଦ ୩.କି.ମି ପର୍ଯ୍ୟନ୍ତ ବ୍ୟାପିଛି । ୧୯୫୮ ରେ ଶିବାଲିକ ପାହାଡ଼ ତଳକୁ ଆସୁଥିବା ପାଣିରେ ବନ୍ଧ କରାଯାଇଛି । ଏହି ହ୍ରଦକୁ ଦେଖିବା ପାଇଁ ଦୂରରୁ ଲୋକମାନେ ଆସିଥାନ୍ତି । ଏହାବ୍ୟତୀତ ସେଠାରେ ଅନ୍ୟ କେତେକ ପାର୍କ, ଫନ୍ ସିଟି, ଆର୍ଯ୍ୟ ସମାଜ ମନ୍ଦିର, ସିଟି ଫାଉଣ୍ଟେନ ବଗିଚା, ଗୀତା, ମନ୍ଦିର, ଗୌରୀଶଙ୍କର ବଗିଚା ଇତ୍ୟାଦି ଦର୍ଶନୀୟ ସ୍ଥାନ ରହିଛି ।



# ବିନା ରକ୍ତ ପରୀକ୍ଷାରେ ଜାଣିହେବ ରକ୍ତ ସର୍କରା ସ୍ଥିତି

ଏଣିକି ବିନା ରକ୍ତ ନମୁନା ପରୀକ୍ଷାରେ ଜାଣିହେବ ରକ୍ତ ଶୂନତା ଓ ରକ୍ତ ସର୍କରା ସ୍ଥିତି । କେବଳ ସେତିକି ନୁହେଁ, ଫୁସଫୁସ୍ ଓ ବୃକକ୍‌ରେ ଥିବା ସମସ୍ୟା ମଧ୍ୟ ଜଣାପଡ଼ିବ । ତାହା ପୁଣି ୧ମିନିଟ୍‌ରୁ କମ୍ ସମୟ ଭିତରେ । ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆରମ୍ଭ ହୋଇଥିବା ନୂତନ ଷ୍ଟାର୍ଟଅପ୍ ଏହି ଅଭିନବ ଜ୍ଞାନକୌଶଳର ବିକାଶ କରିଛନ୍ତି । ଇଜି-ଆରଏକ୍ସ ନାମକ ଯନ୍ତ୍ରପାତି ଶିଳ୍ପସଂସ୍ଥା ଏହାକୁ ବଜାରରେ ଉପଲବ୍ଧ କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ଯାହାକି ବେଶ୍ ଶସ୍ତା ଓ ସହଜରେ ଉପଲବ୍ଧ ହୋଇପାରିବ ବୋଲି ଆଶା କରାଯାଉଛି । ଏହାଦ୍ୱାରା କୋଭିଡ୍ ମହାମାରୀ ସମୟରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟେଙ୍ଗର ଅସ୍ୱାଭାବିକତା ଓ କାମ କରିବା ଭଳି ସ୍ଥିତିରେ ତ୍ୱରିତ ଆକଳନ କରିହେବ ।

ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହିଭଳି ଅନେକ ଷ୍ଟାର୍ଟଅପ୍ ନିଜ ନିଜର ସ୍ୱତନ୍ତ୍ର ଉତ୍ପାଦ ବିକଶିତ କରିଛନ୍ତି । ଏସବୁ ଉତ୍ପାଦ ଏବେ ସମସ୍ତଙ୍କ ନଜରରେ ରହିଛି । ମାକ୍‌ଫି ସଲ୍ୟୁସନ୍ ପ୍ରା.ଲିଃ ସଂସ୍ଥା କରୋନା ଟିକାକୁ ସହଜ ଓ ନିରାପଦରେ ପରିବହନ କରିବା ପାଇଁ ବିଯୁକ୍ତ ତାପମାତ୍ରାରେ ପରିବହନ ଓ ସଂରକ୍ଷଣ ପାଇଁ ବାୟୋସିୟୋର ନାମକ ଏକ ଉପକରଣ ନିର୍ମାଣ କରିଛି । ଏହା ସାହାଯ୍ୟରେ ଘରକୁ ଘର ବୁଲି ଟିକାଦାନ ପ୍ରକ୍ରିୟାକୁ ସହଜରେ ପରିଚାଳନା କରାଯାଇ ପାରିବ । ବିଶେଷକରି ଅଗମ୍ୟ ଓ ଦୂରଦୂରାନ୍ତ ଅଞ୍ଚଳରେ ଏହା ସହାୟକ ହୋଇପାରିବ । ଆଇସିଏମ୍‌ଆରକୁ ଏହାର ମୂଲ୍ୟାଙ୍କନ କରିବା ଲାଗି ସଂସ୍ଥା ପକ୍ଷରୁ ଆବେଦନ କରାଯାଇଛି । ମେଡ-ଟେଲ୍ ହେଲଥ୍‌କେୟାର ନାମକ ସଂସ୍ଥା ଦୂରରେ ଥିବା ରୋଗୀଙ୍କୁ ଡାକ୍ତରୀ ପରାମର୍ଶ ଉପଲବ୍ଧ କରିବାରେ ସାହାଯ୍ୟ କରିପାରୁଛି । ଅତି ଜରୁରୀ ସମୟରେ ଡାକ୍ତରଙ୍କ ପାଖକୁ ବ୍ୟକ୍ତିଗତ ଭାବେ ରୋଗୀ ନ ଯାଇ ଡାକ୍ତରୀ ସେବା ପାଇବାରେ ଏହି ପଦ୍ଧତି ସଫଳତାର ସହ କାର୍ଯ୍ୟ କରିପାରୁଛି । ଦେଶ ବାହାରର ଅନେକ ସଂସ୍ଥା ଏହାର ଉତ୍ପାଦନ ପାଇଁ ଆଗଭର ଥିବା ରିପୋର୍ଟରେ ଦର୍ଶାଯାଇଛି । ସେହିପରି ଏକ ମେଡି-କିଟ୍ ଶରୀରରେ ତ୍ୱରିତ ଆଣ୍ଟିବଡି ମାପିବାରେ ସଫଳ ହୋଇପାରୁଛି । ଆଇସିଏମ୍‌ଆର ଏହାକୁ ୯୨ ପ୍ରତିଶତ ସଫଳ ହେଉଥିବା ପ୍ରମାଣପତ୍ର ପ୍ରଦାନ କରିଛି । ଏହା ସାର୍ସ-କୋଭିଡ-୨କୁ ଚିହ୍ନଟ କରିପାରିବା ସହିତ




ଲକ୍ଷଣବିହୀନ ଲୋକଙ୍କ ଶରୀରରେ ସେରୋ ସଂକ୍ରମଣ ସଂପର୍କରେ ତଥ୍ୟ ପ୍ରଦାନ କରିପାରିବାର କ୍ଷମତା ରଖୁଛି । 'ସ୍ୱସ୍ଥ' ନାମକ ଏକ କୋଭିଡ୍ ସ୍ୱାସ୍ଥ୍ୟସେବା ପରିଚାଳନା ପାଇଁ ଏକ ଟେକ୍ ଷ୍ଟାର୍ଟଅପ୍ ବିକାଶିତ କରାଯାଇଛି । ଏହର ଜିଲ୍ଲା ପ୍ରଶାସନ, ପୌର ପରିଷଦ ପ୍ରଭୃତିଙ୍କୁ କୋଭିଡ୍ ପରିଚାଳନାରେ ଉପାଦେୟ ହୋଇପାରିବ । ଏହାର ପ୍ରୟୋଗରେ ଡାକ୍ତରଖାନାରେ ସିଟ୍, ରେଫରାଲ, ଅମ୍ଳଜାନ ଉପଲବ୍ଧ ପ୍ରଭୃତି ସମ୍ବନ୍ଧରେ ଉପଯୁକ୍ତ ବିବରଣୀ ରୋଗୀମାନେ ପାଇପାରିବେ ।

ଅନ୍ୟ ଏକ ସଂସ୍ଥା ଆରଟି-ପିସିଆ ଓ ଡିଏନ୍‌ଏ ପରୀକ୍ଷା ପାଇଁ ଉପକରଣ ନିର୍ମାଣ କରିଛନ୍ତି । କୋଭିଡ୍‌ର ଦ୍ୱିତୀୟ ଲହରିରେ ଏହା ପ୍ରାୟ ୧ଲକ୍ଷ ଲୋକଙ୍କ ପରୀକ୍ଷା କରି ସଫଳତା ହାସଲ କରିଛି । ଏହିସବୁ ଷ୍ଟାର୍ଟଅପ୍ ରାଜ୍ୟରେ ତାଙ୍କର ଉତ୍ପାଦନ ଆରମ୍ଭ କରିଛନ୍ତି । ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍ ଅଧୀନରେ ଏସବୁ ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇଛନ୍ତି । ଏଥିପାଇଁ ଏମ୍‌ଏସ୍‌ଏମ୍‌ଇ ପାର୍କ, ଶିଳ୍ପାଞ୍ଚଳ ପ୍ରଭୃତି ସୃଷ୍ଟି କରାଯାଇଛି । ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ନିୟମିତ ଭାବେ ସମୀକ୍ଷା ବୈଠକ ଆୟୋଜନ କରାଯିବା ସହିତ ଉଦ୍ୟୋଗ ପ୍ରତିଷ୍ଠାକୁ ନେଇ ଉପୁଜିଥିବା ସମସ୍ୟା ଗୁଡ଼ିକର ସମାଧାନ କରାଯାଉଥିବା ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି ।

# ହୃଦରୋଗୀଙ୍କ ପାଇଁ ହିତକର ମେଥି ଶାଗ

ସାଧାରଣତଃ ମେଥି ଶାଗ ବଜାରରେ ଭରପୁର ମାତ୍ରାରେ ମିଳେ । ମେଥି ଶାଗକୁ ପ୍ରତି ଘରେ ଖାଦ୍ୟ ରୂପେ ବ୍ୟବହାର କରାଯଏ । କିଛି କିଛି ଲୋକେ ମେଥି ପରଟା କରି ଖାଇବା ପାଇଁ ମଧ୍ୟ ପସନ୍ଦ କରିଥାନ୍ତି । ମେଥି ମଞ୍ଜି ଭଳି ମେଥି ଶାଗ ମଧ ଶରୀର ପାଇଁ ବେଶ ଲାଭଦାୟକ । ଆପଣ ଚାହିଁଲେ ଏହାକୁ ନିଜ ଡଏଟରେ ସାମିଲ କରିପାରିବେ । ତେବେ ମେଥି ଶାଗ ଖାଇବା ଦ୍ୱାରା କ'ଣ ସବୁ ଲାଭ ମିଳେ ଆସନ୍ତୁ ଜାଣିବା । ମଧୁମେହ ରୋଗୀ ତଥା ଡାଇବେଟିସ ରୋଗୀଙ୍କ ପାଇଁ ମେଥି ଶାଗ ବେଶ ଉପକାରୀ । ଟାଇପ-୧ ଓ ଟାଇପ-୨ ଉଭୟ ଡାଇବେଟିସ ରୋଗୀଙ୍କ ପାଇଁ ଏହା ହିତକର । ମେଥି ଶରୀରରେ ଇନସୁଲିନର ମାତ୍ରା ନିୟନ୍ତ୍ରଣ ରଖିଥାଏ, ଯାହା ମଧୁମେହ ରୋଗୀଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିରେ ଥିବା ଫାଇଭର ପାଚନ କ୍ରିୟାକୁ ସୁସ୍ଥ ରଖିବାରେ କାମ କରେ । କୋଲେଷ୍ଟ୍ରୋଲ କମ କରିଥାଏ ମେଥି ଶାଗ । ଏଥିସହ ଯକୃତରେ ସୃଷ୍ଟି ହେଉଥିବା କୋଲେଷ୍ଟ୍ରୋଲକୁ ମଧ୍ୟ ଅଟକାଇଥାଏ । ଆଥେରୋସ୍କ୍ଲେରୋସିସ୍ ରୋଗୀଙ୍କ ପାଇଁ ମେଥି ଶାଗ ବହୁତ ଲାଭଦାୟକ ଅଟେ । ଶରୀରରେ ଖରାପ କୋଲେଷ୍ଟ୍ରୋଲ କମ କରିବାରେ ମେଥି ଶାଗ ସାହାଯ୍ୟ କରେ । ଛୋଟ ଶିଶୁଙ୍କର ବିକାଶ ପାଇଁ ମା' କ୍ଷୀର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

# ଘନ କେଶ ପାଇଁ ଉପକାରୀ ଅଦା



କେଶକୁ ଘନ ଓ ଲମ୍ବା କରିବା ପାଇଁ ଆପଣ ଅନେକ ଉପଚାର କରିଥା'ନ୍ତି । ଅଦା କେଶ ପାଇଁ ଏକ ଆୟୁର୍ବେଦିକ ଉପଚାର ଭାବରେ କାର୍ଯ୍ୟ କରିଥାଏ । ଅଦାରେ ଥିବା ମ୍ୟାଗ୍ନେସିୟମ୍, ପୋଟାଟିୟମ୍, ଫସଫରସ୍ ଓ ଭିଟାମିନ୍ କେଶ ଝଡ଼ିବା ବନ୍ଦ କରିଥାଏ ।

ଅଦା ଏକ ନାଚୁରାଲ୍ କଣ୍ଡିସନର ହୋଇଥିବାରୁ ଏହା କେଶର ରୁକ୍ଷପଣ ଦୂର କରି କେଶ ମୂଳରେ ରକ୍ତ ସଞ୍ଚାଳନ ଠିକ୍ ରଖିଥାଏ । ତେବେ ଆସନ୍ତୁ ଜାଣିବା କେଶକୁ ଲମ୍ବା ଓ ମଜବୁତ୍ କରିବା ପାଇଁ ଅଦାକୁ କିପରି ବ୍ୟବହାର କରିବେ ।

୧. ବଜାରରେ ମିଳୁଥିବା ଜିଞ୍ଜର ଅଏଲ୍ କେଶରେ ଲଗାନ୍ତୁ । ନଚେତ୍ ନିଜେ ଘରେ ପ୍ରସ୍ତୁତ କରନ୍ତୁ । ଏଥିପାଇଁ ପ୍ରଥେମ ଗୋଟିଏ ଚାମଚ ଘିଅରେ ଜୋଜୋବା ଅଏଲ୍, ଅଲିଭ୍ ଅଏଲ୍ ଓ ଅଦା ରସ ମିଶାନ୍ତୁ । ଏହି ମିଶ୍ରଣକୁ ଭଲ ଭାବରେ ମୁଣ୍ଡରେ ମାଲିସ କରନ୍ତୁ । ୩୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ । ସପ୍ତାହକୁ ଏପରି ଦୁଇ ଥର କରନ୍ତୁ । ଦେଖିବେ କେଶ ମୋଟା ହେବା ସହ ଝଡ଼ିବା ବନ୍ଦ ହେବ ।

୨. ଅଦା ଓ ଲେମ୍ବୁ ରସ ମଧ କେଶ ପାଇଁ ବ୍ୟବହାର କରିପାରିବେ । ୨ ଚାମଚ ଅଦା ରସରେ ୩ ଚାମଚ ରାଶି ତେଲ ଓ ଅଧା ଚାମଚ ଲେମ୍ବୁ ରସ ମିଶାନ୍ତୁ । ଏହି ମିଶ୍ରଣକୁ କେଶ ମୂଳରେ ୧୫ ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ । ଏହାପରେ ଶାମ୍ପୁ କରିନିଅନ୍ତୁ । ଏହା ଦ୍ୱାରା ରୁପି ଦୂର ହେବ । ସପ୍ତାହକୁ ତିନିଥର ଏହି ମିଶ୍ରଣକୁ ଲଗାଇପାରିବେ ।

୩. କେଶ ପତଳା ଥିଲେ ଅଦା ଓ ପିଆଜ ରସ ଲଗାନ୍ତୁ । ପ୍ରଥମେ ୨ ଚାମଚ ଅଦା ରସରେ ୧ ଚାମଚ ପିଆଜ ରସ ମିଶାନ୍ତୁ । ଏହି ରସକୁ କେଶ ମୂଳରେ ୨୦ ମିନିଟ୍ ଲଗାଇ ରଖିବା ପରେ ଧୋଇ ନିଅନ୍ତୁ । ସପ୍ତାହକୁ ଏପରି ଦୁଇରୁ ତିନିଥର କଲେ କେଶ ମୋଟା ହେବ ।

# ଅଧିକ ଫେସିଆଲ୍ କରୁଛନ୍ତି କି ?: ଶୁହନ୍ତୁ ସାବଧାନ



ମୁହଁକୁ ସୁନ୍ଦର ଓ ଉଜ୍ଜ୍ୱଳ କରିବା ପାଇଁ ମହିଳାମାନେ ପାର୍ଲରରେ ଫେସିଆଲ୍ କରିଥା'ନ୍ତି । ଫେସିଆଲ୍ କଲେ ମୁହଁର ଗ୍ଲୋ ବଢ଼ିଥାଏ । କିନ୍ତୁ କ'ଣ ଆପଣ ଜାଣିଛନ୍ତି କି, ଅଧିକ ଫେସିଆଲ୍ କଲେ ଆପଣଙ୍କ ତ୍ୱଚା ଖରାପ ହୋଇପାରେ । ତା'ହେଲେ ଆସନ୍ତୁ ଜାଣିବା ଆବଶ୍ୟକତାଠାରୁ ଅଧିକ ଫେସିଆଲ୍ କଲେ ତ୍ୱଚାକୁ କେଉଁସବୁ କ୍ଷତି ପହଞ୍ଚିଥାଏ ।

- ♦ ଫେସିଆଲ୍ ସମୟରେ ଅନେକ ପ୍ରକାରର କେମିକାଲ୍ ଥିବା କ୍ରୀମ୍ ବ୍ୟବହାର କରାଯାଇଥାଏ । ଏହି କ୍ରୀମ ସମସ୍ତଙ୍କ ମୁହଁକୁ ସୁଟ୍ କରି ନଥାଏ । ଏଥିପାଇଁ ମୁହଁ କୁଣ୍ଡାଇ ହେବା ପରି ସମସ୍ୟା ସୃଷ୍ଟି ହୋଇଥାଏ ।
- ♦ ଫେସିଆଲ୍ ସମୟରେ ମୁହଁକୁ ସ୍କ୍ରବ୍ ଦ୍ୱାରା ମସାଜ୍ କରାଯାଇଥାଏ । ଭୁଲ୍ ମସାଜ୍ ଯୋଗୁଁ ମୁହଁ ଲାଲ୍ ମଧ ପଡ଼ିଥାଏ । ଏଥିରୁ ସ୍କିନ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ ।
- ♦ ଫେସିଆଲ୍ ପରେ ମୁହଁରେ ଥିବା ରୋମ ଛିଦ୍ର ଖୋଲି ଯାଇଥାଏ । ଏପରିକି ତେଲିଆ ତ୍ୱଚା ଥିବା ମହିଳାଙ୍କର ଫେସିଆଲ୍ ପରେ ବ୍ରଣ ହେବା ଏକ ସାଧାରଣ କଥା । ତେଣୁ ତେଲିଆ ତ୍ୱଚା ଥିବା ମହିଳା ଫେସିଆଲ୍ କମ୍ କରନ୍ତୁ । ଯଦି ପାରୁଛନ୍ତି ଘରୋଇ ଉପଚାର ମାଧ୍ୟମରେ ତ୍ୱଚାର ଯତ୍ନ ନିଅନ୍ତୁ ।
- ♦ ସେହିପରି ଫେସିଆଲ୍ ସମୟରେ ମୁହଁରେ ବ୍ୟବହୃତ ହେଉଥିବା ପ୍ରଡକ୍ଟ ଯୋଗୁଁ ଆଲର୍ଜିର ଆଶଙ୍କା ମଧ ବଢ଼ିଥାଏ । ଅଧିକ ଫେସିଆଲ୍ , କଲେ ଆପଣଙ୍କ ତ୍ୱଚା ଶୁଷ୍କ ହୋଇଥାଏ । ସେଥିପାଇଁ ଫେସିଆଲ୍ କରିବା ପୂର୍ବରୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିୟମିତ ବ୍ୟବଧାନରେ ଫେସିଆଲ୍ କରନ୍ତୁ ।

## କେଉଁଥିରୁ କେତେ କାଲୋରି

ସାଧାରଣ ଭାବେ ୧୦୦ଗ୍ରାମ ଓଜନର କେଉଁ ଖାଦ୍ୟରୁ ଶରୀର କେତେ କାଲୋରି ପାଏ ଜାଣନ୍ତୁ । ଭାତରୁ ୧୧୮ କାଲୋରି, ସମ୍ବର- ଭାତରୁ ୮୪ କାଲୋରି ଓ ଦହି-ଭାତରୁ ୮୭ କାଲୋରି, ମିଠା କାନିକାରୁ ୨୪୪ କାଲୋରି, ଏଣ୍ଡୁରି ପିଠାରୁ ୯୬ କାଲୋରି, ସାଧା ଦୋସାରୁ ୨୧୬ କାଲୋରି, ମସଲା ଦୋସାରୁ ୨୧୨ କାଲୋରି, ଉପମାରୁ ୧୧୮ କାଲୋରି, ଅଟା ରୁଟିରୁ ୩୩୯ କାଲୋରି, ପୁରିରୁ ୪୨୫ କାଲୋରି, ମଇଦା ପୁରିରୁ ୪୮୭ କାଲୋରି, ପରଟାରୁ ୪୬୧ କାଲୋରି, ବୁଟଡାଲିରୁ ୧୮୮ କାଲୋରି, ମୁଗ ଡାଲିରୁ ୧୨୦ କାଲୋରି, ହରଡ଼ ଡାଲିରୁ ୧୧୫ କାଲୋରି, କଫିରୁ ୫୨ କାଲୋରି, ଚାହାରୁ ୩୬ କାଲୋରି, ଗୋ- ଦୁଗ୍ଧରୁ ୬୫ କାଲୋରି, ମଇଁଷି ଖିରରୁ ୧୦୮ କାଲୋରି, ଓମଲେଟରୁ ୧୯୭ କାଲୋରି, ମାଂସ ତରକାରିରୁ ୧୭୨ କାଲୋରି, ମାଂସ କଷାରୁ ୨୩୯ କାଲୋରି, ଭଜା ମାଛରୁ ୨୨୦ କାଲୋରି ଓ ବିରିୟାନୀରୁ ୨୦୧ କାଲୋରି ମିଳେ ।


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆଗକୁ ଖସଡ଼ା ପଥ...

କରୋନା ମହାମାରୀର ଦ୍ୱିତୀୟ ଲହର ଉପରେ ଦେଶ ଏକପ୍ରକାର ନିୟନ୍ତ୍ରଣ ଆଣିପାରିଛି । ଏହା ସମସ୍ତଙ୍କୁ ଆଶ୍ୱସ୍ତ କରିଛି । ଏବେ ଅନେକ ରାଜ୍ୟ ଜାରି କରିଥିବା ଲକ୍‌ଡାଉନ୍ ଓ କଠୋର କଟକଟାକୁ କୋହଳ କରିଛନ୍ତି । ତେବେ ବାସ୍ତବତାଟି ହେଲା, ଏପର୍ଯ୍ୟନ୍ତ ଦୈନିକ ପ୍ରାୟ ଏକଲକ୍ଷ ଲୋକ ନୂତନ ଭାବେ ସଂକ୍ରମିତ ହେଉଥିବାବେଳେ ମୃତ୍ୟୁସଂଖ୍ୟା ଦୁଇହଜାର ଉପରେ ରହିଛି । ତେଣୁ ମହାମାରୀ ମାତ୍ରାରେ ସାମାନ୍ୟ ହ୍ରାସ ଘଟିବା କିମ୍ବା କଟକଣା କୋହଳକୁ କୋଭିଡ ଉପରେ ଆମର ନିର୍ଣ୍ଣାୟକ ବିଜୟ ବୋଲି ଗ୍ରହଣ କରିବା ଉଚିତ୍ ହେବନାହିଁ । ଅତୀତରେ ପ୍ରାୟ ଶହେବର୍ଷ ପୂର୍ବେ ସ୍ୱାନିଶ୍ ଫ୍ଲୁ ଆମକୁ ଯେଉଁ ମହାଶିକ୍ଷା ଦେଇଛି ତାହାକୁ ଦେଶ ଓ ଦେଶବାସୀ ଚେତାବନୀ ରୂପେ ଗ୍ରହଣ କରିବା କଥା । ସେହି ମହାମାରୀ ଦଫାକୁ ଦଫା ଆସି ଲକ୍ଷ ଲକ୍ଷ ଲୋକଙ୍କ ଜୀବନନାଶର କାରଣ ପାଲଟିଥିଲା । ସେତେବେଳେ ଲୋକମାନଙ୍କ ମଧ୍ୟରେ ସଚେତନତାର ଅଭାବ, ସୂଚନା ବ୍ୟବସ୍ଥାର ଅନୁପସ୍ଥିତି ଏବଂ ସର୍ବୋପରି ପ୍ରତିଷେଧକ ଟିକା ଆଦିର ଅଭାବ ଏହାର ଭୟାବହତାକୁ ବହୁଗୁଣିତ କରିଥିଲା । କିନ୍ତୁ ଏବେ ଆମେ ସଭିଏଁ ଯେଉଁ ସମୟରେ ବଞ୍ଚୁଛୁ ଏବଂ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛୁ ସେଥିରେ ଆମର ବେପରୁଆ ଓ ଅମାନିଆ ଭାବ ଆମକୁ ଅଧିକ ସମସ୍ୟା ଭିତରକୁ ଠେଲିଦେଉଛି । ଏହା କହିବାର ତାତ୍ପର୍ଯ୍ୟ ହେଲା, କରୋନା ମହାମାରୀ ସଂପର୍କରେ ଏବେସୁଦ୍ଧା ବିଶ୍ୱର ବିଜ୍ଞାନୀମାନେ ଅନେକ ବାସ୍ତବ ତଥ୍ୟ ଜାଣିବାକୁ ବାକି ଅଛି । ଏହି ଭୂତାଣୁର କାୟା ପରିବର୍ତ୍ତନ ଏବଂ ପ୍ରତି ନୂତନ ଷ୍ଟ୍ରେନ୍‌ର ଭୟାବହତା ସଂପର୍କରେ ନିର୍ଦ୍ଦିଷ୍ଟ ଭାବେ ଜାଣିବା ସକାଶେ ସେମାନେ ଅହୋରାତ୍ର ପ୍ରୟାସ ଚଳାଇଛନ୍ତି । ପ୍ରଥମ ଲହର ପରେ ସଭିଏଁ ବିଶ୍ୱାସ କରୁଥିଲେ ଯେ କରୋନା ମାନବ ସମାଜର ଦେହସୁହା ହୋଇଗଲା ଏବଂ ସାଧାରଣ ସର୍ଦ୍ଦି ଭଳି ଏହା ରହିବ, ଯାହାକୁ ଜଣେ ସାଧାରଣ ଲୋକ ସହଜରେ ମୁକାବିଲା କରିପାରିବ । କିନ୍ତୁ ବାସ୍ତବତା ଘଟିଲା ଠିକ୍ ଓଲଟା । ଲେଉଟିଲା ବାଘ ପରି ତାହା ବିଭିନ୍ନ ରାଷ୍ଟ୍ରରେ କରାଳ ରୂପ ଧାରଣ କଲା । ଏବେ ପୁଣି ସାମୟିକ ଭାବେ ତାହା ଥମି ଯାଇଥିଲେ ସୁଦ୍ଧା ଆମକୁ ଅଧିକ ସତର୍କତାର ସହ ଯେ ଜୀବନ ବଞ୍ଚିବାକୁ ହେବ ତାହା ସୁନିଶ୍ଚିତ । ସକଳ ବାଦାନୁବାଦ ମଧ୍ୟରେ ଦେଶରେ ଟିକାକରଣ ଅଭିଯାନକୁ ଆହୁରି ବ୍ୟାପକ କରାଯାଉଛି । ବିଦେଶରେ କରୋନାର ପ୍ରକୋପ ନିୟନ୍ତ୍ରିତ ହେବାର ଏକମାତ୍ର କାରଣ ଟିକାକରଣ ଏବଂ ଲୋକମାନଙ୍କ ସଚେତନତା । ତେଣୁ ଭାରତରେ ମଧ୍ୟ ଏହି ପଦ୍ଧତି ଅବଲମ୍ବନ କରିବା ଜରୁରି । ଦେଶର ବିପୁଳ ଜନସଂଖ୍ୟାକୁ ଚାହିଁ ଏହି ଟିକାକରଣ ଯେ ଆହୁରି ଅନେକ ମାସ ଲାଗିବ ତାହା ଅନୁମାନ କରାଯାଇପାରେ । ତଥାପି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ଯେ ୧୮ ବର୍ଷରୁ କମ୍ ଆୟୁବର୍ଗର ପିଲାମାନଙ୍କୁ ଖୁବ୍ ଶୀଘ୍ର ଟିକାକରଣ କରାଯିବ । ଏଥିସହ ସରକାର ଏବେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ମଧ୍ୟ ଯଥାସମ୍ଭବ ସଜାଡ଼ିବା ଓ ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରୁଛନ୍ତି । ଏହାର ସମ୍ଭାବ୍ୟ କାରଣ ହୋଇପାରେ, ଏପର୍ଯ୍ୟନ୍ତ ଦେଶର ଗ୍ରାମାଞ୍ଚଳ ତୁଳନାତ୍ମକ ଭାବେ କରୋନା ପ୍ରଭାବରୁ ମୁକ୍ତ ରହିଛି । ତୃତୀୟ ଲହର ଯଦି ବାସ୍ତବତାରେ ପରିଣତ ହୁଏ ଓ ତାହା ଗ୍ରାମାଞ୍ଚଳକୁ ବ୍ୟାପେ, ତେବେ ଆକ୍ରାନ୍ତମାନଙ୍କ ଚିକିତ୍ସା ପାଇଁ ବେଳଥାଉଁ ବ୍ୟବସ୍ଥା କରାଯିବା ଦରକାର । ଯେହେତୁ ଗ୍ରାମାଞ୍ଚଳରେ ପ୍ରାୟ ୭୦ ପ୍ରତିଶତ ଲୋକ ବସବାସ କରନ୍ତି ଏହି ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ବିପୁଳ ଅର୍ଥ ଓ ସାଧନାର ଆବଶ୍ୟକତା ରହିଛି । କିନ୍ତୁ ସବୁଠାରୁ ବଡ଼ କଥା ହେଉଛି ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି । ସଚେତନତା ବୃଦ୍ଧି ପାଇଲେ କରୋନାର ଅଦୃଶ୍ୟ ଶୃଙ୍ଖଳ ଗ୍ରାମାଞ୍ଚଳରେ କାୟା ବିସ୍ତାର କରିପାରିବ ନାହିଁ । ତେଣୁ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନତିକରଣ ସହିତ ସରକାର ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ନିମନ୍ତେ ମଧ୍ୟ ପ୍ରୟାସ କରିବା ଉଚିତ୍ । ସମ୍ଭାବ୍ୟ ତୃତୀୟ ଲହର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଉଭୟ ସ୍ଥାନରେ ବ୍ୟାପିପାରେ । ଯେକୌଣସି ଆୟୁବର୍ଗଙ୍କୁ ଆକ୍ରାନ୍ତ କରିପାରେ । ଦ୍ୱିତୀୟ ଲହରଠାରୁ ଅଧିକ

# ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର



ଅକ୍ଷୟ କୁମାର ରାଉତ



ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆ ଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ। ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ। ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ। ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଆରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ଦିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି। ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ। ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି। ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି।

ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗଣକ, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ। ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି। ତେଣୁ ସେ ସଦାରୋଗୀ, ରୁଗ୍ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ।

ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା। ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚ ବର୍ଷରୁ ଆରମ୍ଭ ହୋଇଥିଲା। ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା, ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ। ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରାତାର୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ।

ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା। ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ। ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୂପଣ କରୁଥିଲେ। ପାଞ୍ଚ ବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ। ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍‌ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ। ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ। ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୂ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ।

ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ। ତାଙ୍କର ପାଞ୍ଚ ଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା। ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ। ତାଙ୍କ ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ। ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ୍ତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ। ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ। ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୂରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ। ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ। ଚନ୍ଦ୍ରଶେଖର ଯେଉଁ ସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଲ' ଓ 'ଉଲମ୍ବିଚକ୍ର'।

ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ର ଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ ଲେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା। ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ।

'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା। ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ। ଏଥି ପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ। ଗଜପତି ରାଜା ମଧ୍ୟ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ। ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ। ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି।

+ ପାରାଦ୍ୱୀପଗଡ଼
ମୋ: ୯୯୩୭୬୯୧୪୭୫

# ବିଶିଷ୍ଟ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ



ବିଶ୍ୱବିଜୟୀ ଦାଶ



୧୮୩୫ ମସିହା ଡିସେମ୍ବର ୧୩ ତାରିଖ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଖଣ୍ଡପଡ଼ା ରାଜବଂଶରେ ଜନ୍ମଗ୍ରହଣ କରିଥିଲେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର,ପରବର୍ତ୍ତୀ ସମୟରେ ଉତ୍କଳ ପୁରପଲ୍ଲୀ ରେ ସେ ପଠାଣି ସାମନ୍ତ ନାମରେ ସୁପରିଚିତ।

ତାଙ୍କ ବାପା ହେଉଛନ୍ତି ସାମନ୍ତ ଶ୍ୟାମବନ୍ଧୁ ସିଂହ ଓ ମାତା ହେଉଛନ୍ତି ବିଷ୍ଣୁମାଳି ଦେବୀ।

ପିଲାଦିନୁ ସେ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ ଓ ଅଧ୍ୟବସାୟୀ ଓ ଉଦାରମନା ଥିଲେ । ଗୁରୁ କୃତ୍ତିବାସ ରଥଙ୍କଠାରୁ ବାଲ୍ୟଶିକ୍ଷା ଓ ଗୁରୁ ପଣ୍ଡିତ ଆନନ୍ଦ ଖାଡ଼ଙ୍ଗାଙ୍କଠାରୁ ସଂସ୍କୃତ ଶିକ୍ଷା ଲାଭ କରିଥିଲେ। ତାଙ୍କ ବାପା ସେହି ସମୟରେ ଜଣେ ପ୍ରଧାନ ଗାଣିତିକ ଥିଲେ । ଗଣିତ ଜ୍ୟୋତିଷରେ ତାହାଙ୍କର ଗଭୀର ପାଣ୍ଡିତ୍ୟ ଥିଲା । ଚନ୍ଦ୍ରଶେଖର ବାପାଙ୍କ ଠାରୁ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଗୋଟି ବାଉଁଶନଳୀ ସାହାଯ୍ୟରେ ଦୂରଦୂରାନ୍ତର ଗ୍ରହ ମଣ୍ଡଳର ନକ୍ଷତ୍ରମାନଙ୍କର ଗତି ଅବଲୋକନ କରି ସେ ଯେଉଁ ସିଦ୍ଧାନ୍ତରେ ଉପନୀତ ହେଲେ ତାହା ପୁରାତନ ସଂସ୍କୃତ ଜ୍ୟୋତିଷ ଶାସ୍ତ୍ରର ସିଦ୍ଧାନ୍ତ ସହିତ ତାହାର ଅନେକ ଅସମାନତା ଥିଲା । ତାହାଙ୍କର ନିଜ ସିଦ୍ଧାନ୍ତରୁ ପ୍ରମାଣିତ ହେଲା ଯେ, ପୁରାତନ ଭାରତୀୟ ଜ୍ୟୋତିର୍ବିଦମାନଙ୍କ ଗଣନା ଦିବସରୁ ନକ୍ଷତ୍ର ଜଗତର ସ୍ଥିତି ଗତିର ବଦଳିଯାଇଛି । ତାଙ୍କର ନୂତନ ମୌଳିକ ଗଣନା ଅନୁଯାୟୀ ସେ ସିଦ୍ଧାନ୍ତ ଦର୍ପଣ ପୋଥି ରଚନା କଲେ ।

ପଠାଣି ସାମନ୍ତ ୧୮୬୯ ମସିହା ମେଷ ସଂକ୍ରମଣ ଦିନ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥର ରଚନା ଆରମ୍ଭ କରିଥିଲେ । ୩୪ବର୍ଷ ବୟସରୁ ଆରମ୍ଭ କରିଥିବା ଏହି ଗ୍ରନ୍ଥ ମୁକୁନ୍ଦ ଦେବଙ୍କ ୧୪ଶ ଅଙ୍କ ମାର୍ଗଶୀର କୃଷ୍ଣ ନବମୀ ଶନିବାର ଅର୍ଥାତ ୧୮୯୨ ମସିହା ନଭେମ୍ବର ୧୨ତାରିଖ ଦିନ ସମାପ୍ତ ହୋଇଥିଲା । ଅତି ସୁନ୍ଦର ପଦ୍ୟାବଳି ସହ ସଂସ୍କୃତ ଭାଷାରେ ଲିଖିତ ଏହି ବୃହତ ଗ୍ରନ୍ଥରେ ୨୪ଟି ବିଭାଗ ଏବଂ ୨୫୦୦ଟି ଶ୍ଲୋକ ସ୍ଥାନିତ ହୋଇଛି । ଏଥିମଧ୍ୟରୁ ୨୨୮୪ଟି ଶ୍ଲୋକ ସାମନ୍ତଙ୍କଦ୍ୱାରା ରଚିତ ହୋଇଥିବା ବେଳେ ଅବଶିଷ୍ଟ ପୁରାତନ ସିଦ୍ଧାନ୍ତମାନଙ୍କରୁ ଗୃହୀତ । ଏହି ଗ୍ରନ୍ଥ ମଧ୍ୟାଧିକାର, ସ୍ଫୁଟାଧିକାର, ତ୍ରିପ୍ରଶ୍ନାଧିକାର, ଗୋଳାଧିକାର ଓ କାଳାଧିକାର ପରି ପଞ୍ଚ ଅଧିକାରରେ ବିଭକ୍ତ । ତାଳପତ୍ର ଉପରେ ଲିଖିତ ପଠାଣି ସାମନ୍ତଙ୍କ ହସ୍ତଲିପିକୁ ଘନଶ୍ୟାମ ମିଶ୍ର କାଗଜକୁ ଉତାରିଥିଲେ । ତତ୍କାଳିନ କରଦରାଜ୍ୟ ସମୂହର ତଦନାନ୍ତୀନ ସହକାରୀ ସୁପରିଟେଣ୍ଡେ ସୁଦାମ ଚରଣ ନାୟକଙ୍କ ଉଦ୍ୟମରେ ଆଠମଲ୍ଲିକ ରାଜା ମହେନ୍ଦ୍ର ଦେଓ ଓ ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଆର୍ଥିକ ସହାୟତା କ୍ରମେ କଲିକତା ସ୍ଥିତ ଗିରୀଶ ବିଦ୍ୟାରତ୍ନ ମୁଦ୍ରଣାଳୟରେ ୧୮୯୪ ମସିହାରେ ଛାପାକାର୍ଯ୍ୟ ଆରମ୍ଭ ହୋଇଥିଲା ।ଏହି ଗ୍ରନ୍ଥଟି ପାଖାପାଖି ୧୦୦ ବର୍ଷ ପର୍ଯ୍ୟନ୍ତ ଅନାଲୋଚିତ ହୋଇ ରହିଥିଲା । ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧି ''ନେଚର କଲେଜ'' ନାମକ ପତ୍ରିକାରେ ଏ ବିଷୟରେ ଏକ ଲେଖା ପ୍ରକାଶ କରି ଏହାକୁ ଲୋକ ଲୋଚନକୁ ଆଣିଥିଲେ । ପଦାର୍ଥବିଜ୍ଞାନୀ ପ୍ରଫେସର ଲକ୍ଷ୍ମୀଧର ଶତପଥି ଓ ଡଃ ପ୍ରହଲ୍ଲାଦ ଚନ୍ଦ୍ର ନାୟକ ମିଳିତ ଭାବେ ପଠାଣି ସାମନ୍ତ ସମ୍ବନ୍ଧରେ କତିପୟ ପ୍ରବନ୍ଧ ପ୍ରକାଶ କରି ଅଛନ୍ତି । କେତକ ଭାରତୀୟ ଓ ଅଣ-ଭାରତୀୟ ବୈଜ୍ଞାନିକଙ୍କ ଚେଷ୍ଟାରେ ତାଙ୍କ ସମ୍ବନ୍ଧରେ ''ବୌଦ୍ଧିକ ଅବଦାନ'' ନାମକ ପୁସ୍ତକ ଦିଲ୍ଲୀର ନିରୋସା ପବ୍ଲିସିଂ ହାଉସ ତରଫରୁ ପ୍ରକାଶିତ ହୋଇଛି।

ପଠାଣି ସାମନ୍ତ ଙ୍କ ତିଆରି ଯନ୍ତ୍ର ଗୋଲଯନ୍ତ୍ର,ସୂର୍ଯ୍ୟଘଡ଼ି (ଏହା ସୂର୍ଯ୍ୟଙ୍କ ଗତିକୁ ନେଇ ସମୟ ନିରୂପଣ ପାଇଁ ବ୍ୟବହାର କରାଯାଇଥାଏ), ଶଙ୍କୁଦଣ୍ଡ

ଉଲମ୍ବୀ ଚକ୍ର, ମାନଯନ୍ତ୍ର, ଖଗୋଳଯନ୍ତ୍ର।

ପଠାଣି ସାମନ୍ତ ଇଂଲଣ୍ଡରେ କେବେ ସୂର୍ଯ୍ୟଗ୍ରହଣ ହେବ ସେ ସମ୍ପର୍କରେ ଆଗୁଆ ସୂଚନା ଦେଇଥିଲେ। ମଞ୍ଜୁଷାର ରାଜା ଏକଥା ମାନ୍ଦ୍ରାଜର ଲାଟଙ୍କୁ ଜଣାଇଥିଲେ। ମାନ୍ଦ୍ରାଜର ତତ୍କାଳୀନ ଲାଟ୍? ଏ ସମ୍ପର୍କରେ ଇଂଲଣ୍ଡକୁ ଖବର ଦେଇଦେଲେ। ସେଠାକାର ଜ୍ୟୋତିର୍ବିଦମାନେ ଉତ୍କଣ୍ଠାର ସହିତ ସେ ସମୟକୁ ଅପେକ୍ଷା କରି ରହିଲେ। ପଠାଣିଙ୍କ ଗଣନା ମୁତାବକ ସେଇ ନିର୍ଦ୍ଦିଷ୍ଟ ସମୟରେ ସୂର୍ଯ୍ୟୋପରାଗ ହେଲା। ଠିକ୍? ସେମିତି ଆମେରିକାରେ ଚନ୍ଦ୍ରଗ୍ରହଣର ନିର୍ଦ୍ଦିଷ୍ଟ ସମୟ ବାବଦରେ ସେ ତତ୍କାଳୀନ ରେଭେନ୍?ସା କଲେଜ୍?ର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଯୋଗେଶଙ୍କୁ ପତ୍ର ଦ୍ୱାରା ଜଣାଇଥିଲେ। ନିର୍ଧାରିତ ସମୟର ଦୁଇ ସେକେଣ୍ଡ ବିଳମ୍ବରେ ଚନ୍ଦ୍ରଗ୍ରହଣ ଦୃଶ୍ୟ ?ହୋଇଥିଲା। ଏହା ଜ୍ୟୋତିର୍ବିଜ୍ଞାନୀଙ୍କୁ ଚକିତ କରିଦେଇଥିଲା।

ଫଳିତ ଜ୍ୟୋତିଷର ନିର୍ଭୁଲ ଗଣନା ଯୋଗୁଁ ତାଙ୍କୁ ୧୮୯୩ ମସିହାରେ ମହାମହୋପାଧ୍ୟାୟ ଉପାଧିରେ ବିଭୂଷିତ କରାଯାଇଥିଲା।

ତାଙ୍କ ସ୍ମୃତିରେ ଓଡ଼ିଶାର ରାଜଧାନୀ ଭୂବନେଶ୍ୱର ଠାରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ୍' ପ୍ରତିଷ୍ଠା ହୋଇଛି।

ଖଣ୍ଡପଡ଼ା ଏନ୍‌ଏସିର ୧୩ ନମ୍ବର ୱାର୍ଡରେ ରହିଛି, ପଠାଣି ସାମନ୍ତ ମ୍ୟୁଜିୟମ। ଏଠାରେ ତାଙ୍କ ଜନ୍ମ ଠାରୁ ଆରମ୍ଭ କରି ମୃତ୍ୟୁ, ଅନ୍ୟାନ୍ୟ କଥା କଳାକୃତି ମାଧ୍ୟମରେ ବର୍ଣ୍ଣନା କରାଯାଇଛି। ୨୦୧୬ ମସିହାରେ ପର୍ଯ୍ୟଟନ,ବିଜ୍ଞାନ ଓ ବୈ?ଷୟିକ ବିଭାଗ ପକ୍ଷରୁ ଏହା ପ୍ରତିଷ୍ଠା କରାଯାଇଥିଲା। ଏଥିରେ ତାଙ୍କ ବିଜ୍ଞାନ ସମ୍ମତ ବିଭିନ୍ନ ସିଦ୍ଧାନ୍ତର ବର୍ଣ୍ଣନା ରହିଛି। ଏଥିସହିତ ସେ ବ୍ୟବହାର କରୁଥିବା ମାନଯନ୍ତ୍ର, ଖେଳୁଥିବା କାର୍ଡ ଆଦି ପ୍ରଦର୍ଶିତ ହେଉଛି।

ନିଜର ଜାତକକୁ ଗଣନା କରି ନିଜର ମୃତ୍ୟୁ ସମୟ ସେ ବହୁ ପୂର୍ବରୁ ଜାଣି ପାରିଥିଲେ । ସେଥିପାଇଁ ଅନ୍ତିମ କାଳରେ ସେ ପୁରୀରେ ଅବସ୍ଥାନ କରିବା ସମୟରେ ୧୧ ଜୁନ୧୯୦୪ରେ ଇହଲୀଳା ସମ୍ବରଣ କରିଥିଲେ । କବିବର ରାଧାନାଥ ତାଙ୍କର ପ୍ରତିଭା ଓ କୃତିକୁ ଲକ୍ଷ୍ୟକରି ଦରବାର କବିତାରେ ଲେଖିଛନ୍ତି ''ଉତ୍କଳମାତାର ଯୋଗ୍ୟତମ ସୁତ, ତୁମ୍ଭ ଯୋଗୁଁ ଆମ୍ଭେ ସର୍ବେ ହେଲୁ ପୂତ,

ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ, ନର ଦେହେଥିବ ଯାବତ ହୃଦୟ।''

ସେହି ମହାନ୍ ବ୍ୟକ୍ତିତ୍ୱଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ତାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ।

+ ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍ ନଂ- ୭୫୨୦୩୫
ଫୋନ ନଂ- ୬୩୭୦୨୦୮୪୨୮

## କବିତା କୋଣାର୍କ

### କୃଷ୍ଣଚୂଡା
ସୁରଞ୍ଜନ ପାତ୍ର



ଖଦଡ଼ ଖରାର ନିରିମମ ଆଖି
ପାରିନାହିଁ ମୋତେ ଜାଳି
କୃଷ୍ଣଚୂଡ଼ା ମୁଁ ସ୍ୱପ୍ନ ମୋହର
କା' ପାଦେ ଦେଇନି ଦଳି ।।

ଏଇ ଦୁନିଆରେ ଦେହରେ ଦହନ
ଭରିବା ଲୋକ ତ ବେଶି
ଲୁହର ବଦଳେ ଜଣେ କେହି ଦିନେ
ଯାଚି ତ ଦିଅନା ଖୁସି ।

ଅଦିନ ଝଡ଼ର ମୁଗୁର ମାଡ଼କୁ
ନେଇଛି ମୁଁ ତେଣୁ ତୋଳି
କୃଷ୍ଣଚୂଡ଼ା ମୁଁ ସ୍ୱପ୍ନ ମୋହର
କା' ପାଦେ ଦେଇନି ଦଳି ।।

ମୋହିନୀ ହସର ଦଂଶନେ କେବେ
ଝୁଣ୍ଟି ପଡ଼ିନି ପଥେ
ପଦ୍ମବନର ପାଖୁଡା ଭିତରେ
ନିଜକୁ ଖୋଜିନି ସତେ ।

ଏଇ ମୋ ଜୀବନ ପୂଣ୍ୟ ଶାଖାରେ
ନିଇତି ଖେଳଇ ଦୋଳି
କୃଷ୍ଣଚୂଡ଼ା ମୁଁ ସ୍ୱପ୍ନ ମୋହର
କା' ପାଦେ ଦେଇନି ଦଳି ।

+ ସଂପାଦକ-ନୀହାରକନ୍ୟା
ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର,
ବାଲେଶ୍ୱର-୪୫
ମୋ -୮୧୧୭୮୦୫୯୫୯

## କବିତା କୋଣାର୍କ

### ମୁକ୍ତି ....
ଲକ୍ଷ୍ମୀକାନ୍ତ ସାହୁ

ମୃତ୍ୟୁ ବି କରିବନି ଅବିଚଳିତ
ଜୀବନ ହସର ଏକ ଝଲକ
ସକାଳର ପାହାନ୍ତି ସଞ୍ଜିବନୀ ରେ
ଏ ଜୀବନ ଆଲେଖ ଆଲୋଚିତ ।
ସାମ୍ନାରେ ଅସରନ୍ତି ପୁଲକର ବନ୍ୟା
ଜୀବନେ ଆସିବ ଜଣେ ବହ୍ନି କନ୍ୟା ।
ମରୁ ମୟ ପଥରେ ଫିଟିବ ଗୁମର
ଏ ଜୀବନେ ଅଗ୍ନିପଥେ
ବାଜିବ ନୂପୁର ।
ସ୍ୱପ୍ନର ଇଲାକାରେ ସମସ୍ତେ ମଣିଷ
ମଣିଷ କୁ ମଣିଷ ଭଳି
ବ୍ୟବହାର ଦିଅ
ଦେଖିବ ଜୀବନର ଫିଟିଯିବ ପଥ
ଅମୃତମୟୀ ଦୁନିଆଁରେ
ସରିବନି ଗୀତ ।
ଅସରନ୍ତି ବନ୍ଧୁ ସଖା ଅସୀମିତ
ହେ ଇଶ୍ୱର କ୍ଷମା ମାଗୁଛି
ମୁଁ ଚାହେଁ ମୁକ୍ତି, ମୁକ୍ତିର ପଥ ।
ମୋର ଦୁନିଆଁ ବିଷୟରେ
ଜାଣିବାର ନାହିଁ
ମୋର ଇଶ୍ୱରୀୟ ସତ୍ତା ।
ଖୋଜିବାର ନାହିଁ
ମତେ ମୁକ୍ତିର ମାର୍ଗ ଦେଖାଇ ଦିଅ
ସତରେ ମୁକ୍ତିର ମାର୍ଗ
ଦେଖାଇ ଦିଅ ।

+ ଡୁଡୁକାମୁଣ୍ଡା, ନଅଗାଁ (କ)
ଆଗଲପୁର, ବଲାଙ୍ଗୀର

### ଅଦିନିଆ ବର୍ଷା
ସୌମ୍ୟରଞ୍ଜନ ବେହେରା

ଅଦିନିଆ ଯେବେ ହୁଅଇ ବରଷା
ଭିଜିବାକୁ ଭାରି ମଜା ଲାଗେ
ପାଠ ପଢ଼ା ବେଳ ଅତୀତର ସ୍ମୃତି
ଅଚାନକ ଆସି ମନେଜାଗେ ।

ସେଇ ବିଦ୍ୟାଳୟ ଫେରିବା ବାଟରେ
ହାତରୁ ଛତାକୁ ଫିଙ୍ଗି ଦେଇ
ସାଙ୍ଗ ମାନେ ମିଶି ଆସୁଥିଲୁ ଧିରେ
ବରଷା ପାଣିରେ ଓଦାହୋଇ ।

ଦେହ ଜାମାପଟା ବହି ଓ ବସ୍ତାନି
ଭିଜି ଗଲାପରେ ତାକୁ ଦେଖି
ଟିକି ପାଞ୍ଚଣରେ ଦି ଚାରି ପାହାର
ସାଥିରେ ମାଆର ନାଲି ଆଖି ।

ସମୟ ସାଥିରେ ସବୁ ବଦଳିଛି
ଆଉ ନାହିଁ ଅତୀତର ଦିନ
ବରଷା ସାଥିରେ ଭିଜିବାକୁ ଏବେ
ଆଉ ଝୁରୁନାହିଁ ଏଇ ମନ ।

+ କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା

### ଗୋଟେ ଉପନ୍ୟାସ ଆରମ୍ଭରେ
ସୌମ୍ୟରଂଜନ ଭୂୟାଁ



ଆଉ କିଛିଦିନ ଲାଗି
ତୋ ପ୍ରେମିକଟେ ହେଇ ରହିବାକୁ ଦେ
ଉପନ୍ୟାସ ଟେ ସରିଯାଉ
ତାପରେତୁ କିଏ ...
ନା ମୁଁ କିଏ ... ?

ଦୁହେଁ ବନ୍ଧା ହେଇ ରହିଯିବା
ଲାମିନେସନ୍ ହେଇଥିବା
ମଲାଟ ଭିତରେ,
ଆଉ କିଛି ରହିଯିବ କାଗଜ ଓ
ସ୍ୟାହି ଛାପାରେ ।
ଏ ଦୁନିଆ ପଢୁଥିବ ଆଉ କହୁଥିବ
କେହିଜଣେ ତ ସନ୍ଧି କରୁଥିଲା ,
ଶବ୍ଦ ସହ ସ୍ୱାକ୍ଷରକୁ ।

ଆଉ ତିଳ ତିଳ କରି ଜାଳୁଥିଲା
ଦରଦୀ ପାଠକଙ୍କ ହୃଦୟକୁ ।
କିଛି ଶବ୍ଦ ରଖୁଥିବ ଶୂନ୍ୟତାର ସନ୍ଧି ,
କିଛି ଦର୍ଶାଉଥିବ ଜୀବନର ଭଙ୍ଗୀ ।

ଆଉ ବୁଲିବୁଲି ସେ ପୃଷ୍ଠା
ସବୁ ଖୋଜି ଚାଲିଥିବେ
ତୋ ଆଉ ମୋ ଭିତରର
ଜଳିପୋଡି ଯାଇଥିବା
ଅଧାଗଢ଼ା ସ୍ୱର୍ଣ୍ଣିମ ସମ୍ପର୍କକୁ ଆୟୁଧ କର

+ସାଲେପୁର, କଟକ
ମୋ- ୭୩୭୭୫୬୯୧୫୫





# ଲସ୍ ଏଞ୍ଜେଲ୍ସରୁ ମଲ୍ଲିକା



ଦ ମର୍ଡର ଗାର୍ଲ ମଲ୍ଲିକା ୨୦୦୩ରେ 'ଖ୍ୱାହିସ୍' ଫିଲ୍ମ ମାଧମରେ ବଲିଉଡ୍‌ରେ ପ୍ରବେଶ କରିଥିଲେ। ପରେ ପ୍ୟାର କେ ସାଇଡ୍ ଇଫେକ୍ଟସ୍, ଡରନା ଜରୁରୀ ହେ, ମର୍ଡର, ଆପ୍ କା ସୁରୁ, ୱେଲକମ୍, ଡାର୍ଟି ପଲିଟିକ୍ସ, ଡବଲ୍ ଧମାଲ୍, ଓ୍ୱ ସବକି ଫତେଗୀ ଆଦିରେ ଅଭିନୟ କରିଥିଲେ। ଜ୍ୟାକି ଚାନ୍ ଓ ଉଇଲିଅମ୍ ଡିୟର୍ସଙ୍କ ସହ ହଲିଉଡ୍ ମୁଭି 'ପଲିଟିକ୍ସ ଅଫ ଲଭ୍'ରେ ମଧ ତାଙ୍କୁ ଦେଖିବାକୁ ମିଳିଛି। କାନ୍ ଫିଲ୍ମ ଫେଷ୍ଟାଭାଲର ରାଣୀ ମଲ୍ଲିକା ଏବେ ୱେବ୍‌ସିରିଜ 'ଓ୍ୱ ସବକି ଫତେଗୀ'ରେ ଦେଖିବାକୁ ମିଳିଛନ୍ତି। ଡାର୍ଟି ପଲିଟିକ୍ସରେ ଥିବା 'ଘାଗରା', ଗୁରୁରେ ଥିବା 'ମାୟା ମାୟା', ଡବଲ୍ ଧମାଲରେ ଥିବା 'ଜଲେବି ବାଈ', ତେଜ୍‌ରେ ଥିବା 'ଲେଲା' ଓ ବିନ୍ ବୁଲାୟେ ବାରାତିରେ ଥିବା 'ଶାଲୁ କେ ଠୁମ୍‌କେ' ଆଇଟମ୍ ସଙ୍ଗର ଆଇଟମ୍ ନମ୍ବରୀ ମଲ୍ଲିକା ଆଜିକାଲି ବିଦେଶରେ ରହୁଛନ୍ତି। ବେଶ୍ କିଛିଦିନ ହେବ ବଲିଉଡ୍‌ର ସେକ୍ସିଗାର୍ଲ ମଲ୍ଲିକା ସେରାୱତଙ୍କ ବିଷୟରେ କିଛି ଚର୍ଚ୍ଚା ନାହିଁ। ଏବେ ସେ ତାଙ୍କ ଲସ୍ ଏଞ୍ଜେଲ୍ସ ବାସଭବନର କ୍ୟାମ୍ପସ୍ ଭିତରେ ଥିବା ଉଦ୍ୟାନ ଓ ସୁଇମିଙ୍ଗ୍ ପୁଲ ଭିତରେ ନିଜ ଖୁସିର ମୁହୂର୍ତ୍ତ ଅତିବାହିତ କରୁଥିବାର କିଛି ଫଟୋ ଓ ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଯାହାକୁ ଦେଖି ପ୍ରଶଂସକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବେବୋ ହେବେ ସୀତା: ଡିମାଣ୍ଡ କଲେ ୧୨ କୋଟି



୨ ଛୁଆଙ୍କ ମା' ହେବା ସହ ବୟସର ୪୦ତମ ପାହାଚ ଅତିକ୍ରମ କରିବା ପରେ୍ବି ଟାଉନରେ ବେବୋଙ୍କ କ୍ରେଜ୍ କମି ନାହିଁ। ଏବ୍ବେ ତାଙ୍କ ନିକଟରେ ନିର୍ଦ୍ଦେଶକଙ୍କ ଲାଇନ ଲାଗୁଛି। ଆଉ ଆକାଶଛୁଆଁ ପ୍ରାଇସ୍ ଡିମାଣ୍ଡ କରୁଛନ୍ତି ଛୋଟେ ନବାବଙ୍କ ବେଗମ।

ଏବେ ଫିଲ୍ମ 'ସୀତା'ରେ ଲିଡ୍ ରୋଲ୍‌ରେ ଅଭିନୟ କରିବା ପାଇଁ କରୀନ କପୁରଙ୍କୁ ମିଳିଛି ଅଫର। ଆଉ ସେଥିପାଇଁ ସେ ମାଗିଛନ୍ତି ୧୨ କୋଟି ଟଙ୍କା।

ଅଲୌକିକ ଦେଶାଇ ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱରେ ଥିବା ବେଳେ ଏହା 'ରାମାୟଣ' ଆଧାରରେ ନିର୍ମାଣ ହେବ ବୋଲି ଜଣାପଡ଼ିଛି। ଏଥିରେ ଦେବୀ ସୀତାଙ୍କ ଭୂମିକାକୁ ବିଶେଷ ଭାବେ ପ୍ରାଧାନ୍ୟ ଦିଆଯିବ ବୋଲି ମଧ ଜଣାପଡ଼ିଛି।

କରୀନାଙ୍କୁ ଫିଲ୍ମର କନସେପ୍ଟ ପସନ୍ଦ ଆସିଛି। ସେ ଗୋଟେ ପ୍ରକାର ହଁ କରିସାରିଛନ୍ତି। ତେବେ ସେ ପାରିଶ୍ରମିକ ବାବଦକୁ ୧୨ କୋଟି ଟଙ୍କା ମାଗିଥିବାରୁ ନିର୍ମାତା ଟିକେ ଦ୍ୱନ୍ଦ୍ୱରେ ଥିବା ଖବର ଆସିଛି। ସେମାନେ 'ସୀତା' ଭୂମିକା ପାଇଁ ଆଉ ଜଣେ କମ୍ ବୟସର ଅଭିନେତ୍ରୀ ମଧ ଖୋଜୁଥିବା ଜଣାପଡ଼ିଛି। ତେବେ କରୀନା ସେମାନଙ୍କର ପ୍ରଥମ ପସନ୍ଦ ବୋଲି ଜଣାପଡ଼ିଛି।

କରୀନା ସାଧାରଣତଃ ଗୋଟିଏ ଫିଲ୍ମ ପାଇଁ ୬ରୁ ୮ କୋଟି ଦାବି କରନ୍ତି। କିନ୍ତୁ 'ସୀତା' ଫିଲ୍ମ ପାଇଁ ଅଧିକ ସମୟ ଦେବାକୁ ପଡ଼ିବ ବୋଲି ସେ ୧୨ କୋଟି ଦାବି କରିଥିବା କୁହାଯାଉଛି। ନିର୍ମାତାଙ୍କ ଯୋଜନା ମୁତାବକ ଏହି ଫିଲ୍ମ ପାଇଁ ତାଙ୍କୁ ୮ରୁ ୧୦ ମାସ ସମୟ ଦେବାକୁ ପଡ଼ିପାରେ।

'ସୀତା' ଫିଲ୍ମରେ କରୀନାଙ୍କ ସହ ବଲିଉଡର 'ଗଲିବୟ' ରଣବୀର ସିଂହ ବି ଅଭିନୟ କରିବେ। ତେବେ ସେ ରାମ ନା ରାବଣ ଭୂମିକାରେ ଅଭିନୟ କରିବେ, ତାହା ଫାଇନାଲ୍ ହୋଇ ନଥିବା କୁହାଯାଉଛି।

# ନୂଆ ଚଳଚ୍ଚିତ୍ର 'ମନେ ମନେ ମନ ଖୋଜୁଥିଲା'



ଅନନ୍ୟ ଏଣ୍ଟରଟେନମେଣ୍ଟ ନିବେଦିତ ପ୍ରଥମ ଚଳଚ୍ଚିତ୍ର 'ମନେ ମନେ ମନ ଖୋଜୁଥିଲା'। ପ୍ରଭାତୀ ଆଚାର୍ଯ୍ୟ ପ୍ରଯୋଜିତ ଏଇ ନୂଆ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଏନ୍. ପାଢ଼ୀ। ଏହାର କାହାଣୀ ପରିକଳ୍ପନା କରିଛନ୍ତି ଦୁର୍ଗା ଆଚାର୍ଯ୍ୟ ଏବଂ ଚିତ୍ରନାଟ୍ୟ ପ୍ରସ୍ତୁତି ସହ ସଂଳାପ ଲେଖିଛନ୍ତି ଦୀପକ ଜେନା। ସଙ୍ଗୀତ ସଜାଇଛନ୍ତି ଜି. ଅଶୋକ କୁମାର।ଶତ୍ରୁତା ଓ ପ୍ରେମ; ଏଇ ଦୁଇଟି ପୃଷ୍ଠଭୂମିରେ ଛିଡ଼ା ହେଇଛି ଚଳଚ୍ଚିତ୍ର 'ମନେ ମନେ ମନ ଖୋଜୁଥିଲା'ର କାହାଣୀ। ମହାଭାରତ କାହାଣୀ ପରି କଳିଯୁଗର ଅଭିମନ୍ୟୁ ଓ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ଅନୁରୂପ ଶତ୍ରୁତା ରହିଛି। ହେଲେ ଅଭିମନ୍ୟୁଙ୍କ ପୁଅ ଓମ୍ ଏବଂ ଦୁର୍ଯ୍ୟୋଧନଙ୍କ ଝିଅ ଗେରୀ ଭିତରେ ଗଢ଼ି ଉଠିଛି ନିବିଡ଼ ପ୍ରେମ ସମ୍ପର୍କ। କି' କି' ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ଏ ଦୁହିଁଙ୍କୁ, ତାହା ଏଇ ଚଳଚ୍ଚିତ୍ରରେ ପ୍ରତିଫଳିତ ହେଇଛି। ଏଥିରେ ଓମ୍ ଭୂମିକାରେ ଓମ୍‌କାର, ଗେରୀ ଭୂମିକାରେ ନମ୍ରତା ସିଂହଦେ ଏବଂ ଅନ୍ୟ ଜଣେ ନାୟିକା ଭୂମିକାରେ ପ୍ରିୟଙ୍କା ଅଛନ୍ତି। ଏମାନଙ୍କ ବ୍ୟତୀତ ମିହିର ଦାସ, ଅଶ୍ରୁମୋଚନ, ପ୍ରତିଭା ପଣ୍ଡା, ଅଞ୍ଜନା ଦାସ, ଶୁଭମ୍ ଓ ଆପ୍ପାରାଓଙ୍କୁ ଦେଖିବାକୁ ମିଳିବ।

# ପୁଣି ଥରେ ରଣବୀର୍-ଦୀପିକା



୨୦୦୮ ଅଗଷ୍ଟ ୧୫ ତାରିଖରେ ମୁକ୍ତିଲାଭ କରିଥିଲା 'ବଚ୍‌ନା ୟେ ହସିନୋ'। ୨୦୧୫ ନଭେମ୍ବର ୨୭ ତାରିଖରେ ରିଲିଜ୍ ହୋଇଥିଲା ଚଳଚ୍ଚିତ୍ର 'ତମାସା'। ଏଇ ମୁଭିରେ ପ୍ରେମୀଯୋଡ଼ି ଥିଲେ ଦୀପିକା-ରଣବୀର। ନାୟକ ରଣବୀର ଯୁବକ ବେଦ ଚରିତ୍ରରେ ଅବତୀର୍ଣ୍ଣ ହେଇଥିଲେ। ବେଦ ସମାଜରେ ବଞ୍ଚିବା କଷ୍ଟକର ହେଇପଡ଼ିଥିଲା, କାରଣ ସେ ନିଜର ପରିଚୟ ହରାଇବସିଥିଲା। କିନ୍ତୁ ପ୍ରେମିକା ତାରା ତାକୁ ଭଲପାଇବା ପରେ ବେଦ ମଣିଷ ପରି ବଞ୍ଚି ରହିବା ପାଇଁ ସବୁକିଛି ପାଇଯାଇଥିଲା। ସବୁଠୁ ଏ ଦୁହିଁଙ୍କ ଯୋଡ଼ି ଜମିଥିଲା 'ୟେ ଜୱାନି ହେ ଦିୱାନି' ଚଳଚ୍ଚିତ୍ରରେ। ପ୍ରେମିକ ବନି ତା' ପ୍ରେମ ବାବଦରେ ସବୁ କହିପକାଉଥିଲା, ହେଲେ ପ୍ରେମିକା ନେନା ନିରବ ରହୁଥିଲା। ଯେତେବେଳେ ନେନା ବନିକୁ ଭଲପାଉଛି ବୋଲି ପ୍ରକାଶ କଲା, ସେତେବେଳକୁ ବନି ଦେଶାନ୍ତର ହେଇଯାଇଥିଲା। ପ୍ରେମ, ବିରହ, ଆନନ୍ଦ, ଆବେଗ; ସବୁକିଛି ପ୍ରତିଫଳିତ ଏଇ ଚଳଚ୍ଚିତ୍ରରେ। ଏପରିକି ନିରୋଳା ପ୍ରେମକୁ ନେଇ ତିଆରି ହେଇଥିବା ଚଳଚ୍ଚିତ୍ରଠାରୁ ଏଇ ପ୍ରେମ ବିରହ ଆଧାରିତ ଚଳଚ୍ଚିତ୍ରଟି ସବୁ ବୟସ ଓ ସବୁ ବର୍ଗର ଦର୍ଶକଙ୍କୁ ପ୍ରଭାବିତ କରିଥିଲା। ଏପରିକି ଆଶାଜନକ ବ୍ୟବସାୟିକା ସଫଳତା ଲାଭ କରି ଚଳଚ୍ଚିତ୍ରଟି ଆଇଏମ୍‌ଡିବି ଅର୍ଥାତ୍ ଇଣ୍ଟରନେଟ୍ ଡାଟାବେସ୍ ମୁଭି ତାଲିକାରେ ଅନ୍ତର୍ଭୁକ୍ତ ହେଇଥିଲା। ସମ୍ଭବତଃ ଦର୍ଶକଙ୍କ ଗ୍ରହଣୀୟତାକୁ ନେଇ ପ୍ରଯୋଜକ ପୁଣି ଏଇ ଚଳଚ୍ଚିତ୍ରର ସିକ୍ୟୁଏଲ୍ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ତେବେ 'ୟେ ଜୱାନି ହେ ଦିୱାନି'ର ଦ୍ୱିତୀୟ ଭାଗ ପାଇଁ ସେ କାହାକୁ ପ୍ରେମୀଯୋଡ଼ି ଭାବେ ଛିଡ଼ା କରିବେ ଶୁଣାଯାଉଛି ଏଥିପାଇଁ ସେ ଉଭୟ ଦୀପିକା-ରଣବୀରଙ୍କୁ ପ୍ରସ୍ତାବ ଦେଇଛନ୍ତି ଏବଂ ଆମନ୍ତ୍ରଣ କରିଛନ୍ତି। ପୁଣି ପରଦାରେ ଏକାଠି ଦେଖିବାକୁ ମିଳିବେ ଦୀପିକା-ରଣବୀର। ଏଥର ସ୍ୱାମୀ ରଣବୀରଙ୍କ ସହ ନୁହେଁ, ବରଂ ପରଦାର ପୂର୍ବ ଯୋଡ଼ି ତଥା ପୁରୁଣା ପ୍ରେମିକ ରଣବୀରଙ୍କ ସହ ଦୀପିକା ଦର୍ଶକଙ୍କ ନଜରକୁ ଆସିବେ। ଆମେ କହୁଛୁ ରଣବୀର କପୁର ଓ ଦୀପିକା ପାଦୁକୋନଙ୍କ କଥା। ଦର୍ଶକ 'ବଚ୍‌ନା ୟେ ହସିନୋ' ଚଳଚ୍ଚିତ୍ରରେ ଏଇ ଯୋଡ଼ିଙ୍କୁ ପ୍ରଥମେ ଦେଖିଥିଲେ। ଏଥିରେ ରଣବୀରଙ୍କ ବିପକ୍ଷର ଦୁଇ ନାୟିକା ସାଜିଥିଲେ ବିପାଶା ବସୁ ଓ ଦୀପିକା ପାଦୁକୋନ୍। ରାଜ ଭୂମିକାରେ ଅବତୀର୍ଣ୍ଣ ରଣବୀର ପ୍ରେମିକ ସାଜି ଥରକୁଥର ପ୍ରେମିକା ବଦଳାଉଥିଲା। ଏହାଦ୍ୱାରା ପ୍ରେମିକ ରାଜ ମଧ ଭିନ୍ନ ଭିନ୍ନ ଶିକ୍ଷା ପାଉଥିଲା। କେବଳ ଡ୍ରାମା ବା ଡାଇଲଗ୍ ନୁହେଁ ବରଂ ଏଥିରେ ଥିବା ଗୀତ ଓ ଗୀତଦୃଶ୍ୟ ଚଳଚ୍ଚିତ୍ରଟିକୁ ସଫଳତା ଦେବାରେ ଯଥେଷ୍ଟ ସହାୟକ ହେଇଥିଲା।

# ଏହି ଅଭିନେତାଙ୍କ ସହ ରିଲେସନଶିପରେ ଅଛନ୍ତି କ୍ୟାଟ୍ରିନା କୈଫ୍



ବଲିଉଡର ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି କ୍ୟାଟ୍ରିନା କୈଫ୍। କ୍ୟାଟ୍ରିନା ଓ ଭିକି କୌଶଲଙ୍କ ଡେଟିଂକୁ ନେଇ ଅନେକ ଚର୍ଚ୍ଚା ହୁଏ। ତେବେ ଦୁହେଁ ନିଜର ସମ୍ପର୍କକୁ ନେଇ ସାର୍ବଜନୀନ ସ୍ତରରେ ସ୍ୱୀକାର କରିନାହାନ୍ତି। କିନ୍ତୁ ଅନେକ ସମୟରେ ଦୁହିଁଙ୍କୁ ପରସ୍ପର ଘର ବାହାରେ ଦେଖିବାକୁ ମିଳେ। କରଣ ଜୋହରଙ୍କ 'କଫି ୱିଥ୍ କରଣ' ଶୋ' ପରେ ପରେ ହିଁ କ୍ୟାଟ୍ରିନା ଓ ଭିକିଙ୍କ ଡେଟିଂ ଗୁଜବ ଆରମ୍ଭ ହୋଇଛି। ଶୋ'ରେ କରଣ ଜୋହର ଖୁଲାସା କରିଛନ୍ତି ଯେ କ୍ୟାଟ୍ରିନା କୈଫ୍ ଭିକିଙ୍କ ସହ କାମ କରିବାକୁ ଚାହୁଁଛନ୍ତି ଏବଂ ଦୁହେଁ ଏକାଠି ମଧ ସ୍କ୍ରିନରେ ଭଲ ଦେଖାଯିବେ। ଏହି କଥାରେ 'ଉରି' ଅଭିନେତା ବେହୋଶ ହେବାର ବାହାନା କରିଥିଲେ। କିନ୍ତୁ ଏବେ ହର୍ଷବର୍ଦ୍ଧନ କପୁର ଦୁହିଁଙ୍କ ସମ୍ପର୍କକୁ ନେଇ ବଡ଼ ଖୁଲାସା କରିଛନ୍ତି। ଅନୀଲ କପୁରଙ୍କ ପୁଅ ହର୍ଷବର୍ଦ୍ଧନ କପୁର କହିଛନ୍ତି ଯେ ଭିକି ଓ କ୍ୟାଟ୍ରିନା ଏକାଠି ଅଛନ୍ତି। ଜୁମରେ 'By Invite Only Season ୨'ରେ କଥାବାର୍ତ୍ତା ବେଳେ ହର୍ଷବର୍ଦ୍ଧନଙ୍କୁ ପଚରା ଯାଇଥିଲା ଯେ ସେ କେଉଁ ଇଣ୍ଡଷ୍ଟ୍ରୀର ରିଲେସନଶିପକୁ ସତ ମାନନ୍ତି ? ଏହି ପ୍ରଶ୍ନର ଉତ୍ତର ଦେଇ ହର୍ଷବର୍ଦ୍ଧନ କହିଛନ୍ତି, ଭିକି ଓ କ୍ୟାଟ୍ରିନା ଏକାଠି ଅଛନ୍ତି, ଏହା ସତ ମଧ। ହର୍ଷବର୍ଦ୍ଧନ କପୁର ବର୍ତ୍ତମାନ ନିଜର ଆଗାମୀ ସିରିଜ୍ 'ରେ'ର ପ୍ରମୋସନ କରୁଛନ୍ତି। ନିକଟରେ ଏହି ୱେବ୍ ସିରିଜର ଟ୍ରେଲର୍ ରିଲିଜ୍ ହୋଇଛି। ଅଭିଷେକ ଚୌବେ, ଶ୍ରୀଜିତ୍ ମୁଖାର୍ଜୀ ଓ ବାସନା ବାଲାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ସିରିଜ୍ ଜୁନ୍ ୨୫ ତାରିଖରେ ନେଟଫ୍ଲିକ୍ସରେ ରିଲିଜ୍ ହେବ। ଏହି ସିରିଜରେ ମନୋଜ ବାଜପେୟୀ, କେକେ ମେନନ୍, ହର୍ଷବର୍ଦ୍ଧନ କପୁର, ରାଧିକା ମେନନ୍, ବସୁ ପ୍ରସାଦ, ଅନିନ୍ଦିତା ବୋସ, ଗଜରାଜ ରାଓ ଓ ବିଦିତା ବାଗ ନଜର୍ ଆସିବେ।

## ସୁଟିଂ ପାଇଁ ସଜବାଜ

କୋଭିଡ୍ ସଂକ୍ରମଣରେ ମହାରାଷ୍ଟ୍ର ଏବଂ ଏହାର ରାଜଧାନୀ ମୁମ୍ବାଇ ସବୁଠୁ ଆଗରେ ଥିଲା। ମାତ୍ରାଧିକ ସଂକ୍ରମଣକୁ ଆକଳନ କରି ଏହାକୁ ଲେବେଲ୍-୩ ପର୍ଯ୍ୟାୟଭୁକ୍ତ କରାଯାଇଥିଲା। ଏବେ ଦେଖାଯାଉଛି ସଂକ୍ରମଣର ହାର କମୁଛି, ନିକଟ ଭବିଷ୍ୟତରେ ଏଠାକାର ପରିସ୍ଥିତି ଲେବେଲ-୨କୁ ଖସି ଆସିବ ବୋଲି ଆଶା କରାଯାଉଛି। ତେଣୁ ଲକଡାଉନ୍ ଓ ସଟଡାଉନ୍‌ରେ କୋହଳ କରାଯାଇ ଖୁବ୍‌ଶୀଘ୍ର ରାଜ୍ୟରେ ଅନଲକ୍ ଘୋଷଣା କରାଯିବ ବୋଲି ମହାରାଷ୍ଟ୍ର ସରକାର ଘୋଷଣା କରିଛନ୍ତି। ଫଳରେ କୋଭିଡ୍ କଟକଣା ଯୋଗୁଁ ରାଜ୍ୟରେ ବନ୍ଦ ରହିଥିବା ସିନେମା ହଲ୍ ଏବଂ ସିନେମାର ସୁଟିଂ ପ୍ରକ୍ରିୟା ଚାଲୁ ହେବ ବୋଲି ଆଶା ପ୍ରକଟ ହେଇଛି। ଏହା ଭିତରେ ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜିତ ଏବଂ ସଲମାନ୍ ଖାନ୍ ଷ୍ଟାରର୍ 'ଟାଇଗର-୩'ର ସୁଟିଂ ଆରମ୍ଭ ହେବା ବୋଲି ନିଶ୍ଚିତ ହେଇଛି। ସେମିତି ଶାହାରୁଖ୍ ଖାନ୍ ଷ୍ଟାରର୍ 'ପଠାନ୍', ତାପସୀ ପନ୍ନୁ ଷ୍ଟାରର୍ 'ସାବାସ୍ ମିଠୁ', ଅଜୟ ଦେବଗନ୍ ଷ୍ଟାରର୍ 'ମେଡେ', ସଞ୍ଜୟ ଲୀଲା ଭଂସାଲିଙ୍କ ନିର୍ଦ୍ଦେଶିତ 'ଗଙ୍ଗୁବାଈ କାଠିଆୱାଡ଼ି, ରଣବୀର କପୁର-ଆଲିଆ ଭଟ୍ଟ ଷ୍ଟାରର୍ 'ବ୍ରହ୍ମାସ୍ତ୍ର' ଏବଂ ପ୍ରଭାସ-କ୍ରୀତି ସାନୋନ ଅଭିନୀତ 'ଆଦିପୁରୁଷ'ର ବାକିଥିବା ସୁଟିଂ ସିଡ୍ୟୁଲ୍ ଆରମ୍ଭ ହେଇଯିବ ବୋଲି ଜଣାପଡ଼ିଛି।

# ନିଞ୍ଜା ଟେକ୍‌ନିକ୍ ଦେଖାଇଲେ ଉର୍ବଶୀ



ବଲିଉଡର ଷ୍ଟାଇଲିସ୍ ଏବଂ ସବୁଠୁ ଫ୍ୟାଶନେବୁଲ ଅଭିନେତ୍ରୀ ମଧ୍ୟରୁ ଜଣେ ଉର୍ବଶୀ ରାଉତେଲା। ଷ୍ଟାଇଲିସ୍ ଅନ୍ଦାଜ ପରେ ଏବେ ତାଙ୍କର ସାମ୍ନାକୁ ଆସିଛି ଆକ୍ସନ ଅନ୍ଦାଜ। ତାଙ୍କର ଏହି ଆକ୍ସନ ଅନ୍ଦାଜକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି।

ସୋଶାଲ ମିଡିଆରେ ଆକ୍ଟିଭ ରହୁଥିବା ଉର୍ବଶୀ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ସେଆର କରିଛନ୍ତି। ଏହି ଭିଡିଓଟି ଏବେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ସେ ନିଜର କିକ୍ ପାୱାର ପ୍ରଦର୍ଶନ କରିଛନ୍ତି। ଏଥିସହ ନିଞ୍ଜା ଟେକ୍ ?ନିକ୍ ଦେଖାଇଛନ୍ତି। ଏହାକୁ ସେଆର କରି ସେ ଲେଖିଛନ୍ତି, 'ମୁଁ ମୋ ଫିଲ୍ମ ପାଇଁ ପ୍ରସ୍ତୁତ ହେଉଛି, ଯାହା ଆକ୍ସନ ଏବଂ ଷ୍ଟଣ୍ଟରେ ଭରପୁର ରୋମାଂଚକ ଫିଲ୍ମ।'

ଉର୍ବଶୀଙ୍କ ଏହି ଭିଡିଓକୁ ତାଙ୍କ ଫ୍ୟାନ୍‌ମାନେ ବେଶ୍ ପସନ୍ଦ କରିଛନ୍ତି। ଏହାକୁ ବର୍ତ୍ତମାନ ପର୍ଯ୍ୟନ୍ତ ୧.୬ ମିଲିଅନ୍ ଥର ଦେଖାଯାଇଛି। ଜଣେ ୟୁଜର୍ ତାଙ୍କୁ କହିଛନ୍ତି ଫିଟ୍ ରହିବାର ଏହା ହିଟ୍ ଟେକ୍‌ନିକ୍।ସୂଚନା ମୁତାବକ ନିକଟରେ ଅରବର ସୁପରଷ୍ଟାର ମହୋମ୍ମଦ ରମାଦାନଙ୍କ ସହ 'ବର୍ସାଚେ ବେବି'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କୁ ଜିଓ ଷ୍ଟୁଡିଓଜ୍‌ର ଅପ୍ ?କମିଂ ୱେବସିରିଜ୍ 'ଇନ୍‌ସପେକ୍ଟର ଅବିନାଶ'ରେ ଦେଖିବାକୁ ମିଳିବ। ଏଥିରେ ସେ ରଣଦୀପ ହୁଡ୍ଡାଙ୍କ ଅପୋଜିଟ୍‌ରେ ନଜର ଆସିବେ। ଏଥିସହ ଉର୍ବଶୀ ଖୁବଶୀଘ୍ର ନିଜର ତାମିଲ ଡେବ୍ୟୁ ମଧ କରିବାକୁ ଯାଉଛନ୍ତି।

# ରିଆଙ୍କୁ ମିଳିଲା ବଡ଼ ପ୍ରୋଜେକ୍ଟ, ଦ୍ରୌପଦୀ ଭୂମିକାରେ ନଜର ଆସିବେ



ଦିବଙ୍ଗତ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଏକ୍ସ ଗାର୍ଲଫ୍ରେଣ୍ଡ ରିଆ ଚକ୍ରବର୍ତ୍ତୀ ଲଗାତର ଚର୍ଚ୍ଚାରେ ରହିଆସୁଛନ୍ତି। ପ୍ରଥମେ ଡ୍ରଗ୍ସ ମାମଲା ଏବଂ ଏବେ ନିଜର ବଡ଼ ପ୍ରୋଜେକ୍ଟକୁ ନେଇ ଚର୍ଚ୍ଚାରେ ଅଛନ୍ତି। ରିଆଙ୍କୁ ଏକ ବଡ଼ ପ୍ରୋଜେକ୍ଟର ଫିଲ୍ମ ଅଫର୍ ମିଳିଛି। ଯେଉଁଥିରେ ସେ ଦ୍ରୌପଦୀ ଭୂମିକା ତୁଲାଇବେ।

ରିଆ ଶେଷଥର ଲାଗି ୨୦୧୮ରେ ରିଲିଜ୍ ହୋଇଥିବା 'ଜଲେବୀ'ରେ ନଜର୍ ଆସିଥିଲେ। ଏହା ପରେ ରିଆଙ୍କୁ କୌଣସି କାମ ମିଳିନଥିଲା। କିନ୍ତୁ ଏବେ ରିଆ ନିଜର ଏହି ବଡ଼ ପ୍ରୋଜେକ୍ଟକୁ ନେଇ ବେଶ ଉତ୍ସାହିତ ଅଛନ୍ତି। ମିଡିଆ ରିପୋର୍ଟ ମୁତାବକ ଏହା ବହୁତ ବଡ଼ ପ୍ରୋଜେକ୍ଟ, ଯେଉଁଥିରେ ମହାଭାରତ ଓ ଦ୍ରୌପଦୀ ଭୂମିକାକୁ ଦେଖିବାକୁ ମିଳିବ। ଏହି ଫିଲ୍ମକୁ ଆଜିର ସମୟ ଅନୁସାରେ ନିର୍ମାଣ କରାଯିବ। ଏଥିପାଇଁ ଏହି ଫିଲ୍ମଟି ମଡର୍ଣ୍ଣ ଓ କଣ୍ଟେମ୍ପରାରୀ ହେବ। ଫିଲ୍ମରେ ଦ୍ରୌପଦୀଙ୍କର ଭୂମିକା ରିଆଙ୍କୁ ଦିଆଯାଇଛି।

ଅନ୍ୟପକ୍ଷରେ ରିଆ ବଲିଉଡର ବଡ଼ ବଡ଼ କଳାକାରଙ୍କ ସହ ପୁଣିଥରେ ବଡ଼ ପରଦାରେ ଧୂମ ମଚାଇବେ। ରିଆ ନିଜର ଆଗାମୀ ଫିଲ୍ମ 'ଚେହରେ'ରେ ନଜର ଆସିବେ। ରୁମୀ ଜାଫରୀଙ୍କ ବହୁଚର୍ଚ୍ଚିତ 'ଚେହରେ'ରେ ମହାନାୟକ ଅମିତାଭ ବଚ୍ଚନ, ଇମ୍ରାନ୍ ହାସମୀ, ଅନୁ କପୁର ଓ କ୍ରିଷ୍ଟଲ୍ ଡିସୌଜା ମଧ ପ୍ରମୁଖ ଭୂମିକାରେ ରହିଛନ୍ତି। ରିଆ ଏହି ଫିଲ୍ମର ରିଲିଜ୍ ଅପେକ୍ଷାରେ ଅଛନ୍ତି। ତେଲୁଗୁ ଫିଲ୍ମ ଜରିଆରେ କ୍ୟାରିୟର ଆରମ୍ଭ କରିଥିବା ରିଆ ବଲିଉଡରେ ବ୍ୟାଙ୍କ୍ ଚୋ,ର୍ ହାଫ୍ ଗାର୍ଲଫ୍ରେଣ୍ଡ, ମେରେ ଡ୍ୟାଡ୍ କି ମାରୁତୀ ଏବଂ ଜଲେବୀରେ କାମ କରିଛନ୍ତି। ସୁଶାନ୍ତଙ୍କ ମାମଲାରୁ ମୁକୁଳିବା ପରେ ରିଆ ଏବେ ଇନଷ୍ଟାଗ୍ରାମରେ ମୋଟିଭେସନାଲ୍ କୋଟ୍ ଲେଖୁଛନ୍ତି। ନିକଟରେ ଏକ ପୋଷ୍ଟରେ ସେ ଲେଖିଥିଲେ, ଦୁଃଖ ଯେତେବେଳେ ଆସେ, ଏଥିରୁ ଆମକୁ ବହୁତ ଶକ୍ତି ମିଳେ। ଏଥିପାଇଁ ଆପଣଙ୍କୁ ମୋ ଉପରେ ଭରସା କରିବାକୁ ପଡ଼ିବ।

## କଥା ରଖିଲେ ସଲମାନ୍

କଥା ଦେଇ କଥା ରଖିଲେ ବଲିଉଡର ଭାଇଜାନ୍ ସଲମାନ୍ ପୂରଣ କଲେ ଦେଇଥିବା ପ୍ରତିଶ୍ରୁତି। ସେ ଯାହା କହନ୍ତି, ତାହା କରି ଦେଖାନ୍ତି । ଥରେ କମିଟମେଣ୍ଟ କରିଛନ୍ତି ମାନେ ତା'ପରେ ସେ ନିଜ କଥା ବି ଶୁଣନ୍ତି ନାହିଁ। ଏବେ ମଧ ସେମିତି କିଛି ଦେଇଥିବା କଥା ରଖିଛନ୍ତି ସଲମାନ। ଦେଶର ଅଧିକାଂଶ ରାଜ୍ୟରେ ଲକଡାଉନ୍ ଜାରି ରହିଛି। ମାୟାନଗରୀ ମୁମ୍ବାଇରେ ମଧ ଲାଗି ରହିଛି ସମାନ ସ୍ଥିତି। ସଂକ୍ରମଣ ହୁ ହୁ ହୋଇ ବଢୁଥିବା ବେଳେ ଲକ୍‌ଡାଉନ୍ ଲଗାଇଛନ୍ତି ଠାକରେ ସରକାର। ଏଭଳି ସ୍ଥିତିରେ କୋଭିଡ କଟକଣା ଯୋଗୁଁ ବନ୍ଦ ହୋଇପଡିଛି ପୂରା ଫିଲ୍ମ ଇଣ୍ଡଷ୍ଟ୍ରୀ। ସୁଟିଂ ବନ୍ଦ ରହିଛି, ଆଉ ହାତ ବାନ୍ଧି ବସିଛନ୍ତି କଳାକାର। କେବଳ କଳାକାର ନୁହନ୍ତି, ସୋମନାଙ୍କ ଟେକ୍‌ନସିଆନ୍, ମେକ୍‌ଅପ୍ ଆର୍ଟିଷ୍ଟ ଓ ୟୁନିଟ୍‌ର ପ୍ରାୟ ସମସ୍ତ କର୍ମଚାରୀଙ୍କ ରୋଜଗାର ଠପ୍ ହୋଇଯାଇଛି। ସିନେ ଇଣ୍ଡଷ୍ଟ୍ରୀର ଏଭଳି ସ୍ଥିତିରେ କର୍ମଚାରୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ସେମାନଙ୍କ ବଜରଙ୍ଗୀ ଭାଇଜାନ।

# କରୋନା ଚିକିତ୍ସାର ସମସ୍ତ ଖର୍ଚ୍ଚ ସରକାର ବହନ କରନ୍ତୁ : ସିପିଆଇ (ଏମ୍.ଏଲ୍) ଲିବରେସନ

ଭୁବନେଶ୍ୱର,୧୦/୬ (ନି.ପ୍ର): ପ୍ରତି ଜୀବନ ଓ ଜୀବିକାକୁ ସୁରକ୍ଷା ଦେବା ସରକାରଙ୍କ ପ୍ରଥମ କର୍ତବ୍ୟ। କିନ୍ତୁ କେନ୍ଦ୍ର ସରକାର କରୋନାର ଭୟବହତା ଓ ମୃତ୍ୟୁ ପାଇଁ ଲୋକଙ୍କୁ ଦାୟୀ କରି ନିଜ ଦାୟିତ୍ୱରୁ ଓହରି ଯାଉଛନ୍ତି। ଲୋକେ ସ୍ୱଚ୍ଛତା, ଦୂରତା ଓ ମାସ୍କ ପରିଧାନ ଆଦି ସତର୍କତାମୂଳକ ପଦକ୍ଷେପ ନେବା ଦରକାର। କିନ୍ତୁ ଚିକିତ୍ସା ସୁବିଧା ଯଥା ଡ଼ାକ୍ତରଖାନା, ଡ଼ାକ୍ତର, ନର୍ସ, ଔଷଧ ଯୋଗାଇଦେବା ସରକାରଙ୍କ ଦାୟିତ୍ୱ। କରୋନାରେ ଗୁରୁତର ରୋଗୀଙ୍କୁ ସରକାର 'ଏକମୋ' ଚିକିତ୍ସା ଯୋଗାଇ ଦେବା ଦରକାର। ଦୁଃଖର କଥା ଆମ ରାଜ୍ୟରେ ଏହି ଚିକିତ୍ସା ବ୍ୟବସ୍ଥା ନାହିଁ। ଯାହାର ଟଙ୍କା ଅଛି, ସେମାନେ ଏୟାର ଆମ୍ବୁଲାନ୍ସରେ ରୋଗୀଙ୍କୁ ବାହାର ରାଜ୍ୟକୁ ନେଇ ଚିକିତ୍ସା କରୁଥିବା ବେଳେ ଗରିବ ରୋଗୀଟିଏ ନିରାଶ ହୋଇ ମୃତ୍ୟୁକୁ ଅପେକ୍ଷା କରୁଛି। ନଚେତ ସାହାଯ୍ୟ ପାଇଁ ଜନଗଣଙ୍କୁ ଆକୁଳ ନିବେଦନ କରୁଛି। ଏଭଳି ସମୟରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଗୁରୁତର ଫୁସ୍‌ଫୁସ୍ ରୋଗୀଙ୍କୁ ସମସ୍ତ ସାହାଯ୍ୟ କରାଯିବା କେବଳ ମାନବିକ କାର୍ଯ୍ୟ ନୁହେଁ, ବରଂ ସାମ୍ବିଧାନିକ ଦାୟିତ୍ୱ। ସମସ୍ତଙ୍କୁ ଟୀକାକରଣ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗଭିତିରେ ତୁରନ୍ତ ହେବା ଦରକାର। ଜୀବନ ଭଳି ଜୀବିକା ବି ଆଜି ଗୁରୁତର ଭାବେ ବ୍ୟାହତ। ଲକଡ଼ାଉନ ଓ ସଟଡ଼ାଉନରେ କ୍ଷତିଗ୍ରସ୍ତ ଦିନ ମଜୁରିଆ, ଦଳିତ, ଚାଷୀ ଓ ଅଭାବୀ ଲୋକଙ୍କ ପାଇଁ ପ୍ୟାକେଜ ଘୋଷଣା କରାଯାଉ।

# ବିଶ୍ୱ ଐତିହ୍ୟ ରଘୁରାଜପୁର ଗ୍ରାମରେ ପାରମ୍ପରିକ ଭିତ୍ତିଚିତ୍ର ଶିବିରର ଶୁଭାରମ୍ଭ

ଭୁବନେଶ୍ୱର,୧୦/୬ (ନି.ପ୍ର): ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଶା ଖଣି ନିଗମର ମିଳିତ ସହଯୋଗରେ ପାରମ୍ପରିକ ଭିତିଚିତ୍ର ଶିବିର ଆଜି ବିଶ୍ୱ ଐତିହ୍ୟ ଗ୍ରାମ ରଘୁରାଜପୁର ଠାରେ ଶୁଭାରମ୍ଭ ହୋଇଛି। ଏହି ଶିବିର ୫ ଦିନ ଧରି ଚାଲିବ। ଗ୍ରାମର ୧୫୦ଟି ଘର ଏଥିରେ ଅଂଶଗ୍ରହଣ କରିଛନ୍ତି। ଶିଳ୍ପୀମାନେ ନିଜ ନିଜ ଘରର ଦୁଆର କାନ୍ଥରେ କୋଭିଡ୍ ନିୟମକୁ ବଜାୟ ରଖି ପାରମ୍ପରିକ ଭିତିଚିତ୍ର ଅଙ୍କନ କରୁଛନ୍ତି। ଏହି ଶିଳ୍ପୀମାନଙ୍କ ମଧ୍ୟରୁ ବହୁ ଜଣ ମଧ୍ୟ ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ବେଶ୍ ସୁପରିଚିତ।୧୫୦ ଜଣ ଶିଳ୍ପୀଙ୍କୁ ମାନଦେୟ ସ୍ୱରୂପ ଦଶ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଇତି ମଧ୍ୟରୁ ୫ଟି ଚିତ୍ରକୁ ଓଡ଼ିଶା ଲଳିତ କଳା ଏକାଡେମୀର ସ୍ୱତନ୍ତ୍ର ଚୟନ କମିଟି ଦ୍ୱାରା ମନୋନୀତ କରାଯିବ ଏବଂ କୋଭିଡ୍ କଟକଣା ପରେ ଏକାଡେମୀ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯିବ। ଆଜିର ଏହି ଶିଳ୍ପୀ ଶିବିର ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଉଦ୍‌ଘାଟନ କରି ଶିଳ୍ପୀମାନେ ନିଜ ନିଜ ଗୃହରେ ସୁରକ୍ଷିତ ରହି ଓଡ଼ିଶାର କଳାକୁ ଉଜ୍ଜୀବିତ ରଖିବାରେ ସହାୟ ହୁଅନ୍ତୁ ବୋଲି କହିଥିଲେ। ଏହି"ନିଆରା ଶିବିରରେ ବିଶ୍ୱସ୍ତରୀୟ ସଫଳତା ନିମନ୍ତେ ଅନ୍‌ଲାଇନ୍ ଯୋଗେ ପର୍ଯ୍ୟଟନ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ, ସଂସ୍କୃତି ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ରଞ୍ଜନ କୁମାର ଦାସ, ଯୁଗ୍ମ ଶାସନ ସଚିବ ତଥା ଏକାଡେମୀର ଓଏସ୍‌ଡି ଶ୍ରୀମତୀ ମନସ୍ୱିନୀ ସାହୁ ଜ୍ଞାପନ କରିଛନ୍ତି । ଏକାଡେମୀର ସଚିବ ଶ୍ରୀ ପଂଚାନନ ସାମଲ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ରଘୁରାଜପୁର ଗ୍ରାମ୍ୟ କମିଟିର ସଭାପତି ଶ୍ରୀ ଲକ୍ଷ୍ମୀଧର ସୁବୁଦ୍ଧି ଓ ସଂପାଦକ ଶ୍ରୀ ଅଭିରାମ ଦାସ ପ୍ରମୁଖ ଉକ୍ତ ଶିବିରରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଏହି ପେଂଟିଗୁଡ଼ିକୁ କୋଭିଡ୍ ପରବର୍ତୀ ସମୟରେ ଆଗନ୍ତୁକ ଏବଂ ପର୍ଯ୍ୟଟକମାନଙ୍କୁ ବୁଲି ଦେଖିବାର ସୁଯୋଗ ସୃଷ୍ଟି କରାଯିବ ବୋଲି ଏକାଡେମୀ ପକ୍ଷରୁ କୁହାଯାଇଛି।

# ଅନ୍ତର୍ଜାତିକ ଲେଭେଲ କ୍ରସିଂ ସଚେତନତା ଦିବସ ପାଳିତ

ଭୁବନେଶ୍ୱର,୧୦/୬ (ନି.ପ୍ର): ସଡ଼କ ବ୍ୟବହାରକାରୀମାନେ ରେଳ ଫାଟକ ପାର ହେଉଥିଲାବେଳେ ନିରାପତା ନିୟମକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ଲାଗି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଅନୁରାଧ କରିଛନ୍ତି। ଅନ୍ତର୍ଜାତିକ ଲେଭଲ କ୍ରସିଂ ସଚେତନତା ଦିବସ-୨୦୨୧ ଅବସରରେ ଶ୍ରୀ ବିଦ୍ୟା ଭୂଷଣ କହିଛନ୍ତି ନିୟମକୁ ସଠିକ ଭାବେ ପାଳନ କରିବା ବହୁତ ଜରୁରୀ, ଏହା ଦ୍ୱାରା ମାନବ ଜୀବନର ସୁରକ୍ଷା ହୋଇ ପାରିବ। ଭାରତୀୟ ରେଳପଥ ଏହି ଅଭିଯାନରେ ସାମିଲ ହୋଇ ରେଳ ଫାଟକ ନିକଟରେ ନିରପତାକୁ ସୁନିଶ୍ଚିତ କରିବାକୁ ସଡ଼କ ବ୍ୟବହାରକାରୀଙ୍କ ସହ ସମସ୍ତ ଜନସାଧାରଣଙ୍କୁ ସଚେନତ କରାଉଛି ବୋଲି ସେ କହିଛନ୍ତି। ସଡ଼କ ବ୍ୟବହାରକାରୀମାନେ ପ୍ରହରୀ ଥିବା ଲେଭଲ କ୍ରସିଂ ଫାଟକ ପାର ହେଉଥିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ଫାଟକ ବନ୍ଦ ଥିବା ସମୟରେ ଗାଡ଼ିକୁ ବନ୍ଦ ରଖନ୍ତୁ। କଦାପି ବଳ ପ୍ରୟୋଗ କରି ଫାଟକକୁ ଖୋଲନ୍ତୁ ନାହିଁ। ଟ୍ରେନ ଅତିକ୍ରମ କରିବା ଓ ଫାଟକ ଖୋଲିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ଏବଂ ଏହା ପରେ ରାସ୍ତା ଅତିକ୍ରମ କରନ୍ତୁ। ଭାରତୀୟ ରେଳପଥ ଅଧିନିୟମ ୧୯୮୯ର ଧାରା ୧୬୦ ଅଧିନରେ ଉପରୋକ୍ତ ଆଇନ ଉଲଂଘନକାରୀଙ୍କ ପାଇଁ ଦଣ୍ଡବିଧିର ବ୍ୟବସ୍ଥା ରହିଛି।

# ଆଉ ୩ ସ୍ଥାନରେ ଡ୍ରାଇଭ ଇନ୍ ଟିକାକରଣ

ଭୁବନେଶ୍ୱର,୧୦/୬ (ନି.ପ୍ର): ଭୁବନେଶ୍ୱରର ୩ଟି ସ୍ଥାନରେ ନୂଆ ଡ୍ରାଇଭ ଇନ୍ ଟିକାକରଣ ବ୍ୟବସ୍ଥା କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମସି)। ପାଖରୀପୁଟର କେନ୍ଦ୍ରୀୟ ବିଦ୍ୟାଳୟ ନଂ-୬, ଖଣ୍ଡଗିରି ବାରି ୱାର୍ଡ ନଂ- ୨୩ର କମ୍ୟୁନିଟି ସେଂଟର ଏବଂ ପଟିଆର ସିଲିକନ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିରେ ଡ୍ରାଇଭ୍ ଇନ୍ ମାଧ୍ୟମରେ ଟିକା ଦିଆଯିବ। ୧୮ରୁ ୪୪ ବର୍ଷ ବୟସ୍କ ଏବଂ ୪୫ ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ପ୍ରଥମ ଡୋଜ୍ ଟିକାକରଣ କରାଯିବ। ୧୮ରୁ ୪୪ ବର୍ଷ ବୟସ୍କ ଙ୍କ ପ୍ରଥମ ଡୋଜ୍ ପାଇଁ ସକାଳ ୯ଟାରୁ ଦିନ ୧ଟା ଯାଏଁ ଡ୍ରାଇଭ ଇନ ଟିକାକରଣଚାଲିବ। ସେହିପରି ୪୫ ବର୍ଷରୁ ଅଧିକଙ୍କ ଟୀକାକରଣ ୧ମ ଓ ୨ୟ ଡୋଜ୍ ପାଇଁ ଅପରାହ୍ଣ ୩ଟାରୁ ୬ଟା ଯାଏଁ ଟିକାକରଣ ବ୍ୟବସ୍ଥା ରହିଛି।

# ସରକାରଙ୍କ ପରିଚାଳନାଗତ ତ୍ରୁଟି ଯୋଗୁଁ ଦେଶବାସୀ ଦୟନୀୟ ଆର୍ଥିକ ସଂକଟ ଦେଇ ଗତି କରୁଛନ୍ତି : ନିରଞ୍ଜନ



ଭୁବନେଶ୍ୱର,୧୦/୬ (ନି.ପ୍ର): କରୋନା ସଂକ୍ରମଣରେ ବର୍ତମାନ ଭାରତବର୍ଷ ସାରା ପୃଥିବୀରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହା କେବଳ କେନ୍ଦ୍ର ସରକାରଙ୍କ ପାରଦର୍ଶିତା, ଦୂରଦୃଷ୍ଟିର ଅଭାବ ଏବଂ ସାଧାରଣ ଲୋକଙ୍କ ପ୍ରତି ଦରଦର ଅଭାବ ଯୋଗୁଁ ଏପରି ପରିସ୍ଥିତି ଦେଖାଦେଇଛି ବୋଲି ଏକ ପ୍ରେସ ବାର୍ତାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି କେନ୍ଦ୍ର ସରକାରଙ୍କର ଦୂରଦୃଷ୍ଟି ଅଭାବରୁ ଲୋକମାନେ ଟୀକା ପାଉନାହାଁନ୍ତି। କରୋନାର କ୍ଷତି ଭରଣା ପାଇଁ ଯଦି କେନ୍ଦ୍ରସରକାର ଆଗରୁ ନିଶୁଳ୍କ ଟୀକା ଦିଆଯିବା ନିଷ୍ପତି ନେଇଥାନ୍ତେ ଏବଂ ଟୀକାର ବ୍ୟବସ୍ଥା କରିଥାନ୍ତେ ତେବେ ଆଜି ଭାରତବର୍ଷରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ିନଥାନ୍ତେ। ସେହିପରି ନିଜର କ୍ଷତି ଭରଣା ପାଇଁ ଦେଶର ୮୦ କୋଟି ଲୋକଙ୍କୁ ଚାଉଳ ଦେବେ ବୋଲି କେନ୍ଦ୍ର ସରକାର ଯେଉଁ ଡିଣ୍ଡିମ ପିଟୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଶ୍ରୀ ପଟ୍ଟନାୟକ। ସେ କହିଛନ୍ତି ଗରିବ ଲୋକ ତ ଆଗରୁ ୧ ଟଙ୍କାରେ ଚାଉଳ ପାଉଛନ୍ତି। ତେବେ କଣ ସେହି ୧ ଟଙ୍କା ଛାଡ଼ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତି ନେଇଛନ୍ତି ? କରୋନା ମହାମାରୀରେ ଆକ୍ରାନ୍ତ ହୋଇ ଲକ୍ଷ ଲକ୍ଷ ଲୋକ ଚାକିରୀ ହରେଇ ବସିଛନ୍ତି ସେହିପରି ଲକ୍ଷ ଲକ୍ଷ ଛୋଟ ବେପାରିଠୁ ଆରମ୍ଭ କରି ଗରିବ ଲୋକ ପର୍ଯ୍ୟନ୍ତ ଏବଂ ମଧ୍ୟବିତ ଓ ନିମ୍ନ ମଧ୍ୟବିତ ଲୋକ ଏବେ ଅର୍ଥନୈତିକ ସଂକଟ ଦେଇ ଗତିକରୁଛନ୍ତି। ସେମାନଙ୍କ ପାଇଁ କିଛି ଆଜି ସାହା ଭରଷା ନାହିଁ କି କିଛି ଯୋଜନା ନାହିଁ। କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଡିଜେଲ, ପେଟ୍ରୋଲ ଏବଂ ରନ୍ଧନ ଗ୍ୟାସର ଅହେତୁକ ଦର ବୃଦ୍ଧି କରିଚାଲିଛନ୍ତି। ଯାହା ଫଳରେ କି ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ପାଉଛି। ଏହା ସାଧାରଣ ଲୋକଙ୍କ ଉପରେ ବୋଝ ଉପରେ ଲଳିତା ବିଡ଼ା ସଦୃଶ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଗରୀବ ଜନସାଧାରଣଙ୍କ ସହ କଂଗ୍ରେସ ଦଳ ସଦାସର୍ବଦା ରହିଛି ଆଗକୁ ମଧ୍ୟ ରହିବ। ସେଥିପାଇଁ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତ୍ୟାହାର ଦାବିରେ ରାଜ୍ୟର ସମସ୍ତ ପେଟ୍ରୋଲ ଟାଙ୍କି ଆଗରେ କଂଗ୍ରେସ ଦଳ ପକ୍ଷରୁ ଆସନ୍ତା ୧୧ ତାରିଖ ଦିନ ସକାଳ ୭ ଠାରୁ ଦିବା ୧୧ ଘଂଟା ପର୍ଯ୍ୟନ୍ତ ୪ ଘଂଟିଆ ଧାରଣା ସହ ବିକ୍ଷୋଭ କରାଯିବି ବୋଲି ପିସିସି ନିଷ୍ପତି ଗ୍ରହଣ କରାଯାଇଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଯଦି ପକୃତରେ ଜନସାଧାରଣଙ୍କ ପ୍ରତି ଆନ୍ତରିକତା ଓ ଦରଦ ଅଛି ତେବେ ଏକ୍ସସାଇଜ୍ ଡିଉଟି ଓ ଭ୍ୟାଟ କମେଇ ଲୋକଙ୍କୁ କମ ଦରରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଯୋଗେଇବେ ବୋଲି ଆଶା ଓ ବିଶ୍ୱାସ ରଖିଛନ୍ତି ଶ୍ରୀ ପଟ୍ଟନାୟକ।

## କଟକରେ ଜାଇକା ପ୍ରକଳ୍ପରେ ଟେଣ୍ଡର ପ୍ରକ୍ରିୟା ଫଳାଫଳକୁ କ୍ୟାବିନେଟ୍ ଅନୁମୋଦନ

ଭୁବନେଶ୍ୱର,୧୦/୬ (ନି.ପ୍ର): ଆଜି ରାଜ୍ୟ କ୍ୟାବିନେଟ୍‌ରେ କଟକରେ ଜାଇକା ପ୍ରକଳ୍ପରେ ଟେଣ୍ଡର ପ୍ରକ୍ରିୟା ଫଳାଫଳକୁ ଅନୁମୋଦନ କରାଯାଇଛି। କଟକ ସହରରେ ଜାଇକା ସହାୟତାରେ କାର୍ଯ୍ୟକାରୀ କରାଯାଉଥିବା ଓଡ଼ିଶା ସମନ୍ୱୟ ପରିମଳ ଉନ୍ନତିକରଣ ପ୍ରକଳ୍ପ ଅଧିନରେ ମୁଖ୍ୟ ନାଳ-୧ର ଡ୍ରେନେଜ୍ ମଧ୍ୟରେ ବକ୍ସଡ୍ରେନ୍ ନିର୍ମାଣ ସହ ରୋଡ଼ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଫଳାଫଳକୁ ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ଦିଆଯାଇଛି। ଏହି କାର୍ଯ୍ୟକୁ ୧ ଜୁଲାଇ ୨୦୨୧ରୁ ଆରମ୍ଭ କରି ୩୧ ଡିସେମ୍ବର ୨୦୨୨ ମଧ୍ୟରେ ଶେଷ କରିବାକୁ ନିଷ୍ପତି ନିଆଯାଇଛି।

## ବିଜୁ ଏକ୍ସପ୍ରେସ ୱେରେ ନୂତନ ରାସ୍ତା ଓ ଅନେକ ବୃହତ ସେତୁ ନିର୍ମାଣକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ

ଭୁବନେଶ୍ୱର,୧୦/୬ (ନି.ପ୍ର): ବିଜୁ ଏକ୍ସପ୍ରେସ ୱେରେ ନୂତନ ରାସ୍ତା ଓ ଅନେକ ବୃହତ ସେତୁ ନିର୍ମାଣ କରିବା ପାଇଁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଏହା ପର୍ଶ୍ଚିମ ଓଡ଼ିଶା ବିକାଶ ପାଇଁ ସମ୍ପ୍ରସାରିତ ସଂଯୋଗୀକରଣ ସହିତ ଶିଳ୍ପର ଅଭିବୃଦ୍ଧି ଓ ସାମଗ୍ରୀକ ଅର୍ଥନୀତିକ ଉନ୍ନତି ଯୋଗାଇବ। ୧୭୪.୫ କିଲୋମିଟର ଦୀର୍ଘ ଏହି ରାସ୍ତା କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା ଦେଇ ଯିବ। ଏହି ଏକ୍ସପ୍ରେସ ୱେ ପାଇଁ ରାଜ୍ୟ ସରକାର ଇପିସି ଚୁକ୍ତିନାମା ମାଧ୍ୟମରେ ୪୪୮.୦୨ କୋଟି ଅର୍ଥ ବ୍ୟୟ କରି ଏହାକୁ ଚାରିଲେନ୍ ବିଶିଷ୍ଟ କରିବା ସହ ୧୭ଟି କ୍ଷୁଦ୍ର ପୋଲ ଏବଂ ୮ଟି ବୃହତ ପୋଲ ନିର୍ମାଣ କରାଯିବ। ଘଟିପଡ଼ା ଠାରୁ ସିନାପାଲି ପର୍ଯ୍ୟନ୍ତ ନୂଆପଡ଼ା ଜିଲ୍ଲାରେ ୧୦୪.୬୫କିଲୋମିଟର ସହିତ ୬ଟି ଛୋଟ ପୋଲ ଓ ୬ଟି ବୃହତ ପୋଲ ନିର୍ମାଣ ହେବ।

# ଏମଏସପି ବୃଦ୍ଧି ଚାଷୀଙ୍କୁ ଆର୍ଥିକ ସୁଦୃଢ କରିବ: ସମୀର ମହାନ୍ତି



ଭୁବନେଶ୍ୱର,୧୦/୬ (ନି.ପ୍ର): ଚାଷୀମାନେ ହେଲେ ଆମ ସମସ୍ତଙ୍କ ଅନ୍ନଦାତା । ଚାଷୀଙ୍କ ପ୍ରଗତିରେ ଦେଶର ପ୍ରଗତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କୃଷି ଏବଂ କୃଷକକଲ୍ୟାଣକୁ ସର୍ବଦା ଗୁରୁତ୍ୱ ଦେଇ ଆସୁଛନ୍ତି । ୨୦୨୨ ସୁଦ୍ଧା ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ମୋଦି ସରକାର କାର୍ଯ୍ୟରତ । ଶାସନ କ୍ଷମତାକୁ ଆସିବା ପରେ ମୋଦି ସରକାର ନିରନ୍ତର ଭାବେ ଶସ୍ୟଅମଳର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ବୃଦ୍ଧି କରିଚାଲିଛନ୍ତି । ୨୦୨୧-୨୨ ଆର୍ଥୀକ ବର୍ଷ ପାଇଁ ଆଜି ମୋଦି ସରକାର ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଛନ୍ତି । ଖରିଫ ଫସଲ ପାଇଁ ଏମଏସପି ବୃଦ୍ଧି ଚାଷୀ ଭାଇଙ୍କୁ ଆର୍ଥିକ ସୁଦୃଢ କରିବା ସହ ଆତ୍ମନିର୍ଭର ଭାରତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ଖୁସି ବ୍ୟକ୍ତ କରି କହିଛନ୍ତି । ଆଜିର ଏ ସଂକ୍ରାନ୍ତରେ କେନ୍ଦ୍ର କ୍ୟାବିନେଟର ନିଷ୍ପତିକୁ ସ୍ୱାଗତ ଜଣାଇବା ସହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କୁ ଶ୍ରୀ ମହାନ୍ତି ରାଜ୍ୟ ତରଫରୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । କୃଷିବହୁଳ ଆମ ରାଜ୍ୟରେ ଗତ ଖରିଫ ଏବଂ ବର୍ତମାନର ରବି ଫସଲରେ ଉପାର୍ଜିତ ଧାନକୁ ସଠିକ୍ ମୂଲ୍ୟରେ ବିକ୍ରିକରିନପାରି ବହୁ କ୍ଷତି ଓ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ଏମଏଲଏ ଲ୍ୟାଡ ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କୁ ଚିଠି ଲେଖିଲେ ବିଜେପି ବିଧାୟକ

ଭୁବନେଶ୍ୱର,୧୦/୬ (ନି.ପ୍ର): ବିଧାୟକ ପାଂଠି (ଏମଏଲଏ ଲ୍ୟାଡ୍ ଫଣ୍ଡ)ରୁ କେବଳ ମାସ୍କ ପାଇଁ ନୁହେଁ ବରଂ ରାଜ୍ୟର ସମସ୍ତ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ଏବଂ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ରୋଗୀଙ୍କ ପାଇଁ ସଙ୍ଗରୋଧ କକ୍ଷ (ଆଇସୋଲେସନ ରୁମ୍); ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ୍ କେୟାର ରୁମ୍; ଅକ୍ସିଜେନ ଓ ଭେଂଟିଲେଟର ସଂଯୁକ୍ତ ଶଯ୍ୟା; ଅକ୍ସିଜେନ ଓ ଭେଂଟିଲେଟର ସଂଯୁକ୍ତ ଅତ୍ୟାଧୁନିକ ଆମ୍ବୁଲାନ୍ସ; କୋଭିଡ୍ ପରୀକ୍ଷା ଓ ଚିକିତ୍ସା ପାଇଁ ଆବଶ୍ୟକୀୟ ମେଡିକାଲ ଯନ୍ତ୍ରପାତି ଓ କିଟ୍; ଉପଖଣ୍ଡସ୍ତରୀୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅକ୍ସିଜେନ୍ ପ୍ଲାଂଟ୍‌ର ନିର୍ମାଣ କରିବା ଦାବୀରେ ବିଜେପି ବିଧାୟକମାନେ ମୁଖ୍ୟମନ୍ତ୍ରୀ ଏବଂ ବାଚସ୍ପତିଙ୍କୁ ଚିଠି ଲେଖି ଦାବୀ ଜଣାଇଛନ୍ତି । ବିଧାୟକ ପାଂଠି (ଏମଏଲଏ ଲ୍ୟାଡ୍ ଫଣ୍ଡ)କୁ କୋଭିଡ୍ ପରିଚାଳନା ପାଇଁ ଭିତିଭୂମି ପ୍ରସ୍ତୁତି ଦିଗରେ ଖର୍ଚ୍ଚ କରିବାକୁ ରାଜ୍ୟସରକାର ଆଣିଥିବା ଗାଇଡ୍‌ଲାଇନ / ସର୍କୁଲାର (ମାର୍ଗଦର୍ଶିକା) ରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଆବଶ୍ୟକୀୟ ସଂଶୋଧନ କରିବାକୁ ବିଜେପି ବିଧାୟକମାନେ ଦାବୀ କରିଛନ୍ତି । କୋଭିଡ୍ ମୁକାବିଲା ପାଇଁ ଓଡିଶାବାସିଙ୍କୁ ମାସ୍କ ବଂଟନ ପାଇଁ ପ୍ରତି ନିର୍ବାଚନମଣ୍ଡଳୀରେ ବିଧାୟକ ପାଂଠିରୁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ସରକାର ନିଷ୍ପତି ନେଇଛନ୍ତି । କୋଭିଡ୍ ସଂକ୍ରମଣର ୨ୟ ଲହର ପରେ ୩ୟ ଲହରର ସମ୍ଭାବନାକୁ ସରକାର ଆକଳନ କରିଛନ୍ତି, ଯେଉଁଥିରେ ଶିଶୁମାନେ ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି। ରାଜ୍ୟର ସମସ୍ତ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ଏବଂ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଭିତିଭୂମିକୁ ବର୍ତମାନ ସୁଦ୍ଧା ଦୃଢ଼ୀଭୁତ କରାଯାଇପାରିନାହିଁ । କୋଭିଡ୍ ସଂକ୍ରମଣର ୧ମ ଓ ୨ୟ ଲହରରେ ଓଡିଶା ସରକାର ପର୍ଯ୍ୟାପ୍ତ ପରିମାଣର ମାସ୍କ କିଣିଛନ୍ତି । ଏଥି ସହ ବିଭିନ୍ନ ବେସରକାରୀ ସଂସ୍ଥା ଓ ସଂଗଠନ, ଶିକ୍ଷାନୁଷ୍ଠାନ, ପିଏସୟୁ ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନମାନେ ନିଜସ୍ୱ ପାଂଠିରୁ ପର୍ଯ୍ୟାପ୍ତ ପରିମାଣର ମାସ୍କ ବଂଟନ କରିଛନ୍ତି । କୋଭିଡ୍ ମହାମାରୀ ସମୟରେ ଜନସାଧାରଣଙ୍କୁ ଉତମ ସ୍ୱାସ୍ଥ୍ୟସେବା ନିରନ୍ତର ଭାବେ ଯୋଗାଇ ଦେବା ନିମନ୍ତେ ବିଧାୟକ ପାଂଠି (ଏମଏଲଏ ଲ୍ୟାଡ୍) ବିନିଯୋଗ ପାଇଁ ଥିବା ଗାଇଡଲାଇନ / ସର୍କୁଲାର (ମାର୍ଗଦର୍ଶିକା) ରେ ଆବଶ୍ୟକୀୟ ସଂଶୋଧନ କରିବାକୁ ଦାବୀ ଜଣାଇଛନ୍ତି । ପୂର୍ବରୁ ଏହି ପାଂଠି ଅର୍ଥରୁ କେବଳ ମାସ୍କ, ଗ୍ଲୋଭ୍ସ, ପିପିଇ କିଟ୍ କ୍ରୟ କରିବାର ପ୍ରାବଧାନ ଥିବାବେଳେ ବର୍ତମାନର ସ୍ୱାସ୍ଥ୍ୟସେବା ସ୍ଥିତିକୁ ସମୀକ୍ଷା କଲେ ଏହି ସଂଶୋଧନ ନିହାତି ଆବଶ୍ୟକ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀ ମୋହନ ମାଝୀ କହିଛନ୍ତି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମୁକେଶ ମହାଲିଙ୍ଗ, ନାଉରୀ ନାଏକ, ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ସୁବାଷ ପାଣିଗ୍ରାହୀ, କୁସୁମ ଟେଟେ, ଶଙ୍କର ଓରାମ, ଭବାନୀ ଭୋଇ, ଡ.ବୁଧନ ମୁର୍ମୁ, ନବ ଚରଣ ମାଝୀ, ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ସାମିଲ ଥିଲେ ।

# ସୌରଶକ୍ତି ଷ୍ଟାର୍ଟଅପ୍‌ରେ ମହିଳା ଉଦ୍ୟୋଗୀ: ରାଜ୍ୟ ଔଦ୍ୟୋଗିକ ଅର୍ଥନୀତିରେ ନୂଆ ସମ୍ଭାବନା

ଭୁବନେଶ୍ୱର,୧୦/୬ (ନି.ପ୍ର): ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ମହିଳା ଉଦ୍ୟୋଗୀଙ୍କ ପ୍ରବେଶ ଔଦ୍ୟୋଗିକ ଅର୍ଥନୀତି କ୍ଷେତ୍ରରେ ନୂତନ ଆଶା ସଂଚାର କରିଛି । ସଂପ୍ରତି ସମାଜରେ ସୌରଶକ୍ତିର ଚାହିଦା ସହିତ କ୍ରମେ ଏହି ବୈଷୟିକ ଜ୍ଞାନକୌଶଳର ଲୋକପ୍ରିୟତା ବୃଦ୍ଧି ଯୋଗୁଁ ଏହାର ଭବିଷ୍ୟତ ଉଜ୍ଜ୍ୱଳ। ନିକଟରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ଦ୍ୱାରା କରାଯାଇଥିବା ଏକ ସମୀକ୍ଷାରୁ ଏହା ଜଣାପଡ଼ିଛି। ଓଡ଼ିଶା ଷ୍ଟାର୍ଟଅପ୍‌ରେ ପଞ୍ଜୀକୃତ ସର୍ବମୋଟ ୪୬୯ ଗୋଟି ମହିଳା ଷ୍ଟାର୍ଟଅପ୍ ମଧ୍ୟରେ ୧୨ଟି ସୌରଶକ୍ତି ଷ୍ଟାର୍ଟଅପ୍ ମହିଳାମାନଙ୍କ ଦ୍ୱାରା ବିକଶିତ ଓ ପରିଚାଳିତ ହେଉଛି। ଏହି ଉଦ୍ୟୋଗଗୁଡ଼ିକ ପାରମ୍ପରିକ ବିଦ୍ୟୁତ ଶକ୍ତି ଉପରୁ ନିର୍ଭରଶୀଳତାକୁ ବହୁମାତ୍ରାରେ ହ୍ରାସ କରିବ। ଏହା ସବୁଜ ଏବଂ ସ୍ୱଚ୍ଛ ବିଦ୍ୟୁତ ଯୋଗାଇପାରୁଛି। ବହୁ ସ୍ଥାନରେ ଲୋକେ ନିଜ ନିଜ ଘର ଛାତ ଉପରେ ପ୍ୟାନେଲ ସ୍ଥାପନ କରି ନିଜର ବିଦ୍ୟୁତ ଚାହିଦା ମେଂଟାଇ ପାରିବେ। ତା'ଛଡ଼ା ସୌରଶକ୍ତିର କୃଷିକ୍ଷେତ୍ରରେ ମଧ୍ୟ ବହୁଳ ଭାବରେ ଉପଯୋଗ ହୋଇପାରିଛି। ସେଥିପାଇଁ ସେହି ଚାହିଦାକୁ ଲକ୍ଷ୍ୟ କରି ଗ୍ରାହକ ଅନୁକୂଳ ଉପକରଣ ନିର୍ମାଣ କରାଯାଉଛି। ଏଥିସହିତ ପାରମ୍ପରିକ ବିଦ୍ୟୁତ ବ୍ୟବହାର କରୁଥିବା ଉପଭୋକ୍ତା ବିକଳ୍ପ ଭାବେ ସୌରଶକ୍ତି ବ୍ୟବହାର କରୁଥିବା ଯୋଗୁଁ ଏ କ୍ଷେତ୍ରରେ ଅଧିକ ସମ୍ଭାବନା ସୃଷ୍ଟି ହୋଇଛି। ଏ କ୍ଷେତ୍ରରେ ଯେଉଁ କେତେକ ଷ୍ଟାର୍ଟଅପ୍ ସଫଳତା ହାସଲ କରିପାରିଛନ୍ତି ସେଗୁଡ଼ିକ ମଧ୍ୟରେ ବତୀଘର ସଷ୍ଟେନେବୁଲ ସଲ୍ୟୁସନ୍ସ, ସରଳା ପାୱାରଟେକ୍ କନ୍‌ସଲ୍‌ଟାନ୍ସି ଇଂଜିନିୟରିଂ ଏବଂ ଥିଙ୍କର ଇଣ୍ଡିଆ ଅଗ୍ରଣୀ ଉଦ୍ୟୋଗ ଭାବେ କାର୍ଯ୍ୟ କରୁଛନ୍ତି। ବତୀଘର ସଷ୍ଟେନେବୁଲ ସଲ୍ୟୁସନ୍ସ"ଦ୍ୱାରା ନିର୍ମିତ ସୌରଶକ୍ତିଚାଳିତ ଉପକରଣ ସାନିଟାରୀ ନାପ୍‌କିନ୍‌କୁ ସୁରକ୍ଷିତ ଭାବେ ନଷ୍ଟ କରିପାରିବ। ଫଳରେ ଅନାବଶ୍ୟକ ଭାବେ ମାଟିରେ ଏଠିସେଠି ପଡ଼ି ଆବର୍ଜନା ସୃଷ୍ଟି କରିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବାରୁ ଏହା ଏକ ପ୍ରକାର ଆଶ୍ୱସ୍ତି ଦେବ। ଏହା ପରିବେଶ ସ୍ୱଚ୍ଛ ରଖିବାରେ ସାହାଯ୍ୟ କରିବ। ଏହି ଉପକରଣ ଶୌଚାଳୟ, ବିଦ୍ୟାଳୟ ଏବଂ ଛାତ୍ରୀନିବାସଗୁଡ଼ିକରେ ବିଶେଷ ଉପଯୋଗୀ ହୋଇପାରିବ ବୋଲି ସମୀକ୍ଷାରୁ ଜଣାପଡ଼ିଛି। ସେହିପରି ସରଳା ପାୱାରଟେକ୍ କନ୍‌ସଲ୍‌ଟାନ୍ସି ଇଂଜିନିୟରିଂ ଦ୍ୱାରା ହାଇବ୍ରିଡ୍ ଇନ୍‌ଭର୍ଟର ନିର୍ମାଣ କରାଯାଉଛି, ଯାହା ଉଭୟ ସୋଲାର ଓ ବିଦ୍ୟୁତରେ ଚାଳିତ ହୋଇପାରିବ। ଥିଙ୍କର ଇଣ୍ଡିଆ ତରଫରୁ ଭାସମାନ୍ ସୌରଶକ୍ତିଚାଳିତ ଧୀବର ମିତ୍ର ନାମକ ଉପକରଣ ଯାହା ଚିଙ୍ଗୁଡ଼ି ଚାଷୀ ଓ ମତ୍ସ୍ୟଚାଷୀଙ୍କ ପାଇଁ ବହୁ ଉପଯୋଗୀ। ସୌରଶକ୍ତିଚାଳିତ ହେତୁ ଯେକୌଣସି ସ୍ଥାନରେ ମଧ୍ୟ ଗାଡ଼ିଆ, ପୋଖରୀ, ଜଳାଶୟରେ ଏହାକୁ ଅନାୟାସରେ ବ୍ୟବହାର କରିହେବ। ଏସବୁ ଷ୍ଟାର୍ଟଅପ୍‌ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ମହିଳା ଉଦ୍ୟୋଗୀମାନଙ୍କ ଦ୍ୱାରା କରାଯାଇଥିବା ଅତି ଉତ୍ସାହ ପ୍ରଦ ତଥା ମହିଳା ସଶକ୍ତିକରଣ ଦିଗରେ ଏକ ଦୃଢ଼ ପଦକ୍ଷେପ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ପ୍ରକାଶ କରିଛନ୍ତି। ଏଗୁଡ଼ିକ ଯେପରି ସଫଳତା ହାସଲ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିବ ସେ ଦିଗରେ ବିଭାଗ ତରଫରୁ ଯେଉଁସବୁ ସୁବିଧା ସୁଯୋଗ ରହିଛି ତାହା ଉପଲବ୍ଧ କରାଇବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ ଏବଂ ଓରେଡ଼ାର ବରିଷ୍ଠ ଅଧିକାରୀଗଣ ଯୋଗଦେଇ ସୌରଶକ୍ତି ସମ୍ବନ୍ଧରେ ଥିବା ସମ୍ଭାବନାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏହାକୁ ବିଭାଗର ସଂକଳ୍ପନା ପ୍ରଚାରକ ସଂଯୁକ୍ତା ବଡ଼ାଇ ପରିଚାଳନା କରିଥିଲେ।

# ଅଭିଲେଖାଗାର ଚଳନ୍ତି ଇତିହାସର ଗନ୍ତାଘର: ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର,୧୦/୬ (ନି.ପ୍ର): ଚଳିତ ବର୍ଷ ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ନୋବେଲ କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ସାମାଜିକ ଦୂରତା ଅବଲମ୍ବନ ପୂର୍ବକ ଅନ୍‌ଲାଇନ୍ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଏହି ଦିବସଟି ପାଳନ କରାଯାଇଛି। ଏହି ଦୃଶ୍ୟଶ୍ରାବ୍ୟ କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଭିଲେଖାଗାର ହେଉଛି"ଚଳନ୍ତି ଇତିହାସର ଗନ୍ତାଘର ବୋଲି କହିଥିଲେ। ଦଲିଲ୍ ଦସ୍ତାବିଜ୍, ବହିପତ୍ର, ଚିଠିପତ୍ର, ଫାଇଲ୍ ଆଦି ପରି ପ୍ରାମାଣିକ ତଥ୍ୟ ଏବଂ କାଗଜପତ୍ର ଗୁଡ଼ିକ ଅଭିଲେଖାଗାରରୁ ମିଳିଥାଏ। ତେଣୁ ଏହା ଛାତ୍ରଛାତ୍ରୀ, ଗବେଷକ, ବୁଦ୍ଧିଜୀବୀ ଏବଂ ସଚେତନ ଜନସାଧାରଣଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ଏବଂ ମହତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳ। ସେଥିପାଇଁ ଅଭିଲେଖାଗାରକୁ ସଶକ୍ତ କରିବା ନିମନ୍ତେ ସବୁ ମହଲରୁ ସହଯୋଗର ଆବଶ୍ୟକତା ରହିଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ କହିଲେ ଯେ ଅଭିଲେଖାଗାର ହେଉଛି ଗୋଟିଏ ସଭ୍ୟତା ଓ ସଂସ୍କୃତିର ପ୍ରବକ୍ତା। ଇତିହାସର ପୁନରୁଦ୍ଧାର ସହିତ ସମକାଳୀନ ପ୍ରସଙ୍ଗ ତଥା ଭବିଷ୍ୟତର ନିର୍ଘଂଟ ପ୍ରସ୍ତୁତିରେ ଅଭିଲେଖାଗାରର ବଡ଼ ଭୂମିକା ରହିଛି। ବର୍ତମାନର ଯୁଗ ହେଉଛି ସୂଚନା ବା ତଥ୍ୟର ଯୁଗ। ଏହି ସୂଚନା ବା ତଥ୍ୟର ଅନ୍ୟତମ ଭଣ୍ଡାର ହେଉଛି ଅଭିଲେଖାଗାର। ଯେକୌଣସି ଗବେଷକ, ଛାତ୍ର କିମ୍ବା ଆଗ୍ରହୀ ବ୍ୟକ୍ତି ଅଭିଲେଖାଗାରରେ ସଂରକ୍ଷିତ ତଥ୍ୟଭଣ୍ଡାରର ସହାୟତା ନେଇପାରେ। ସୂଚନା ପାଇବାର ଅଧିକାରରୁ ଆମ ଗଣତନ୍ତ୍ରରେ ମହତ୍ୱ ପ୍ରଦାନ କରାଯାଇଥିବାବେଳେ ନାଗରିକମାନେ ସୂଚନା ସଂଗ୍ରହ କରିପାରିବେ ଓ ଏହା ମଧ୍ୟ ସାର୍ବଜନୀନ ହୋଇପାରିବ। ରାଜ୍ୟ ଅଭିଲେଖାଗାରକୁ ଅଧିକ ସୁସଂଗଠିତ, ଶୃଙ୍ଖଳିତ ଏବଂ ଶକ୍ତିଶାଳୀ କରିବା ନିମନ୍ତେ ସମସ୍ତଙ୍କ ଉଦ୍ୟମର "ଆବଶ୍ୟକତା ରହିଛି। ଅନ୍ୟତମ ଅତିଥି ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ରଞ୍ଜନ କୁମାର ଦାସ ଅଭିଲେଖାଗାର ଯେତେ ମାତ୍ରାରେ ସଶକ୍ତ ଓ କ୍ରିୟାଶୀଳ ହେବ, ସେତିକି ପରିମାଣରେ ତାହା କ୍ଷମତାପନ୍ନ ହୋଇପାରିବ ଏବଂ ଅଧିକତର ସେବା ଯୋଗାଇଦେଇପାରିବ ବୋଲି କହିଥିଲେ। ଆଲୋଚନାର ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ଦୂର ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟର ପ୍ରାକ୍ତନ ନିର୍ଦ୍ଦେଶକ ତଥା ଐତିହାସିକ ପ୍ରଫେସର ସୁସ୍ମିତ ପାଣି ଅଭିଲେଖାଗାର ବିଷୟରେ ବକ୍ତବ୍ୟ ରଖି ଦଲିଲ୍ ଦସ୍ତାବିଜ୍‌ଗୁଡ଼ିକ ଏବେ ଡିଜିଟାଇଜ୍ ମାଧ୍ୟମରେ ସଂରକ୍ଷିତ ହୋଇ ରହିପାରୁଛି ଏବଂ ରେକର୍ଡ ମ୍ୟାନେଜ୍‌ମେଂଟ ସିଷ୍ଟମ ଜରିଆରେ ଆମ ହାତପାହାନ୍ତାରେ କିଛିକ୍ଷଣ ମଧ୍ୟରେ କିପରି କମ୍ପ୍ୟୁଟର ସ୍କ୍ରିନ୍‌ରେ ଦଲିଲ୍‌ଗୁଡ଼ିକ ଆମେ ଦେଖିପାରୁଛେ ସେ ବିଷୟରେ କହିଥିଲେ।

## ୨ ମାସରେ ଆଦାୟ ହେଲା ସାଢେ ୧୪ କୋଟି ଟଙ୍କାର ଜରିମାନା

ଭୁବନେଶ୍ୱର,୧୦/୦୬(ନି.ପ୍ର): କରୋନା କଟକଣା ଉଲ୍ଲଂଘନ କରିଥିବା ଅଭିଯୋଗରେ ୨ ମାସରେ ପ୍ରାୟ ୪ ଲକ୍ଷ ୭୬ ହଜାର ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସେମାନଙ୍କ ଠାରୁ ୧୪ କୋଟି ୫୮ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଛି। ପ୍ରାୟ ୩ ହଜାର ୫ ଶହ ଦୋକାନ ସିଲ୍ ହୋଇଛି। କୋଭିଡ୍ ନିୟମ ଉଲ୍ଲଙ୍ଘନ ନେଇ ୨୭୮ଟି ମାମଲା ରୁଜୁ ହୋଇଥିବା ବେଳେ ୧୩୩୨ ଜଣଙ୍କୁ ଗିରଫ କରାଯାଇଛି ଏବଂ ୨୯ ହଜାର ଗାଡି ସିଜ୍ ହୋଇଛି ବୋଲି ଆଇନଶୃଙ୍ଖଳା ଏଡିଜି ଯଶୋବନ୍ତ ଜେଠ୍ୱା ସୂଚନା ଦେଇଛନ୍ତି। ଅପରପକ୍ଷରେ କରୋନା ବେଳେ ସାଇବର କ୍ରାଇମ ଠାରୁ ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ସାଇବର କ୍ରାଇମର ଶିକାର ହେଲେ ଟୋଲ ଫ୍ରି ନମ୍ବର ୧୫୫୨୬୦କୁ କଲ କରି ତୁରନ୍ତ ପୋଲିସକୁ ଜଣାଇବାକୁ ସେ କହିଛନ୍ତି।

## ରାଜଧାନୀରେ ୨୪ ଘଂଟାରେ ୫୬୮ ପଜିଟିଭ୍, ୧୧୩୫ ସୁସ୍ଥ

ଭୁବନେଶ୍ୱର,୧୦/୦୬ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଗୁରୁବାର ଆଉ ୫୬୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୦୯ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୪୫୯ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୧୩୫ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ନୟାପଲ୍ଲୀରୁ ସର୍ବାଧିକ ୩୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ପଟିଆରୁ ୩୧ ଜଣ,ଚନ୍ଦ୍ରଶେଖରପୁରରୁ ୨୫ ଜଣ, ପାତ୍ରପଡାରୁ ୨୩ ଜଣ, ଓଲ୍ଡ ଟାଉନ୍ ରୁ ୧୯ ଜଣ, ଖଣ୍ଡଗିରିରୁ ୧୮ ଜଣ, ରସୁଲଗଡରୁ ୧୭ ଜଣ, ଲକ୍ଷ୍ମୀସାଗରରୁ ୧୬ ଜଣ,ଡୁମଡୁମାରୁ ୧୪ ଜଣ ଆକ୍ରାନ୍ତ ରହିଛନ୍ତି। ସେହିପରି ଚନ୍ଦ୍ରଶେଖରପୁରରୁ ୧୦ ଜଣ , ଓଲ୍ଡ ଟାଉନ୍ , ପଟିଆ ଓ ଶୈଳଶ୍ରୀବିହାରରୁ ୬ ଜଣ ଲେଖାଏଁ, ଖଣ୍ଡଗିରି ଓଜୟଦେବବିହାରରୁ ୫ ଜଣ ଲେଖାଏଁ କ୍ୱାରେଂଟାଇନ୍ ମାମଲା ରହିଛି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୨୬୮୫ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୭୬୨୩୮ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୬୦୫୭ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୩୬୯ ରହିଛି।

# ଏନ୍.ଏଚ୍-୬୦ରେ ଉପାନ୍ତ ଟୁଲପ୍ଲାଜା ଉଭୟପାର୍ଶ୍ୱରେ ଚାଲିଛି ଚାନ୍ଦା ଆଦାୟ



ଜଳେଶ୍ୱର,୧୦/୬(ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଦେଇ ନହରପାଟଣାରୁ ଖଡଗପୁର ଯାଏ ଲମ୍ବିଛି ଜାତୀୟ ରାଜପଥ-୬୦ । ପୂର୍ବରୁ ଓଡିଶା-ପଶ୍ଚିମବଂଗ ଉପାନ୍ତ ଲକ୍ଷ୍ମଣନାଥ ଟୋଲ ପ୍ଲାଜା ନିକଟରେ ୟୁନିଫାଏଡ୍ ଚେକ୍‌ଗେଟ ରହିଥିଲା । ସେତେବେଳେ ସେହିସବୁ ସ୍ଥାନମାନଙ୍କରେ ବହୁ ଦଲାଲ ପାସିଂ ଅଫିସ୍ ଖୋଲି କୋଟି କୋଟି ଟଙ୍କା ଲୋଟି ନେଉଥିଲେ । ଏପରିକି ସେମାନେ ବହୁ ଅନୈତିକ କାର୍ଯ୍ୟରେ ଲିପ୍ତ ରହିବା ସହିତ ଟ୍ରକ୍ ଡ୍ରାଇଭର ମାନଙ୍କ ଠାରୁ ଲୁଟ୍, ରାହାଜାନୀ କରୁଥିଲେ । କେନ୍ଦ୍ର ସରକାର ଏହି ଚେକ୍‌ଗେଟ୍ ଉଠାଇ ଦେବାପରେ ସେହି ପାସିଂ ଅଫିସ୍‌ରେ କାର୍ଯ୍ୟ କରୁଥିବା ଯୁବକମାନେ ବେସାହାରା ହୋଇ ପୁଣି ନୂତନଭାବେ ତାଙ୍କର ପୂର୍ବ କାର୍ଯ୍ୟ ଚଳାଇଛନ୍ତି । ପଶ୍ଚିମବଂଗ ସୀମାରୁ ଉତ୍ତର ପଟେ ଟୁଲ ପ୍ଲାଜାର ୫୦ ମିଟିର ଦୂରତା ମଧ୍ୟରେ ଏବଂ ଦକ୍ଷିଣ ପଟେ ରେଳ ଓଭରବ୍ରିଜ୍ ଠାରୁ ନୂତନ କୋର୍ଟ ଛକ ମଧ୍ୟରେ ଅଟକୁଥିବା ଟ୍ରକ୍ ଡ୍ରାଇଭରମାନଙ୍କ ଠାରୁ ଯୁବକମାନେ ଚାନ୍ଦା ଆଦାୟ କରୁଛନ୍ତି । ଟ୍ରକ୍ ଡ୍ରାଇଭରମାନେ ହାନ୍ଧ୍ର, ତାମିଲନାଡୁ, କର୍ଣ୍ଣାଟକ ଓ କେରଳ ରାଜ୍ୟର ହୋଇଥିବାରୁ ସେମାନେ ଭଲ ହିନ୍ଦି କିମ୍ବା ଇଂରାଜୀ କହିପାରନ୍ତି ନାହିଁ । ଉକ୍ତ ସ୍ଥାନଠାରୁ ଜଳେଶ୍ୱର ସହର ମଧ୍ୟରେ ଥିବା ଥାନାର ଦୂରତା ୧୦ କି.ମି. ହୋଇଥିବାରୁ ସମୟ ଅପଚୟ କରି ଏ ସମ୍ପର୍କରେ ଅଭିଯୋଗ କରିବାକୁ ଡ୍ରାଇଭରମାନେ ଶ୍ରେୟ ମଣୁ ନାହାନ୍ତି । ଏହି ସୁଯୋଗରେ ଏହି ଚାନ୍ଦା ଉଠାଉଥିବା ଯୁବକମାନେ ବିଭିନ୍ନ ଚାରିଚକିଆ ଯାନକୁ ୪ରୁ୫ ହଜାର ଟଙ୍କା ନେଇ ବିଭିନ୍ନ ଗଳା ରାସ୍ତାରେ ଓଡିଶା ମଧ୍ୟକୁ ପ୍ରବେଶ କରାଇବାରେ ସକ୍ଷମ ହେଉଛନ୍ତି । ଏହି ଯୁବକମାନେ ବିଭିନ୍ନ ନିଶାକାରରେ ଲିପ୍ତ ରହିବା, ଛିନ୍ତାଇ ଓ ରାହାଜାନୀ କରିବା, ଟ୍ରକ୍ ଲୁଟ୍‌ରେ ସାମିଲ ହେବା ସହିତ ନିଶାଗ୍ରସ୍ତ ହେଉଥିବାରୁ ସେମାନଙ୍କ ପରିବାର ଉଜୁଡିବାକୁ ବସିଲାଣି । ପୁଲିସ୍ ବେଳେ ବେଳେ ସେଠାରୁ ନକଲି ଆର୍‌ଟିଓ ଓ ଏମ୍‌ଭିଆଇ ମାନଙ୍କୁ ଗିରଫ କରୁଥିଲେ ମଧ୍ୟ ଖୋଲାସ ହେବାପରେ ପୁଣି ସେହି କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଏହି କାର୍ଯ୍ୟକରୁଥିବା ମାଷ୍ଟାର ମାଇଣ୍ଡ ଓ ମୁଖ୍ୟ କାର୍ପଟଦାରମାନଙ୍କ ନିକଟରେ ପୁଲିସ୍ ପହଞ୍ଚିପାରୁନାହିଁ । ଏଥିନେଇ ସ୍ଥାନୀୟ ଅଂଚଳର ବହୁ ବୁଦ୍ଧିଜିବୀ ଓ ସମାଜସେବୀ ମାନେ ଚିନ୍ତା ପ୍ରକଟ କରିଛନ୍ତି । ତେଣୁ ରାଜପଥରେ ପୁଲିସ୍ ପେଟ୍ରୋଲିଂ କରିବାକୁ ସାଧାରଣରେ ଦାବି ହେଉଛି ।

# ଆଉ ନୂଆ ୨୬୨ କରୋନା ଆକ୍ରାନ୍ତ ଚିହ୍ନଟ

ଭଦ୍ରକ,୧୦/୦୬ (ନି.ପ୍ର): ଜିଲ୍ଲାରୁ ଆଉ ୨୬୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହି ଆକ୍ରାନ୍ତମାନେ ହେଲେ ବାସୁଦେବପୁର ପୌରପାଳିକାର ୱାର୍ଡ ନଂ ୧୧, ୧୪, ୧୮, ୨୨ରୁ ମୋଟ ୯ଜଣ, ଭଦ୍ରକ ପୌରପାଳିକାର ଅପର୍ତ୍ତବିନ୍ଧା, ଚନ୍ଦନବଜାର, ଗରଦପୁର, ହଗରାସାହି, ମଠସାହି, କଣ୍ଠାବଣିଆ, ଜାନୁଗଞ୍ଜ, କୁଆଁସ, ବଙ୍କସାହି, ପୁରୁଣାବଜାର, ଡାହାଣିଗଡିଆ, ବାଗୁରାଇରୁ ମୋଟ ୨୪ଜଣ, ଧାମନଗର ଏନ୍‌ଏସିର ୩ ନଂ ୱାର୍ଡ ଓ ୧୧ ନଂ ୱାର୍ଡରୁ ୪ଜଣ, ତିହିଡ଼ି ବ୍ଲକର ବାରୋ, ଚାରିବୃତ୍ତି, ଭାଟପଡା, ପୀରହାଟ, ଗୋବିନ୍ଦପୁର, କୋହ୍ଲ, କୁବେରା, ମହରମପୁର, ଗୁଡୁପାଳ, ତାଳପଦା, ବାଲିଚତୁରୀ, ହରିପୁର, ରାଜେନ୍ଦ୍ରପୁର, ହାଟୁରୀ, ନରେନ୍ଦ୍ରପୁର ଓ ବୋଡକ ଗ୍ରାମରୁ ୩୫ଜଣ, ଚାନ୍ଦବାଲି ବ୍ଲକ ଗୋପାଳପୁର, ବାଲିଆପାଳ, ଭାଟପଡା, ଧମାରା, ବଳଭଦ୍ରପ୍ରସାଦ, ଜଳେଶ୍ୱରପୁର, ନଳଗୋହିରା, ହଳଦିଆ, ଖଦାଳପୋଖରୀ ଗ୍ରାମରୁ ୨୪ଜଣ, ଚାନ୍ଦବାଲି ଏନ୍‌ଏସିର ୬ ନଂ ୱାର୍ଡରୁ ଜଣେ, ବନ୍ତ ବ୍ଲକର ଆଡିଆ, ଗୋପିନାଥପୁର, ଅଣିଜୋ, କେନ୍ଦୁଆପଦା, ନିଳୋକ, ଷେଣ୍ଢତୀରା, ତୋଡଗାଁ, ଛୟାଳସିଂହ, ବସନ୍ତିଆ ଗ୍ରାମରୁ ୧୩ଜଣ, ଭଦ୍ରକ ବ୍ଲକର ଚରମ୍ପା, ବେନ୍ତାଳ, ବେତରା, ଭୀମପୁର, ଏରେଇଁ, ସାମରାଇପୁର, ଲାଙ୍ଗୁଡି, କଲେଇ, ଜିତାନଗା, ଖଣ୍ଡତଡା, ରାନ୍ଦିଆ, ରାହାଞ୍ଜ, ଆଟୋ, ବାଉଦପୁର, ଜଗଦଳପୁର, କାଉପୁର, କୋରକୋରା, ରାଇପୁର, ଓଲଙ୍ଗ, ପରସିଂଗା ଗ୍ରାମରୁ ୪୦ଜଣ, ବାସୁଦେବପୁର ବ୍ଲକର ଅରଣ୍ଡୁଆ, ବରଣ୍ଡୁଆ, ବ୍ରାହ୍ମଣୀଗାଁ, ନୂଆଗାଁ, ସୁଦର୍ଶନପୁର, ବେତଡା, ବାଲିମେଦ, ବିଦେଇପୁରରୁ ୧୨ଜଣ, ଅନ୍ୟ ଜିଲ୍ଲାରୁ ୮ଜଣ, ଭଣ୍ଡାରିପୋଖରୀ ବ୍ଲକର ମଢିଆଳି, ବୟାଁବନାପୁର, ସାନଶାସନ, ବିଷ୍ଣୁପୁର, ଦକ୍ଷିଣବାଡ, ଶାରଦାପୁର, ଷୋଳମପୁର, ଡଗରପଡା, ନେରଡା, ରହଣିଆ, ରାଜେନ୍ଦ୍ରପୁର, ସରପଦା, ତେସିଙ୍ଗା, ପାଟୁଳି ଗ୍ରାମରୁ ୩୯ ଜଣ, ଧାମନଗର ବ୍ଲକର ଧୁଷୁରୀ, ଗଡିଆଳି, ପଙ୍ଗଟା, କାସିମପୁର, କୋଠାର, ନଦୀଗାଁ, ପାଳସାହି ଗ୍ରାମରୁ୨ଜଣ, ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳର ୧୨ଜଣ ଜିଲ୍ଲା ବାହାରେ ଚିହ୍ନଟ ହୋଇଥିବା ଜଣାଯାଇଛି।

# ସାବିତ୍ରୀ ବ୍ରତ ପାଇଁ ପୋଲିସ ଆଗରେ ଲୋକେ କଟକଣାର ଧଜିଆ ଉଡାଇଲେ



ବାରିପଦା,୦୯/୦୬ (ନି.ପ୍ର): କରୋନା ସଂକ୍ରମଣର ହାର ଜିଲ୍ଲାରେ ଧିରେ ଧିରେ କମୁଥିବା ବେଳେ, ମୃତ୍ୟୁହାର କମୁନି । ଲୋକେ କିନ୍ତୁ ଭୁଲିବାକୁ ବସିଲେଣି କରୋନା କଟକଣା । ପୋଲିସ ଛକ ବଜାରରେ ହେଲମେଟ ମାସ୍କ ଚେକିଂରେ ବ୍ୟସ୍ତ ରହିଥିବା ବେଳେ ବଜାର ରେ ଲାଗୁଛି ଅସମ୍ଭାଳ ଭିଡ । ସାବିତ୍ରୀ ବ୍ରତ ଥିବାରୁ ବୁଧବାର ବାରିପଦା ମାର୍କେଟ ରେ ପ୍ରବଳ ଗହଳି ଲାଗିଥିଲା । ପୁଣି ଦିନ ୧୧ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ହେବାର ନିର୍ଦ୍ଦେଶ ରହିଥିବାରୁ ସବୁ ଲୋକ ଏକାବେଳେ ମାର୍କେଟକୁ ସାବିତ୍ରୀ ସଜ କିଣି ବାକୁ ବାହାରିଲେ । ସବୁ ଛକ ବଜାର ରେ ପୋଲିସ ପଇଁତରା ମାରୁଥିଲେ ବି ପୋଲିସ ସାମ୍ନାରେ କରୋନା କଟକଣା ନିୟମର ଧଜିଆ ଉଡାଇଲେ ଲୋକେ । ପୋଲିସ ନିରୁପାୟ ହୋଇ ସବୁ ଦେଖିଲା ହେଲେ ଭିଡ ନିୟନ୍ତ୍ରଣ କରିବା ସମ୍ଭବ ହେଲା ନାହିଁ । କେବଳ ବିଭିନ୍ନ ଛକ ବଜାର ରେ ହେଲମେଟ ଓ ମାସ୍କ ଚେକିଂ ନାମରେ ପୋଲିସ ଫାଇନ ଆଦାୟ କରିବା ସହ କିଛି ଦୋକାନକୁ ମଧ ସିଲ କଲା ମାତ୍ର ଭିଡ ନିୟନ୍ତ୍ରଣ ହେଲାନି । ଦୋକାନ ସିଲ କଲେ ବା ହେଲମେଟ ଚେକିଂ ନାମରେ ଫାଇନ ଆଦାୟ କଲେ କରୋନା ସଂକ୍ରମଣ କମିବନି ବରଂ ଏସବୁ ମାଧ୍ୟମରେ ଭିଡ ନିୟନ୍ତ୍ରଣ କଲେ ଯାଇ କରୋନା କଟକଣା ନିୟମ କାମରେ ଆସିବ ବୋଲି ବିଶେଷଜ୍ଞ ମାନେ ମତ ରଖୁଥିବା ବେଳେ, ପୋଲିସ କିପରି ବୁଝି ପାରୁନି ତାହା ଚିନ୍ତା ଜନକ ବିଷୟ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ଜୋର ଧରିଛି ।

## ରଜରେ ଭିଡ ଜମାଇଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୦/୦୬ (ନି.ପ୍ର): ମହାମାରୀ କରୋନାର କୋପ କମିଥିଲେ ରଜ ସମୟରେ କଟକ-ଭୁବନେଶ୍ୱରରେ ସହରାଂଚଳରେ ଭିଡ ନକରିବାକୁ ପୋଲିସ କମିଶନର ପରାମର୍ଶ ଦେଇଛନ୍ତି। ଯଦି କୌଣସି ବ୍ୟକ୍ତି ବା ଦୋକାନ ସରକାରଙ୍କ ଗାଇଡ୍‌ଲାଇନ୍ ଉଲ୍ଲଙ୍ଘନ କରୁଛି, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରଜ ପାଇଁ କମିଶନରେଟ୍ ପୋଲିସ୍ ପକ୍ଷରୁ ସ୍ୱେଶାଲ୍ ଡ୍ରାଇଭ୍ ଆରମ୍ଭ କରାଯାଇଛି ବୋଲି ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ରଜ ପାଇଁ ଆମିଷ ଦୋକାନରେ ଭିଡ଼ କରନ୍ତୁନି। ସାମାଜିକ ଦୂରତ୍ୱ ରଖନ୍ତୁ। ଦୋକାନୀମାନେ କଟକଣା ନମାନିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦୋକାନରେ ସାମାଜିକ ଦୂରତ୍ୱ ନଥିଲେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି। କଟକଣା ଉଲ୍ଲଙ୍ଘନ କରି ଦୋକାନ ଖୋଲିଲେ ଉକ୍ତ ଦୋକାନକୁ ସିଲ୍ କରାଯିବ। ଆବଶ୍ୟକ ପଡ଼ିଲେ ଦୋକାନୀ ଗିରଫ ହେବେ। ଅତ୍ୟନ୍ତ ଆବଶ୍ୟକତା ନଥିଲେ ବାହାରକୁ ବାହାରନ୍ତୁ ନାହିଁ। ଟିକା ପାଇଁ ମଧ ମନଇଚ୍ଛା ଯାଆନ୍ତୁନି। ସ୍ଲଟ ବୁକିଂ ଟାଇମ ଅନୁସାରେ ଯାଆନ୍ତୁ ବୋଲି କହିଛନ୍ତି କମିଶନର।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୩ ଗିରଫ

ଭୁବନେଶ୍ୱର,୧୦/୦୬ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୩୧୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୫,୫୨,୬୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବାତ୍ୟା ୟାସ୍ ପ୍ରଭାବିତ ଚାଷୀଙ୍କ ....

ରିହାତିରେ ସର୍ବାଧିକ ୩୮୦୦ ଟଙ୍କା ଓ ହାତରେ ଚାଲୁଥିବା ସ୍ପ୍ରେୟର ପାଇଁ ସର୍ବାଧିକ ୭୫୦ ଟଙ୍କା ରିହାତି ଦିଆଯିବ। ଭଦ୍ରକ ଓ ବାଲେଶ୍ୱରରେ ଲୁଣା ପାଣି ମାଡି ଯାଇଥିବାରୁ ମାଟିର ମାନରେ ଉନ୍ନତି ପାଇଁ ହେକ୍ଟର ପିଛା ୭୫୦ ଟଙ୍କା ସହାୟତା ଦିଆଯିବ। ସମୁଦାୟ ୧୦ ହଜାର ହେକ୍ଟର ଜମି ପାଇଁ ସହାୟତା ପ୍ରଦାନ କରାଯିବ। ସେହିଭଳି ପାନବରଜ ଚାଷ କରୁଥିବା ୧୨୫ ଜଣ ଚାଷୀଙ୍କୁ ଜଣ ପିଛା୧୫,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ। ବାତ୍ୟାରେ କ୍ଷତିଗ୍ରସ୍ତ ୫୦ଟି ଛତୁ ଚାଷ ୟୁନିଟ୍‌କୁ ୪୦,୦୦୦ ଟଙ୍କା ଲେଖାଏ ଯୋଗାଇ ଦିଆଯିବ । ଏଥିରେ କ୍ଷତିଗ୍ରସ୍ତ ଚାଷୀମାନେ ସେମାନଙ୍କ ଛତୁ ଚାଷ ୟୁନିଟର ପୁନରୁଦ୍ଧାର କରିପାରିବେ । କ୍ଷତିଗ୍ରସ୍ତ ଅଞ୍ଚଳର ଚାଷୀ ମାନଙ୍କୁ କିଟ୍ ? ପିଛା ୧୧୦ ଟଙ୍କାର ୧୦ ହଜାର ପରିବା ମିନି କିଟ୍ ମାଗଣାରେ ଯୋଗାଇ ଦିଆଯିବ। କ୍ଷତିଗ୍ରସ୍ତ ଅଞ୍ଚଳର ୩୩ ପ୍ରତିଶତରୁ ଅଧିକ କ୍ଷତି ସହିଥିବା ଚାଷୀମାନଙ୍କର ସ୍ୱଳ୍ପ ମିଆଦୀ ଖରିଫ ଋଣକୁ ମଧ୍ୟମ ମିଆଦୀ ଋଣରେ ପରିଣତ କରାଯିବ। ଅନ୍ୟପଟେ ବାତ୍ୟାରେ ଦୁଧିଆଳୀ ଗାଇ, ମଇଁଷି. ଛେଳି, ମେଣ୍ଢା ଓ କୁକୁଡା ହରାଇଥିବା ଚାଷୀ ମାନଙ୍କୁ ମଧ ସହାୟତା ପ୍ରଦାନ କରାଯିବ। ଦୁଧିଆଳୀ ଗାଇ ଓ ମଇଁଷି ପାଇଁ ୩୦,୦୦୦ ଟଙ୍କା ସହାୟତା ଘୋଷଣା କରାଯାଇଥିବା ବେଳେ,କ୍ଷୀର ଦେଉ ନଥିବା ପ୍ରାଣୀ ମାନଙ୍କ ପାଇଁ ୨୫,୦୦୦ ଟଙ୍କା ସହାୟତା ଦିଆଯିବ । ସେହିପରି ସର୍ବାଧିକ ୬ଟି ବାଛୁରୀ ପାଇଁ – ପ୍ରତି ବାଛୁରୀ ପାଇଁ ୧୬,୦୦୦ ଟଙ୍କା, ୩୦ଟି ଛେଳି/ମେଣ୍ଢା ପର୍ଯ୍ୟନ୍ତ ୩୦୦୦ ଟଙ୍କା ଏବଂ ପ୍ରତି କୁକୁଡା ପିଛା ୫୦ ଟଙ୍କା ଲେଖାଏ, ସର୍ବାଧିକ ୫୦୦୦ ଟଙ୍କା ଲେଖାଏ ପ୍ରତି କ୍ଷତିଗ୍ରସ୍ତ ଚାଷୀଙ୍କୁ ଦିଆଯିବ। ବାତ୍ୟାରେ ଭାଙ୍ଗି ଯାଇଥିବା ଗୁହାଳର ପୁନର୍ନିର୍ମାଣ ପାଇଁ ୨୧୦୦ ଟଙ୍କା ସହାୟତା ଦିଆଯିବ। ବାତ୍ୟାରେ କ୍ଷତିଗ୍ରସ୍ତ ମତ୍ସ୍ୟ ଚାଷୀଙ୍କୁ ସେମାନଙ୍କର ଆଂଶିକ ଭାବରେ ଭାଙ୍ଗିଥିବା ଡଙ୍ଗାର ମରାମତି ପାଇଁ ୪୧୦୦ ଟଙ୍କା, ଆଂଶିକ ଭାବରେ କ୍ଷତିଗ୍ରସ୍ତ ମାଛଧରା ଜାଲ ମରାମତି ପାଇଁ ୨୧୦୦ ଟଙ୍କା, ପୁରା ଭାଙ୍ଗିଯାଇଥିବା ଡଙ୍ଗା ନିର୍ମାଣ ପାଇଁ ୯୬୦୦ ଟଙ୍କା ଏବଂ ପୁରା ନଷ୍ଟ ହୋଇଯାଇଥିବା ମାଛଧରା ଜାଲ କ୍ଷେତ୍ରରେ ୨୬୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ଏହାବାଦ୍ ବାତ୍ୟାରେ କ୍ଷତିଗ୍ରସ୍ତ ହସ୍ତତନ୍ତ କାରିଗରଙ୍କୁ ଉପକରଣ ପାଇଁ ୪୧୦୦ ଟଙ୍କା ଏବଂ ନଷ୍ଟ ହୋଇଥିବା କଂଚା ମାଲ ତଥା ତିଆରି ହୋଇଥିବା ଜିନିଷ ପାଇଁ ପ୍ରତି କାରିଗରଙ୍କୁ ୪୧୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ। ଏରି, ମଲବେରୀ ଓ ଟସର ଚାଷୀ ମାନଙ୍କ ପାଇଁ ଇନ୍‌ପୁଟ ସବ୍‌ସିଡି ଭାବରେ ହେକ୍ଟର ପିଛା ୪୮୦୦ ଟଙ୍କା ଏବଂ ମୁଗା ଚାଷୀଙ୍କ ପାଇଁ ହେକ୍ଟର ପିଛା ୬୦୦୦ ଟଙ୍କା ଲେଖାଏ ସହାୟତା ଦିଆଯିବ।

## ଛତିଶଗଡ଼ ଭିଲାଇରେ ଜୁମ୍ବୋ....

କୋଭିଡ୍ ମହାମାରୀର ସଂକଟ ସମୟରେ ଦେଶର ଇସ୍ପାତ୍ ପ୍ଲାଂଟ୍ ନିକଟରେ କୋଭିଡ୍ ହସ୍ପିଟାଲ ନିର୍ମାଣ କରିବା ପାଇଁ ଆହ୍ୱାନ କରିଛନ୍ତି। କୋଭିଡ୍-୧୯ ମୁକାବିଲାରେ ଭାରତକୁ ମଜବୁତ୍ କରିବା ପାଇଁ 'ଯେଉଁଠି ସମସ୍ୟା, ସେଇଠି ଚିକିତ୍ସା', ଏଭଳି ପରିକଳ୍ପନା ପ୍ରଧାନମନ୍ତ୍ରୀ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଛତିଶଗଡ଼ ଭିଲାଇ ଇସ୍ପାତ୍ କାରଖାନା ନିକଟରେ ଆରମ୍ଭ ହୋଇଥିବା ଏହି ଅତିରିକ୍ତ ମେଡ଼ିକାଲ ସୁବିଧା କୋଭିଡ୍-୧୯ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିବାରେ ସହାୟକ ହେବ। ଏହି ଅବସରରେ ଶ୍ରୀ ପ୍ରଧାନ ଛତିଶଗଡର ଲୋକପ୍ରତିନିଧିଙ୍କ ଅନୁରୋଧକୁ ରଖି ଭିଲାଇରେ ୫୦ଟି ଆଇସିୟୁ ବେଡର ବ୍ୟବସ୍ଥା କରିବାକୁ ପ୍ରତିଶୃତି ଦେଇଛନ୍ତି । ଦେଶରେ ଇସ୍ପାତ୍ କାରଖାନାମାନେ ଇସ୍ପାତ୍ ଉତ୍ପାଦନ କମ୍ କରି ଅକ୍ସିଜେନ୍ ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦେଇ ବିଭିନ୍ନ ମେଡ଼ିକାଲ ପର୍ଯ୍ୟନ୍ତ ଅକ୍ସିଜେନ୍ ପହଁଚାଇ ଉଦାହରଣ ତିଆରି କରିଛନ୍ତି। ଦେଶକୁ ଅକ୍ସିଜେନ୍ ଯୋଗାଇବା ଦିଗରେ ଭିଲାଇ ଇସ୍ପାତ୍ କାରଖାନାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶା ହେଉ କିମ୍ବା ଛତିଶଗଡ଼ ଏ ଦୁଇଟି ରାଜ୍ୟରେ ଥିବା ସବୁ ଇସ୍ପାତ୍ କାରଖାନାମାନେ କୋଭିଡ୍-୧୯ ସମୟରେ ନିଜର ଦାୟିତ୍ୱକୁ ପାଳନ କରିଛନ୍ତି।

## କେବଳ ପୁରୀରେ ହେବ....

ସେନେଇ ଏସଆରସିଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କୌଣସି ଶ୍ରଦ୍ଧାଳୁ ରଥଯାତ୍ରାରେ ସାମିଲ ହୋଇପାରିବେ ନାହିଁ, କେବଳ ସେବାୟତ ହିଁ ରଥଯାତ୍ରାରେ ସାମିଲ ହେବେ, ୨ଟି ଡୋଜ ଟିକା ନେଇଥିବା ସେବାୟତ ସାମିଲ ହେବେ, ଟିକା ନେଇ ନଥିଲେ ୪୮ ଘଂଟା ପୂର୍ବରୁ ଆରଟିପିସିଆର ନେଗେଟିଭ୍ ରିପୋର୍ଟ ଜରୁରୀ, ସେବାୟତ, ପୋଲିସ ଓ ମନ୍ଦିର ପ୍ରଶାସନ ଦ୍ୱାରା ଅନୁମତି ପାଇଥିବା ଅଧିକାରୀ ରଥ ଟାଣିବା କାର୍ଯ୍ୟରେ ନିୟୋଜିତ ହେବେ, କୌଣସି ରଥକୁ ୫ଶହରୁ ଅଧିକ ଲୋକ ଟାଣି ପାରିବେ ନାହିଁ । ଯେଉଁମାନେ ରଥଟଣା କାର୍ଯ୍ୟରେ ନିୟୋଜିତ ହେବେ ସମସ୍ତେ ଟିକାର ଦୁଇଟି ଡୋଜ୍ ନେଇଥିବେ, ନଚେତ୍ ୪୮ ଘଂଟା ପୂର୍ବରୁ ଆରଟିପିସିଆର ନେଗେଟିଭ୍ ରିପୋର୍ଟ ଜରୁରୀ କରୋନା କଟକଣା ଭିତରେ ରଥଯାତ୍ରା ପାଳନ ପାଇଁ ରାଜ୍ୟ ସରକାର ନିଷ୍ପତି ନେବା ପରେ ଏହାକୁ ସ୍ୱାଗତ କରିଛନ୍ତି ସେବାୟତ । ତେବେ ରାଜ୍ୟର ଅନ୍ୟ ମନ୍ଦିର ମାନଙ୍କରେ ହେଉଥିବା ରଥଯାତ୍ରା ଉପରେ କଟକଣା ଲଗାଇଛନ୍ତି ରାଜ୍ୟ ସରକାର । ପୁରୀ ଶ୍ରୀମନ୍ଦିରକୁ ଛାଡି ଅନ୍ୟ ସବୁଠି କେବଳ ମନ୍ଦିର ପରିସରରେ ଠାକୁରଙ୍କ ନୀତିକାନ୍ତି କରିବାକୁ କୁହାଯାଇଛି ।

## ଆନ୍ଦୋଳନରେ ଯୋଗଦେବାକୁ ହରିଆଣାରୁ ....

ଆମ୍ବାଲା ପରେ ଆଜି ପାନୀପତରୁ ୫ ହଜାରରୁ ଅଧିକ କୃଷକ ଦିଲ୍ଲୀ ଯାତ୍ରା କରିଛନ୍ତି । ପାନିପତ ଟୋଲଗେଟ୍ ନିକଟରେ ସକାଳ ୯ ଟାରୁ କୃଷକମାନେ ଏକତ୍ରୀତ ହୋଇଥିଲେ । ଦିନ ୧୧.୩୦ ମିନିଟରେ ହରିଆଣା ରାଜ୍ୟ କୃଷକ ମୋର୍ଚ୍ଚାର ଅଧକ୍ଷ ଗୁରନାମ ସିଂ ଚଢୁନୀ ସେଠାରେ ପହଂଚିଥିଲେ । ଏହାପରେ ଡିଏସପି ସନ୍ଦୀପ ଚଢୁନୀଙ୍କୁ ନିଜ ଗାଡିରେ ନେଇ ଏସପି ଶଶାଙ୍କ କୁମାର ସାବନଙ୍କ ସହିତ କଥାବାର୍ତ୍ତା କରାଇଥିଲେ । ସେଠାରୁ ଫେରି ଶାନ୍ତିପୂର୍ଣ୍ଣ ଭାବେ ଯାତ୍ରା କରିବାକୁ କୃଷକ ମାନଙ୍କୁ ସେ ଆହ୍ୱାନ ଦେଇଥିଲେ । କୃଷକମାନେ ଯାତ୍ରା କରୁଥିବା ବେଳେ ଏକ ପୋଲ ଉପରେ କିଛି ମହିଳା ଓ ପୁରୁଷ ଫୁଲ ବର୍ଷା କରିଥିଲେ । ଗୁରୁନାମ ସିଂ ଚଢୁନି କହିଛନ୍ତି କି, ଆଜିର ଏହି କୃଷକ ମାର୍ଚ୍ଚ ଇତିହାସ ରଚିଲା । ଦିଲ୍ଲୀକୁ ଜୟ କରିବାକୁ ପାନିପତରୁ ୩ ଥର ଯୁଦ୍ଧ ହୋଇଥିଲା ଏବେ ଚତୁର୍ଥ ଯୁଦ୍ଧ ଲଢିବାକୁ କୃଷକମାନେ ଦିଲ୍ଲୀ ଯାତ୍ରା କରୁଛନ୍ତି ।

## ବନ୍ୟା ଆଶଙ୍କା : ଆଗୁଆ ପଦକ୍ଷେପ....

ବିଶେଷକରି ଜଳସମ୍ପଦ ବିଭାଗ ଓ ଅନ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷାକରି ନିର୍ମାଣ କାର୍ଯ୍ୟ ସାରିବା, ଡ୍ରେନରୁ ଜାମ୍ ହଟାଇବା, ଡ୍ରେନ ଉପରେ ଖାଲିଥିବା ସ୍ଥାନରେ ସ୍ଲାବ ପକାଇବା ଆଦି କାର୍ଯ୍ୟ କରିବାଲାଗି କୁହାଯାଇଛି । ସେହିଭଳି ଜଳବନ୍ଦୀ ଆଶଙ୍କା ଥିବା ସ୍ଥାନ ଚିହ୍ନଟ ସହିତ ଏଠାରୁ ଜବରଦଖଲ ହଟାଇବା, ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ର ସହାୟତା ନେବା, ସହରାଂଚଳରୁ କଠିନ ବର୍ଜ୍ୟବସ୍ତୁ ହଟାଇବା, ଜଳବନ୍ଦୀ ପରିଚାଳନା ପାଇଁ ପମ୍ପ, ଡିଜିସେଟ୍ ଓ ମାନବସମ୍ବଳ ପ୍ରସ୍ତୁତ ରଖିବା ସେହିଭଳି ଏଥିପାଇଁ ଆବଶ୍ୟକ ପଡୁଥିବା ଜାଲେଣି ଗଚ୍ଛିତ ରଖିବାକୁ ପ୍ରମୁଖ ସଚିବ କହିଛନ୍ତି ।

## ମୁମ୍ବାଇରେ ପ୍ରବଳ ବର୍ଷାରେ ....

ଏହାସହ ଭୁଷୁଡି ପଡିଥିବା କୋଠା ନିକଟରେ ଥିବା ୨ ଟି ଭଙ୍ଗା କୋଠାକୁ ବି ରେସ୍କ୍ୟୁ ଟିମ୍ ଭାଙ୍ଗି ଦେଇଛନ୍ତି । ଏହି ଘଟଣା ଗତକାଲି ରାତି ୧୧ ଟାରେ ହୋଇଥିବା ଜଣାପଡିଛି । ଉଦ୍ଧାର ଓ ସହାୟତା କାର୍ଯ୍ୟ ଏବେ ବି ଜାରି ରହିଛି । ଗୁରୁତର ମାନଙ୍କୁ କାନ୍ଦୀବାଲି ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ସେଠିକାର ଡାକ୍ତର ସୂଚନା ମୁତାବକ ୧୮ ଜଣ ଗୁରୁତର ହୋଇଛନ୍ତି ଓ ୧୧ ଜଣ ମୃତ୍ୟୁ ବରଣ କରିଛନ୍ତି । ଏହାକୁ ନେଇ ଏବେ ରାଜନୀତି ଯୋର ଧରିଛି । ବିଜେପି ନେତା ରାମ କଦମ୍ କହିଛନ୍ତି କି ଏଭଳି ଦୁଃଖଦ ଘଟଣା ପାଇଁ ଶିବସେନା ଶାସିତ ବିଏମସି ଦୋଷୀ । ବିଏମସିର ଖାମଖିଆଲି ନୀତି ଯୋଗୁଁ ୧୧ ଜଣଙ୍କ ଜୀବନ ଯାଇଛି । ଏହା ଦୁର୍ଘଟଣା ନୁହେଁ ବରଂ ବ୍ୟବସ୍ଥା ଗତ ଭାବେ ହତ୍ୟା ବୋଲି କହିଛନ୍ତି ରାମ୍ କଦମ୍ ।

## ରାଜ୍ୟରେ ଗତ ୨୪ ଘଂଟାରେ ....

ପୁରୀ, ରାୟଗଡ଼ା, ସୁନ୍ଦରଗଡ଼ରୁ ୩ ଜଣ ଲେଖାଏ, ବଲାଙ୍ଗିର, ବୌଦ୍ଧ, ମୟୂରଭଞ୍ଜରୁ ୨ ଜଣ ଲେଖାଏ, ଦେବଗଡ଼, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ସମ୍ବଲପୁରରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ରାଜ୍ୟରେ ମୋଟ୍ କରୋନା ଜନିତ ମୃତ୍ୟୁ ସଂଖ୍ୟା ୩,୧୬୭ରେ ପହଂଚିଛି।

# ସ୍ୱାସ୍ଥ୍ୟ ପ୍ରକଳ୍ପ ଉଦଘାଟନରେ କେନ୍ଦ୍ରମନ୍ତ୍ରୀଙ୍କୁ ଉପେକ୍ଷା ଅଭିଯୋଗ

ବାଲେଶ୍ୱର,୦୯/୦୬ (ନି.ପ୍ର): ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ ବର୍ଗୀକରଣ ୟୁନିଟ ସମେତ ୩ ଗୋଟି ପ୍ରକଳ୍ପର ଉଦଘାଟନ ସାଙ୍ଗକୁ ଅମ୍ଳଜାନ କାରଖାନା ପ୍ରତିଷ୍ଠା ଓ ତରଳ ମ୍ଳଜାନ ସଂରକ୍ଷଣ ପ୍ରଭୃତି ୨ ଗୋଟି ପ୍ରକଳ୍ପର ଶିଳାନ୍ୟାସ ଉତ୍ସବରେ କେନ୍ଦ୍ରମନ୍ତ୍ରୀଙ୍କୁ ଉପେକ୍ଷା କରାଯାଇଥିବା ନେଇ ଆରୋପ ଉଠାଇଛି ଜିଲା ବିଜେପି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ 'ଆତିଥ୍ୟ' ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି କର୍ମକର୍ତ୍ତାମାନେ ଯୋଗଦେଇ ରାଜ୍ୟ ସରକାର ତଥା ବାଲେଶ୍ୱର ଜିଲା ପ୍ରଶାସନର ଉତ୍ସବ ଆୟୋଜନ ଓ ଅତିଥି ଆମନ୍ତ୍ରଣ ଭିତ୍ତିକ କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରିଥିଲେ। ଜିଲା ସ୍ୱାସ୍ଥ୍ୟ ସମିତିର ଅଧ୍ୟକ୍ଷ ଭାବେ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ପାଇଁ ସର୍ବଦା ଉଦ୍ୟମ ଜାରି ରଖିଆସିଛନ୍ତି। ତାଙ୍କର ପ୍ରଚେଷ୍ଟା ଓ କେନ୍ଦ୍ର ସରକାରଙ୍କ ସହଯୋଗରୁ ଟାଟାଷ୍ଟିଲ, ଏନଏଚଏଆଇ ଓ ଡିଆରଡିଓର ମିଳିତ ଉଦ୍ୟମରେ ବାଲେଶ୍ୱରରେ ପିଏସଏ ବୈଷୟିକ ଜ୍ଞାନ କୌଶଳରେ ଅମ୍ଳଜାନ କାରଖାନ ପ୍ରତିଷ୍ଠା ହେବାକୁ ଯାଉଛି। ସେହି କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ୟମରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚଓ) ଦ୍ୱାରା ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡି ଆକ୍ରାନ୍ତଙ୍କ ଆଶୁ ଚିକିତ୍ସା ପାଇଁ ସ୍ୱତନ୍ତ୍ର କ୍ୟାମ୍ପ ହସପିଟାଲ ମଧ୍ୟ ସ୍ଥାପନ ହୋଇ ପାରିଛି। ମାତ୍ର ପରିତାପର ବିଷୟ ଯେ ଏହି ସବୁ ପ୍ରକଳ୍ପ ଶିଳାନ୍ୟାସ ତଥା ରକ୍ତ ବର୍ଗୀକରଣ ଓ ନବନିର୍ମିତ ଡେଙ୍ଗୁ ଡାଇରିଆ ୱାର୍ଡ଼ର ଶୁଭ ଉଦଘାଟନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀଙ୍କୁ ବିଧିବଦ୍ଧ ଭାବେ ଆମନ୍ତ୍ରଣ କରାଗଲା ନାହିଁ ବୋଲି ବିଜେପି କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ପ୍ରକଳ୍ପଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଉଦଘାଟନ କରିଥିବା ବେଳେ ଡାକ୍ତରଖାନାରେ ଆୟୋଜିତ ପ୍ରକଳ୍ପ ନାମଫଳକ ଅନାବରଣ ଉତ୍ସବକୁ କେନ୍ଦ୍ରମନ୍ତ୍ରୀଙ୍କୁ ଆମନ୍ତ୍ରଣ କରାନଯିବା ଦୁର୍ଭାଗ୍ୟର ବିଷୟ ବୋଲି ବିଜେପି କର୍ମକର୍ତ୍ତାମାନେ କହିଛନ୍ତି। ଏହା ଭାରତୀୟ ଗଣତନ୍ତ୍ରର ସଙ୍ଘୀୟ ପରମ୍ପରା ପ୍ରତି କୁଠାରାଘାତ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏଥିରେ ରାଜ୍ୟ ସରକାରଙ୍କ ହାତବାରିସି ସାଜିଥିବା ବାଲେଶ୍ୱର ଜିଲାପାଳଙ୍କ ଭୂମିକା ସନ୍ଦେହଜନକ ବୋଲି ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ପ୍ରଦତ୍ତ ଅର୍ଥ ହଡ଼ପ ପାଇଁ ଗତ ୟସ ବାତ୍ୟା କ୍ଷୟକ୍ଷତି ସର୍ଭେରେ କ୍ଷତି ହୋଇନଥିବା ଅଞ୍ଚଳକୁ ଦର୍ଶାଯାଇଛି ବୋଲି ସେ କହିଛନ୍ତି। ସେହିଭଳି ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ଦେଶରେ ଗତ ୧ ତାରିଖରୁ ୧୮ବର୍ଷରୁ ୪୪ ବର୍ଷ ପର୍ଯ୍ୟନ୍ତ ଯୁବବର୍ଗଙ୍କ ଟିକାକରଣ ଆରମ୍ଭ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଅପାରଗତାରୁ ଏଥିରେ ବିଳମ୍ବ କରାଯାଇଥିବା ବିଜେପି ପକ୍ଷରୁ ଆରୋପ ହୋଇଛି। ରାଜ୍ୟବାସୀ ଆଗାମୀ ଦିନରେ ଏହାର ଉଚିତ ଉତ୍ତର ଦେବେ ବୋଲି କର୍ମକର୍ତ୍ତାମାନେ ଆଶା ପ୍ରକାଶ କରିଛନ୍ତି। ବିଜେପି ଜିଲା ସଭାପତି ଶ୍ରୀ ମହାପାତ୍ରଙ୍କ ସମେତ ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବିଜେପି ଜିଲା ସଭାପତି ଲମ୍ବୋଦର ନାୟକ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ଜିଲା ଉପ-ସଭାପତି କମଳା ବିନ୍ଧାଣୀ ଓ କମଳଲୋଚନ ଦାସ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଈଶ୍ୱର ଚନ୍ଦ୍ର ବେହେରା,ଜିଲା କୃଷକ ମୋର୍ଚ୍ଚା ସଭାପତି କୈଳାସ ଚନ୍ଦ୍ର ବାରିକ, ଜିଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଶ୍ରୀଯୁକ୍ତ ରଣଜିତ୍ କୁମାର ବେହେରାଙ୍କ ପ୍ରଥମ ଗଳ୍ପ ସଂକଳନ ଉନ୍ମୋଚିତ



ବାଲେଶ୍ୱର,୧୦/୦୬ (ନି.ପ୍ର): ଗତ ୯ ତିଖ ସଂଧ୍ୟାରେ ୨୫ତମ ବିବାହ ବାର୍ଷିକୀ ପାଳନ ଅବକାଶରେ ଶ୍ରୀଯୁକ୍ତ ରଣଜିତ୍ କୁମାର ବେହେରାଙ୍କ ପ୍ରଥମ ଗଳ୍ପ ସଂକଳନ 'ଛି, ଏମିତି ସ୍ୱପ୍ନକୁ....' ପ୍ରକାଶିକା ଝରଣା ମଲ୍ଲିକଙ୍କ ବାସଭବନରେ ଉନ୍ମୋଚିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଗବେଷକ ଡକ୍ଟର ମନ୍ମଥ କୁମାର ପ୍ରଧାନ, ସାହିତ୍ୟିକ ବ୍ରଜେନ୍ଦ୍ରନାଥ ଗିରି, ଲେଖିକା ସଂସଦ ବାଲେଶ୍ୱର ଶାଖାର ସମ୍ପାଦିକା ଶ୍ରୀମତୀ ସିନ୍ଧୁ ସେନ୍ ଯୋଗ ଦେଇ ପୁସ୍ତକଟିକୁ ଉନ୍ମୋଚନ କରିବା ସହ ଏଥିରେ ସ୍ଥାନିତ ଗଳ୍ପ ଗୁଡ଼ିକ ଉପରେ ଆଲୋଚନା କରିଥିଲେ। ପାହାନ୍ତିତାରାର ମୁଖ୍ୟ କମଲ ଦାସ ପୌରୋହିତ୍ୟ କରିଥିଲେ। ପ୍ରଭାସ ଦାସ, ଭୂଦେବ ମହାପାତ୍ର, ସୁଜାତା ପ୍ରଧାନ, ମୋନାଲିସା ପ୍ରଧାନ, ଅଶୋକ ଚନ୍ଦ୍ର ଦାସ, ସୁଧାଂଶୁ ଦାସ, ତପସ୍ୱିନୀ ଦାସ, ଗଜେନ୍ଦ୍ର ଦାଶ, ପ୍ରତିଭା ଦାଶ, ସୂର୍ଯ୍ୟକାନ୍ତ ମଲ୍ଲିକ, ରଶ୍ମୀକାନ୍ତ ମଲ୍ଲିକ, ଲତିକା ମହାପାତ୍ର, ଚନ୍ଦ୍ରକାନ୍ତ ମଲ୍ଲିକ ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲା ବେଳେ ସମଗ୍ର କାର୍ଯ୍ୟକ୍ରମକୁ ସୌମ୍ୟାଶେଫାଳି ବେହେରା, ଋତୁପର୍ଣ୍ଣା ବେହେରା, ଶତାବ୍ଦୀ ମହାପାତ୍ର, ସଲୋନୀ ମହାପାତ୍ର, ରାଧାରମଣ ବେହେରା, ରାଜେଶ ଦାସ ପରିଚାଳନା କରିଥିଲେ।

# ଓଡ଼ିଆ ଭାଷାରେ ପାଠ୍ୟ ବିଷୟ ଉପଲବ୍ଧ କରିବା ପାଇଁ କେନ୍ଦ୍ର ନିକଟରେ ଦାବି ରଖାଯିବ : ମନ୍ତ୍ରୀ

ଭୁବନେଶ୍ୱର,୧୦/୦୬ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ସ୍ୱୟଂ ଅନଲାଇନ ଶିକ୍ଷା ପୋର୍ଟାଲରୁ ଓଡ଼ିଆ ଭାଷା ବାଦ ପଡିବା ଘଟଣା ନେଇ ଇଲେକଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା କ୍ଷୋଭ ପ୍ରକାଶ କରିଛନ୍ତି ।ଏହି ଘଟଣାର ସତ୍ୟାସତ ଅନୁଧ୍ୟାନ ସହ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଓ ଏଆଇସିଟିଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। କୌଣସି ପରିସ୍ଥିତିରେ ଓଡ଼ିଆ ପିଲାଙ୍କ ଭବିଷ୍ୟତସହ ସାଲିସ କରାଯିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି । ସ୍ୱୟଂ ଅନଲାଇନ ଶିକ୍ଷା ପୋର୍ଟାଲରୁ ଓଡ଼ିଆ ଭାଷା ବାଦ ପଡ଼ିଥିବା ଘଟଣା ସାମ୍ନାକୁ ଆସିବା ପରେ ମନ୍ତ୍ରୀ ଶ୍ରୀ ବେହେରା ଗଭୀର ଉଦବେଗ ପ୍ରକାଶ କରିବା ସହ ବର୍ତ୍ତମାନ କୋଭିଡ ମହାମାରୀ ସମୟରେ ପିଲାମାନେ ଅନଲାଇନ ଶିକ୍ଷା ଉପରେ ବହୁଳ ଭାବେ ନିର୍ଭର କରୁଛନ୍ତି । ରାଜ୍ୟ ସରକାର ମାଲକାନଗିରି ସମେତ ଅନେକ ଉପାନ୍ତ ଅଂଚଳରେ ନେଟୱର୍କ ସୁଦୃଢୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି । ସ୍ୱୟଂ ଅନଲାଇନ ଶିକ୍ଷା ପୋର୍ଟାଲ ଏକ ଭଲ ବ୍ୟବସ୍ଥା ଓ ଏଥିରେ ବିଜ୍ଞାନ, ବୈଷୟିକ, ଫର୍ମାସୀ, ସାମାଜିକ ବିଜ୍ଞାନ ଆଇନ ଓ ମ୍ୟାନେଜମେଂଟ ଆଦି ବିଷୟର ପାଠ୍ୟ ପୁସ୍ତକ ଆଇଆଇଟି, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଏସସିର ଅଭିଜ୍ଞ ଅଧ୍ୟାପକଙ୍କ ଦ୍ୱାରା ପ୍ରସ୍ତୁତ ହେଉଛି। ଶିକ୍ଷା ଗ୍ରହଣରେ ଭାଷା ଯେପରି ବାଧକ ନ ସାଜେ ତାହାକୁ ନଜରରେ ରଖି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଓଡ଼ିଆ ଭାଷା ସମେତ ମୋଟ ୧୦ ଟି ଭାଷାରେ ପାଠ୍ୟ ପୁସ୍ତକ ଉପଲବ୍ଧ କରିବା ନେଇ ଘୋଷଣା କରିଥିଲେ । ପୂର୍ବରୁ ଓଡ଼ିଆ ଭାଷାରେ ପାଠ୍ୟ ବିଷୟ ଉପଲବ୍ଧ ନେଇ ଘୋଷଣା ହୋଇଥିବା ବେଳେ ଅଧାରୁ ଏହାର ପରିବର୍ତ୍ତନ ଠିକ ନୁହେଁ। ବହୁ ପ୍ରାଚୀନ ଓଡ଼ିଆ ଭାଷା ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଛି। ଆଇଟି କ୍ଷେତ୍ରରେ ଓଡିଶା ବର୍ତ୍ତମାନ ସମଗ୍ର ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚୟ ହାସଲ କରିଛି ।

# ମା'ଙ୍କ ମୃତ୍ୟୁର ୧୨ଦିନରେ ପୁଅର ହେଲା ଅକାଳ ବିୟୋଗ, ରୂପ୍‌ସାରେ ଶୋକର ଛାୟା

ବାଲେଶ୍ୱର, ୧୦/୬ (ନି.ପ୍ର): ମା'ଙ୍କ ହୃଦଘାତରେ ମୃତ୍ୟୁର ୧୨ଦିନରେ ପୁଅର ମୃତ୍ୟୁ ଘଟିବାକୁ ନେଇ ସମଗ୍ର ରୂପ୍‌ସା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ରୂପ୍‌ସାର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ, ଜଣାଶୁଣା ଶ୍ରମିକ ନେତା ଓ ବିଭିନ୍ନ ସାମାଜିକ ସଂଗଠନର କାର୍ଯ୍ୟକର୍ତ୍ତା ତଥା ଆମ ପଞ୍ଚାୟତ ପତ୍ରିକାର ସମ୍ପାଦକ ଭଗବାନ ମହାପାତ୍ରଙ୍କ ପତ୍ନୀ ଇଚ୍ଛାମଣିଙ୍କର ହୃଦଘାତରେ ମୃତ୍ୟୁ ହେବାର ୧୧ ଦିନରେ ତାଙ୍କର ବଡ଼ପୁଅ ଚତୁର୍ଭୁଜ ମାଆର ଶୁଦ୍ଧିକ୍ରିୟା କର୍ମ ସମ୍ପାଦନ କରିଥିଲେ । ମାତ୍ର ୧୨ ଦିନ ସକାଳେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପ୍ରଥମେ ବାଲେଶ୍ୱର ହସ୍ପିଟାଲକୁ ଅଣାଯାଇଥିଲା ଓ ସେଠାରୁ ଭୁବନେଶ୍ୱର ଆପୋଲୋ ହସ୍ପିଟାଲକୁ ନିଆଯାଇଥିଲା । ହସ୍ପିଟାଲ ପହଁଚିଲା ବେଳକୁ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା କଥା ସେଠାକାର ଡାକ୍ତର ଘୋଷଣା କରିଥିଲେ । ଚତୁର୍ଭୁଜ ଥିଲେ ଅବିବାହିତ । ଜୀବନବୀମା ନିଗମରେ କାର୍ଯ୍ୟରତ ଚତୁର୍ଭୁଜଙ୍କର ବୟସ ହୋଇଥିଲା ମାତ୍ର ୪୬ ବର୍ଷ । ଚତୁର୍ଭୁଜଙ୍କର ଆଉ ତିନିଭାଇ ରହିଛନ୍ତି । ତେବେ ମାଆଙ୍କ ମୃତ୍ୟୁର ୧୨ ଦିନରେ ବଡ଼ପୁଅର ମୃତ୍ୟୁ ଭଳି ଦାରୁଣ ସମ୍ବାଦ ସମଗ୍ର ରୂପ୍‌ସା ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଶୋକରର ଛାୟା ଖେଳିଯାଇଛି । ତାଙ୍କର ପିତା ଭଗବାନ ମହାପାତ୍ର ସ୍ତ୍ରୀ ଓ ବଡ଼ପୁଅକୁ ହରାଇ ଗଭୀର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଏଭଳି ଦୁଃଖଦ ଖବର ପାଇ ଭଗବାନ ମହାପାତ୍ରଙ୍କୁ ଭଲ ପାଉଥିବା ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ସମବେଦନା ଜଣାଇ ଧୈର୍ଯ୍ୟ ରକ୍ଷା କରିବାକୁ କହିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ନିୟତିର ଏଇ ନିଷ୍ଠୁର ଇଚ୍ଛାଶକ୍ତି ନିକଟରେ ପରାସ୍ତ ହୋଇ ବଞ୍ଚିବାକୁ ପଡ଼ିବ ବୋଲି ନିଜ ନିଜର ଶୋକବାର୍ତ୍ତାରେ ଜଣାଇଛନ୍ତି । ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡା, ଧ୍ୱନିପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ସମେତ ଅନେକ ବ୍ୟକ୍ତି ଶ୍ରୀ ମହାପାତ୍ରଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ।

# କରୋନା କଟକଣାରୁ ବାଲେଶ୍ୱରରେ ଫିକା ସାବିତ୍ରୀ ବ୍ରତ



ବାଲେଶ୍ୱର,୧୦/୦୬ (ନି.ପ୍ର): ଅନ୍ୟାନ୍ୟ ପର୍ବପର୍ବାଣୀ ଭଳି କରୋନା କଟକଣା ଚଳିତ ବର୍ଷର ସାବିତ୍ରୀ ବ୍ରତ ବି ଫିକା କରିଦେଇଛି। ଦ୍ୱିତୀୟ ଲହର କରୋନା ସଂକ୍ରମଣକୁ ଗୁରୁତ୍ୱ ଦେଇ ବାଲେଶ୍ୱରର ବିବାହିତ ମହିଳାମାନେ ଗୁରୁବାର ଶ୍ରଦ୍ଧା ଓ ଭକ୍ତିର ସହିତ ପାଳନ କରିଛନ୍ତି ଉତ୍କଳୀୟ ସଂସ୍କୃତିର ଅନନ୍ୟ ପର୍ବ "ସାବିତ୍ରୀ ବ୍ରତ'। ସହର ସମେତ ଜିଲାର ଅଧିକାଂଶ ବିବାହିତା ମହିଳାମାନେ ମନ୍ଦିର ଯିବା ପରିବର୍ତ୍ତେ ଘରେ ରହି ପୂଜାର୍ଚ୍ଚନା କରିଥିବା ଲକ୍ଷ୍ୟ କରାଯାଇଛି। ୫/୭ ପରିବାରର ମହିଳା ମିଶି ଗୋଟିଏ ସ୍ଥାନରେ ବ୍ରାହ୍ମଣଙ୍କ ଦ୍ୱାରା ଏହି ପୂଜା କରିଥିଲେ। କାଁ ଭାଁ ମହିଳାମାନେ ମନ୍ଦିରକୁ ଯାଇ ଦେବାଦେବୀ ଦର୍ଶନ ସହ ଫେରୁଥିବା ଦେଖିବାକୁ ମିଳିଥିଲା। ମହାମାରୀ କରୋନା ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ସମଗ୍ର ରାଜ୍ୟରେ ଲାଗୁ ହୋଇଥିବା ନିୟମକୁ ମାନି ସେମାନେ ଏହି ବ୍ରତ ପାଳନ କରିଥିବା କେତେକ ମହିଳା ସୂଚନା ଦେଇଛନ୍ତି। ଏନେଇ ସେମାନେ ମନ୍ଦିରକୁ ଆସିଥିଲେ ମଧ୍ୟ ସାମାଜିକ ଦୂରତା ରକ୍ଷା କରି ଦେବଦର୍ଶନ କରୁଥିବା କହିଥିଲେ। ତେବେ ଜୀବନ ବଞ୍ଚି ରହିଲେ ଓ ମହାମାରୀ କରୋନା ଦେଶରୁ ହଟିଗଲେ ଆସନ୍ତା ବର୍ଷ ପୁଣି ଉତ୍ସାହ ଉଦ୍ଦୀପନାରେ ଏହି ବ୍ରତ ପାଳନ କରିପାରିବା ବୋଲି ସେମାନେ ଆଶା ପ୍ରକାଶ କରିଥିଲେ।

# ବାଲିଗୁଡା ବାରଖମାରେ ବଜ୍ରାଘାତରେ ୬ ଗାଈ ମୃତ

କନ୍ଧମାଳ,୧୦/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅଂଚଳର ବାରଖମା ଅଂଚଳରେ ବୁଧବର ସଂଧ୍ୟା ସମୟରେ କାଳବୈଶାଖି ବଜ୍ରାଘାତ ଯୋଗୁଁ ୬ଟି ଗାଈଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ବାଲିଗୁଡା ଏବଂ ବାରଖମା ଅଂଚଳରେ ଘଟିଥିବା ପ୍ରକୃତିର ତାଣ୍ଡବରେ ଏହିଭଳି ଘଟଣା ଘଟିଛି। କାଳବୈଶାଖି ସମୟରେ ବାରଖମା ଫାଣ୍ଡି ନିକଟରେ ଥିବା ଏକ ଗଛ ମୂଳରେ ବର୍ଷା ଯୋଗୁଁ ଆଶ୍ରୟ ନେଇଥିବା ୬ଟି ଗୁରୁଙ୍କର ଭୀଷଣ ବଜ୍ରପାତ ଯୋଗୁଁ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଛି । ମୃତ ଗୋରୁ ମାନଙ୍କର ମାଲିକ ମାନଙ୍କୁ ଏଥିପାଇଁ ତି ପୁରଣ ପ୍ରଦାନ କରିବାକୁ ପ୍ରଶାସନ ନିକଟରେ ଦାବୀ ହୋଇଛି ।

# ଅବସରପ୍ରାପ୍ତ ଯୁଗ୍ମ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପରଲୋକ



ବାରିପଦା,୧୦/୦୬ (ନି.ପ୍ର): ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ଯୁଗ୍ମ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ତଥା ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ବିନୟ କୁମାର ଅଗରୱାଲାଙ୍କ ସତୁରୀ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ କର୍କଟ ରୋଗରେ ଆକ୍ରାନ୍ତ ଥିଲେ ଏବଂ ଭୁବନେଶ୍ୱରସ୍ଥ ଆମ୍ରି ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଥିଲା । ବୁଧବାର ଦିନ ବାରିପଦା ସ୍ଥିତ ବାରୁଣୀ ଶ୍ମଶାନଘାଟରେ ତାଙ୍କର ବଡପୁଅ ଇଂ ଚନ୍ଦନ ଅଗ୍ରୱାଲ ମୁଖାଗ୍ନି ଦେଇ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି । ସ୍ୱର୍ଗତ ଅଗ୍ରୱାଲ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ସହିତ ବହୁ ବର୍ଷରୁ ଜଡିତ ମଧ୍ୟ ଥିଲେ । ତାଙ୍କ ପତ୍ନୀ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ତଥା ବରିଷ୍ଠ ସ୍ତ୍ରୀ-ପ୍ରସୂତି ବିଶେଷଜ୍ଞ ଡା. ସଞ୍ଜିବନୀ ଅଗରୱାଲା ଓ ଦ୍ୱିତୀୟ ପୁତ୍ର ବ୍ୟବସାୟୀ ରଞ୍ଜନ । ସେ ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗରୱାଲାଙ୍କ ସାନଭାଇ । ମୃତ୍ୟୁ ଖବର ପାଇ ବିଭିନ୍ନ ସଂସ୍ଥା ତଥା ବ୍ୟକ୍ତି ବିଶେଷ ତାଙ୍କର ବାରିପଦା ବାସଭବନଠାରେ ପହଞ୍ଚି ଅନ୍ତିମ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ତାଙ୍କ ବିୟୋଗରେ ସମଗ୍ର ଜିଲ୍ଲାରେ ଗଭୀର ଶୋକର ଛାୟା ଖେଳିଯାଇଛି ।

# ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ କରୋନା ସହାୟତା ଅଭିଯାନ ଆରମ୍ଭ



ବାଲେଶ୍ୱର,୧୦/୦୬ (ନି.ପ୍ର): ସାମ୍ପ୍ରତିକ ଦ୍ୱିତୀୟ ଲହର କରୋନା ପ୍ରଭାବିତଙ୍କ ସହଯୋଗର ହାତ ବଢ଼ାଇବା ଆରମ୍ଭ କରିଛି 'ବାଲେଶ୍ୱର ମାରୱାଡି ଯୁବା ମଞ୍ଚ'। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସହାୟତା ପ୍ରଦାନ ଅଭିଯାନକୁ ଶୁଭାରମ୍ଭ କରିବା ସହ ମାରୱାଡି ଯୁବା ମଞ୍ଚର ସମାଜକଲ୍ୟାଣ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ମଞ୍ଚର ରାଜ୍ୟ ଉପ-ସଭାପତି ମୋହିତ ପୋଦାର, ରାଜ୍ୟ ସମ୍ପାଦକ ରାଜେଶ ବାନ୍ଦେରା, ବାଲେଶ୍ୱର ଶାଖା ସଭାପତି ରୀତେଶ ଅଗ୍ରୱାଲ, ସମ୍ପାଦକ ଅମିତ ଅଗ୍ରୱାଲ, ଉତ୍କଳ ପ୍ରଦେଶ ମାରୱାଡି ସମିତିର ରାଜେଶ ଅଗ୍ରୱାଲ, ବାଲେଶ୍ୱର ମାରୱାଡ଼ି ମହିଳା ସମିତିର ସଭାନେତ୍ରୀ ନିଶା ମୋଦି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କୋଭିଡ ସହାୟତା ପ୍ରଦାନ ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଯୁବା ମଞ୍ଚ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ଅକ୍ସିଜେନ ହବରେ ୧୧ଟି ଅମ୍ଳଜାନ ସିଲିଣ୍ଡର, ୨ଟି ଅମ୍ଳଜାନ କନସେନଟ୍ରେଟର ରଖାଯାଇଥିବା ବେଳେ କରୋନା ରୋଗୀଙ୍କ ଆବଶ୍ୟକତା ଅନୁଯାୟୀ ପ୍ରଦାନ କରାଯିବ ବୋଲି ସେମାନେ ସୂଚନା ଦେଇଥିଲେ। ସେହପରି ରାସ୍ତାରେ ବିଚରଣ କରୁଥିବା ପଶୁଙ୍କୁ ପାନୀୟ ଜଳ ପ୍ରଦାନ ପାଇଁ ୧୧ଟି ଗୋ କୁଣ୍ଡ ସ୍ଥାପନ କରାଯିବା ସହ ସେମାନଙ୍କ ଖାଦ୍ୟ ପାଇଁ ୫ଶହ ତରଭୁଜ ପ୍ରଦାନ କରାଯିବ । ଏଥିସହିତ ୩୦ ହଜାର ମାସ୍କ, ୧ହଜାର ବୋତଲ ସାନିଟାଇଜର ଏବଂ କରୋନା କଟକଣାରେ ପ୍ରଭାବିତ ଏକ ହଜାର ଗରିବ ପରିବାରଙ୍କୁ ୩୦ଦିନର ରାସନ କିଟ ମଞ୍ଚ ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ପ୍ରଦାନ କରାଯାଇଥଲା । କେନ୍ଦ୍ରମନ୍ତ୍ରୀ ସ୍ୱେଚ୍ଛାସେବୀ ମାଧ୍ୟମରେ ସହାୟତା ସମାଗ୍ରୀକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଦାୟିତ୍ୱ ନେଇଥିଲେ । ଆଗାମୀ ଦିନରେ ଅଧିକ ସଂଖ୍ୟକ ଲୋକଙ୍କ ନିକଟରେ ସହାୟତା ପ୍ରଦାନ ପାଇଁ ମଞ୍ଚ ଚେଷ୍ଟା କରିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ । ମାରୱାଡି ଯୁବା ମଂଚର ରାଷ୍ଟ୍ରୀୟ ତଥା ରାଜ୍ୟସ୍ତରୀୟ କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲ ମୋଡ଼ରେ ଯୋଗ ଦେଇଥିଲେ ।

# ୨୦୨୨ ସୁଦ୍ଧା ଶେଷ ହେବ ଅନ୍ଧାରୁଆ ମଡେଲ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟ

ଭୁବନେଶ୍ୱର,୧୦/୦୬ (ନି.ପ୍ର): ଭୁବନେଶ୍ୱରରର ଅନ୍ଧାରୁଆଠାରେ ନିର୍ମାଣାଧୀନ ମଡେଲ ଆଦର୍ଶ ବିଦ୍ୟାଳୟର ପାଚେରୀ କାନ୍ଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ପୂର୍ଣ୍ଣାଙ୍ଗ କାର୍ଯ୍ୟ ୨୦୨୨ ସୁଦ୍ଧା ଶେଷ କରିବାକୁ ନିଷ୍ପତି ନିଆଯାଇଛି । ଓଡ଼ିଶାର ବିଭିନ୍ନ ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୫୦୦ ଜଣ ମେଧାବୀ ବିଦ୍ୟାର୍ଥୀଙ୍କୁ ମେଡିକାଲ, ଇଂଜିନିୟରିଂ ଏବଂ ଅନ୍ୟ ପ୍ରବେଶିକା ପରୀକ୍ଷା ପାଇଁ ଏଠାରେ ପ୍ରଶିକ୍ଷଣ ଦିଆଯିବ । ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ଜାରି ରହିଥିବା ନିର୍ମାଣ କାର୍ଯ୍ୟ ବାବଦରେ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ଏହା ଆଦର୍ଶ ବିଦ୍ୟାଳୟ ସଂଗଠନର ଉପଦେଷ୍ଟା ସ୍ୱର୍ଗତ ବିଜୟ କୁମାର ସାହୁଙ୍କର ଏକ ଅଭିଳଷିତ ପ୍ରକଳ୍ପ ଥିଲା ଏବଂ ପ୍ରମୁଖ ଶାସନ ସଚିବ ଆଗାମୀ ଶିକ୍ଷାବର୍ଷରୁ ଏଠାରେ ଶିକ୍ଷାରମ୍ଭ କରି ସଂଗଠନର ଉପଦେଷ୍ଟାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ପ୍ରଦର୍ଶନ କରିବାକୁ କହିଥିଲେ ।ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ଟାଟା ଷ୍ଟିଲ୍ ଦ୍ୱାରା ଜାରି ରହିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟର ସମୀକ୍ଷା କରାଯିବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହି କାର୍ଯ୍ୟଗୁଡ଼ିକ ସଂପୂର୍ଣ୍ଣ କରିବା ପାଇଁ ନିବେଦନ କରାଯାଇଥିଲା । ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଏବଂ ବରଗଡ଼ର ଜିଲ୍ଲାପାଳମାନଙ୍କୁ ଜମିଜମା ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ସହ ଜମିର ମାଲିକାନା ନିର୍ବାହୀ ଯନ୍ତ୍ରୀମାନଙ୍କୁ ହସ୍ତାନ୍ତର କରିବାକୁ କୁହାଯାଇଥିଲା। କେଉଁଝର, ଯାଜପୁର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାମାନଙ୍କରେ ବିଦ୍ୟାଳୟଗୁଡ଼ିକର ଉନ୍ନତିକରଣ ପାଇଁ ଓମ୍‌ବାଡ୍‌ସ ପାଣ୍ଠିରେ ନିର୍ମିତ ହେଉଥିବା ହଷ୍ଟେଲ, ପଚୋରୀ କାନ୍ଥ, ସାଇକେଲ ଷ୍ଟାଣ୍ଡ, ଗମନାଗମନ ରାସ୍ତା ଆଦି ବାବଦରେ ମଧ ସମୀକ୍ଷା କରାଯାଇଥିଲା ।

# ମୋଦି ସରକାରଙ୍କ ଡ୍ୟାମେଜ କଂଟ୍ରୋଲ ଘୋଷଣାକୁ ନିରଂଜନଙ୍କ ନିନ୍ଦା

ଭୁବନେଶ୍ୱର,୧୦/୦୬(ନି.ପ୍ର): ଡ୍ୟାମେଜ କଂଟ୍ରୋଲ ପାଇଁ କେନ୍ଦ୍ର ମୋଦି ସରକାର ଭାରତବାସୀଙ୍କୁ ମାଗଣା କରୋନା ଟୀକା, ମାଗଣା ଚାଉଳ ଓ ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି। ଉପରୋକ୍ତ ତିନୋଟି ବିଷୟରେ ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଆଜି ଏକ ପ୍ରେସ ବାର୍ତାରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ନିଜର ଭାବମୂର୍ତ୍ତିକୁ ସଜାଡ଼ିବାକୁ ଯାଇ ମୋଦି ସରକାର ବାଧ ହୋଇ ୧୮ରୁ ୪୪ ବର୍ଷର ଲୋକମାନଙ୍କର ଟୀକକରଣର ଦାୟିତ୍ୱ ନେଲେ। ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନାରେ ଯେଉଁ ୮୦ କୋଟି ଲୋକଙ୍କୁ ୬ ମାସ ପାଇଁ ଖାଦ୍ୟଶସ୍ୟ ବା ରେସନ ଯୋଗାଇ ଦେଇଛନ୍ତି ବୋଲି ସାରାଦେଶରେ ଡିଣ୍ଡିମ ପିଟୁଛନ୍ତି ତାହା ପ୍ରକୃତକ୍ଷେ ଲୋକଙ୍କୁ ରକ୍ଷା କରିବା ପାଇଁ ନା ଉପହାସ କରିବା ପାଇଁ? କରୋନା ମହାମାରୀ ସମୟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୟୁଣ୍ଟାଲ ପିଛ ୭୨ ଟଙ୍କା ବୃଦ୍ଧି କରିବା ଅର୍ଥାତ କିଲୋ ପିଛା ୭୨ ପଇସା ବୃଦ୍ଧି କରିବା ସମୁଦ୍ରକୁ ଶଙ୍ଖେ ବୋଲି ଶ୍ରୀ ପଟ୍ଟନାୟକ ତାଚ୍ଛଲ୍ୟ କରିଛନ୍ତି। ସେ କହିଛନ୍ତି ଦେଶରେ ବେରୋଜଗାରୀ ବଢ଼ିଛି, ଗରୀବ ଲୋକମାନେ ହନ୍ତସନ୍ତ ହେଉଛନ୍ତି ଏବଂ ମଧ୍ୟବିତ ଓ ନିମ୍ନମଧ୍ୟବିତ ଲୋକମାନଙ୍କ ପାଇଁ କିଛି ସୁବିଧା ବା ଯୋଜନା ନଥିବାରୁ ସେମାନେ ବଂଚିବା ପାଇଁ ସଂଘର୍ଷ କରୁଛନ୍ତି। ବର୍ତ୍ତମାନ ପେଟ୍ରୋଲ ଓ ଡିଜେଲ ଲିଟର ପାଖାପାଖି ୩୦ ଟଙ୍କା ବୃଦ୍ଧି କରି ୧୦୦ ଟଙ୍କାରେ ପଂହଚିଲାଣି।

# ବାସୁଦେବପୁରରେ ବାତ୍ୟା ସହାୟତାରେ ଘୋଟାଲା : ପ୍ରଶାସନକୁ ଅଭିଯୋଗ କଲା ବିଜେପି ଯୁବମୋର୍ଚ୍ଚା



ଭଦ୍ରକ,୧୦/୦୬ (ନି.ପ୍ର): ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ବାତ୍ୟା 'ଯଶ' କ୍ଷତିଗ୍ରସ୍ତଙ୍କୁ ପ୍ରଦାନ କରାଯାଉଥିବା ସହାୟତାରେ ବ୍ୟାପକ ଦୁର୍ନୀତି ହେଉଥିବା ବେଳେ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ବିଜେପି ଯୁବମୋର୍ଚ୍ଚା ଅଭିଯୋଗ କରିଛି। ଆଜି ଜିଲ୍ଲାପାଳଙ୍କୁ ଏ ନେଇ ମୋର୍ଚ୍ଚା ପକ୍ଷରୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ଉପସଭାପତି ଉଦୟ ନାରାୟଣ ମଲ୍ଲିକଙ୍କ ନେତୃତ୍ୱରେ ପଦ୍ମପୁର ମଣ୍ଡଳ ଯୁବମୋର୍ଚ୍ଚା ସଭାପତି କୃପାସିନ୍ଧୁ ଦାସ, ବାସୁଦେବପୁର ନଗରମୋର୍ଚ୍ଚା ସଭାପତି ତାଜୁ ଖାଁ, ମହେଶ୍ୱର ଧଳ, ରାଜେନ୍ଦ୍ର ବାରିକ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର କରଞ୍ଜଆଡ଼ିଆ, ନାୟକାଣିଡିହି, ମାଳିମୁଣ୍ଡା, ରାଜଘରପୋଖରୀ, କୃଷ୍ଣପୁର, ଚୁଡାମଣି ଭଳି ଉପକୂଳ ଅଞ୍ଚଳରେ ବାତ୍ୟା ଯଶ ବ୍ୟାପକ କ୍ଷତି ଘଟାଇଛି। ସରକାରଙ୍କ ଦ୍ୱାରା ବଣ୍ଟନ ହେଉଥିବା ସହାୟତା ବାସ୍ତବ କ୍ଷତିଗ୍ରସ୍ତ ପାଉ ନ ଥିବା ବେଳେ କ୍ଷତିଗ୍ରସ୍ତ ହୋଇ ନଥିବା ଲୋକଙ୍କୁ ଦଳୀୟ ଭିତ୍ତିରେ ପ୍ରଦାନ କରାଯାଉଛି। ଅନେକ ସ୍ଥାନରେ ପ୍ରଦାନ ହେଉଥିବା ରିଲିଫ୍ ସାମଗ୍ରୀର ପରିମାଣ ମଧ କମ୍ ଦିଆ ଯାଉଛି। ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀ ଶାସକ ଦଳର ଏଜେଣ୍ଟ ଭଳି କାର୍ଯ୍ୟ କରୁଛନ୍ତି। ଏ ସବୁକୁ କରା ନଯାଇ ବାସ୍ତବ କ୍ଷତିଗ୍ରସ୍ତଙ୍କୁ ସରକାରୀ ଧାର୍ଯ୍ୟ ପରିମାଣରେ ସହାୟତା ଯୋଗାଇବାକୁ ଶ୍ରୀ ମଲ୍ଲିକ ଦାବି କରିଛନ୍ତି। ଜିଲ୍ଲାପାଳ ତୁରନ୍ତ ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ ନକଲେ ବାସୁଦେବପୁର ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ନୃତ୍ୟ ସଂଗୀତ କଳାମନ୍ଦିରର ପୃଷ୍ଠପୋଷକ ହିମାଂଶୁ ଦାସଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର,୧୦/୦୬ (ନି.ପ୍ର): ଓଡ଼ିଶାର ଅନ୍ୟତମ ପୁରାତନ ଅନୁଷ୍ଠାନ ନୃତ୍ୟ-ସଂଗୀତ କଳାମନ୍ଦିର ବାଲେଶ୍ୱରର ପୃଷ୍ଠପୋଷକ ସଭ୍ୟ ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟକରି ଅନୁଷ୍ଠାନର ପ୍ରଗତିରେ ସଦା ଯୋଗଦାନ ରଖି ଆସିଥିବା ହିମାଂଶୁ ଦାସଙ୍କ ବିୟୋଗରେ ଆଜି ଅନୁଷ୍ଠାନ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ଉପସଭାପତି ଶ୍ରୀମତୀ ସୁବାସିନୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂପାଦକ ତଥା ବରିଷ୍ଠନାଗରିକ ଶରତ ଚନ୍ଦ୍ର ଦାଶ ହିମାଂଶୁ ବାବୁଙ୍କର ବାଲେଶ୍ୱର ଜନଜୀବନ ପ୍ରତି ଥିବା ବିବିଧ ଅବଦାନର ସ୍ମୃତିଚାରଣ କରି ତାଙ୍କ ବିୟୋଗ ବାଲେଶ୍ୱର ଜିଲ୍ଲା ପାଇଁ ଅପୂରଣୀୟ କ୍ଷତି ବୋଲି ବର୍ଣ୍ଣନା କରିଥିଲେ । ଅନୁଷ୍ଠାନର ଆଜୀବନ ସଦସ୍ୟ ସୁଜିତ୍ କୁମାର ଦେବ, ପ୍ରଣବ କୁମାର ଦାସ, ଲକ୍ଷ୍ମୀନାରାୟଣ ଘୋଷ, ବ୍ରାହ୍ମନାଥ ରଥ, ଉତ୍ପଳ କୁମାର ମହାନ୍ତି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କାଳୀପଦ ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ବ୍ୟବସାୟକୁ ୧୦୦୦ କୋଟି ଟଙ୍କାରେ ପହଂଚାଇବାକୁ ନିଷ୍ପତ୍ତି

ଭୁବନେଶ୍ୱର,୧୦/୦୬ (ନି.ପ୍ର): ଆଜି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ବ୍ୟବସାୟ ଓ କାର୍ଯ୍ୟକାରିତା ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଭର୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ନିଗମର ବିଭିନ୍ନ ବିଭାଗର କାର୍ଯ୍ୟକାରିତା ଉପରେ ଆଲୋଚନା କରି ପ୍ରମୁଖ ଶାସନ ସଚିବ ଶ୍ରୀ ସାହୁ ବ୍ୟବସାୟର ଗୁଣାତ୍ମକ ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ବିଭାଗ ତରଫରୁ ଯାହାସବୁ ସହଯୋଗ ଆବଶ୍ୟକ ତାହା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ନିଗମର ବିଟୁମିନ୍ ବ୍ୟବସାୟରେ ତ୍ୱରିତ ଅଭିବୃଦ୍ଧି ଆଣିବା ପାଇଁ ମଧ୍ୟ ପୂର୍ତ୍ତ ସଚିବ ଶ୍ରୀ କିଷନ୍ କୁମାର ଏବଂ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ବର୍ତ୍ତମାନ ବିଟୁମିନ୍ ବ୍ୟବସାୟ ପ୍ରାୟ ୨୦ କୋଟି ଟଙ୍କା ଥିବାବେଳେ ଏହାକୁ ୧୫୦ କୋଟି ଟଙ୍କାରେ ପହଂଚାଇବା ପାଇଁ ସେ ନିର୍ଦ୍ଦେଶ ଦେ ଇଥିଲେ । କୃଷି ନିର୍ଦ୍ଦେଶକ ଶ୍ରୀ ମୁଥୁକୁମାରଙ୍କ ସହ ଭର୍ଚୁଆଲ୍ ମାଧ୍ୟମରେ କଥା ହୋଇ ନିଗମକୁ ରାଜ୍ୟରେ ଆବଶ୍ୟକ ହେଉଥିବା କୃଷି ଯନ୍ତ୍ରପାତିର ଅନ୍ତତଃ ପକ୍ଷେ ୨୫ ପ୍ରତିଶତ କ୍ଷୁଦ୍ର ଶିଳ୍ପ ନିଗମ ଜରିଆରେ ଯୋଗାଇଦେବା ପାଇଁ ଅନୁରୋଧ କରିଥିଲେ । ଏହା ଦ୍ୱାରା କୃଷି ଯନ୍ତ୍ରପାତିରେ ନିଗମ ପ୍ରାୟ ୫୦ କୋଟି ଟଙ୍କାର ବ୍ୟବସାୟ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଓଡ଼ିଶାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଶିଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକୁ ବିକ୍ରି କରାଇବା ପାଇଁ ପ୍ରାଥମିକତା ଦେବା ସହ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ବ୍ୟବସାୟକୁ ଆସନ୍ତା ଆର୍ଥିକ ବର୍ଷ ସୁଦ୍ଧା ୧୦୦୦ କୋଟି ଟଙ୍କାରେ ପହାଇବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଯୋଜନାକୁ ଫଳପ୍ରଦ କରିବାକୁ ମଧ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ । ଚଳିତ ବର୍ଷ ନିଗମ ପାଇଁ ସରକାର ବଜେଟ୍‌ରେ ଆର୍ଥିକ ବ୍ୟବସ୍ଥା କରିଥିବା ବିଷୟ ସେ ଉଲ୍ଲେଖ କରିଥିଲେ । ସମୀକ୍ଷା ବୈଠକରେ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ଅଧ୍ୟକ୍ଷ ଚିନ୍ମୟ କୁମାର ସାହୁ ଜଣାଇଥିଲେ ଯେ ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ପ୍ରାୟ ୬୧୫ କୋଟି ଟଙ୍କାର ବ୍ୟବସାୟ ସର୍ବକାଳୀନ ରେକର୍ଡ କରିଛି, ଯାହାକି ପୂର୍ବବର୍ଷ ତୁଳନାରେ ପ୍ରାୟ ୧୭% ଅଧିକ।

# ଦିନକରେ ଚିହ୍ନଟ ୩୯୨ ନୂଆ କରୋନା ସଂକ୍ରମିତ

ବାଲେଶ୍ୱର,୧୦/୦୬ (ନି.ପ୍ର): ବାଲେଶ୍ୱର ଜିଲା କରୋନା ସଂକ୍ରମଣର ଉଠାଣ ଗଡ଼ାଣ ସ୍ଥିତି ସମ୍ପ୍ରତି ଜିଲା ସ୍ୱାସ୍ଥ୍ୟ ବିଭାଗ ସମେତ ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ଗତ କିଛିଦିନ ଧରି ଦୈନିକ ସଂକ୍ରମଣ ହାର ହ୍ରାସ ପାଇଥିବା ବେଳେ ଏବେ ପୁଣି ବଢୁଥିବା ଲକ୍ଷ୍ୟ କରାଯାଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲାର ବିଭିନ୍ନ ଅଂଚଳରୁ ୩୯୨ ଜଣ କରୋନା ସଂକ୍ରମିତ ରହିଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ପୁଲିସ ଲାଇନରୁ ୫ଜଣ, ମାଣିଖମ୍ବରୁ ୩, ଦାମୋଦରପୁରରୁ ୨, ବାରବାଟୀରୁ ୨, ମୋତିଗଞ୍ଜରୁ ୨ ଓ ଭାସ୍କରଗଞ୍ଜରୁ ୨ଜଣଙ୍କ ସମେତ ଆକତପୁର, ଭୋଇସାହି, ଦେୱାନପାଟଣା, ଜିଲା ମୁଖ୍ୟ ଚିକିତ୍ସାଳୟ, ଆଇଟିଆଇ ଛକ, ମୀର୍ଜାପୋଖରୀ, ନଲମଗଞ୍ଜ, ପୁରୁଣା ବାଲେଶ୍ୱର, ପାତ୍ରପଡ଼ା, ରାଣୀପାଟଣା, ସହଦେବଖୁଣ୍ଟା, ସୁନହଟ ପ୍ରଭୃତି ଅଂଚଳରୁ ଜଣେ ଲେଖାଏଁ ଅଛନ୍ତି। ସେହିଭଳି ଆଜି ଦିନକରେ ବାହାନଗା ବ୍ଲକରୁ ୩ଜଣ, ବାଲିଆପାଳରୁ ୩୬, ବସ୍ତାରୁ ୬୩, ଭୋଗରାଇରୁ ୮, ଜଳେଶ୍ୱରରୁ ୧୯, ଖଇରାରୁ ୬୧, ନୀଳଗିରିରୁ ୩୮, ଔପଦାରୁ ୨, ରେମୁଣାରୁ ୩୧ଜଣ, ସଦରରୁ ୩୭, ସିମୁଳିଅରୁ ୨୭ ଓ ସୋର ବ୍ଲକରୁ ୩୯ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ସମସ୍ତ ନୂଆ ସଂକ୍ରମିତ ପୂର୍ବ ଆକ୍ରାନ୍ତରେ ସଂସ୍ପର୍ଶରେ ଆସିଥିବା ରିପୋର୍ଟରେ କୁହାଯାଇଛି। ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଏବେ ୨୭,୯୫୧ରେ ପହଞ୍ଚିଥିବା ବେଳେ ଆଜି ଦିନକରେ ୪୫୨ ଜଣ ସୁସ୍ଥ ମଧ୍ୟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ୨୩,୮୯୪ ଜଣ ସୁସ୍ଥ ମଧ୍ୟ ହୋଇଛନ୍ତି। ଏବେ ସକ୍ରିୟ ଥିବା ୩,୯୪୧ ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୩୬୯୦ଜଣ ଗୃହ ସଙ୍ଗରୋଧରେ ଏବଂ ୨୦୩ ଜଣ ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କୌଣସି କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇନଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୧୬ରେ ସ୍ଥିର ରହିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo